

**ମଣ୍ଡପରେ ମା'** ଆଜି ମହାନବମୀ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | •VOLUME- 43 •ISSUE-98 •WEDNESDAY •1 OCTOBER 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୯୮ •ବୁଧବାର •୧ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ଟଙ୍କା ଦିଅ, ଚାକିରି ନିଅ

## ପୁଲିସ ଏସ୍‌ଆଇ ପଦ ନିଲାମ, ପ୍ରାରମ୍ଭିକ ମୂଲ୍ୟ ୨୫ ଲକ୍ଷ ଟଙ୍କା

■ **ବ୍ରହ୍ମପୁର/ଭୁବନେଶ୍ୱର, ୩୦।୯ (ସମିସ):** ନିଲାମ ହୋଇଛି ପୁଲିସ ଏସ୍‌ଆଇ ପଦ। ୨୫ ଲକ୍ଷରୁ ୩୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ଛିଡ଼ିଛି। ଶତାଧିକ ଆଶାୟୀଙ୍କଠାରୁ ଅଗ୍ରୀମ ୫ରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ ହୋଇଛି। ବକେୟା ଅର୍ଥ ପାଇଁ ସେମାନଙ୍କର ଶିକ୍ଷାଗତ ପ୍ରମାଣପତ୍ର ବନ୍ଧକ ରଖାଯାଇଛି। ଚାକିରି ପାଇଁ ମନୋନୀତ ହେବା ପରେ ସେମାନଙ୍କଠାରୁ ବକେୟା ଅର୍ଥ ଆଦାୟ କରାଯିବ ଓ ନିଯୁକ୍ତି ଭେରିଫିକେସନ ସମୟରେ ସାର୍ଟିଫିକେଟ ପ୍ରଦାନ କରାଯିବାକୁ ସର୍ତ୍ତ ରଖାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେଉଁ ସଂସ୍ଥାକୁ ପରୀକ୍ଷା ପରିଚାଳନା ପାଇଁ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ଦାୟିତ୍ୱ ଦେଇଛି; ସେହି ସଂସ୍ଥା ହିଁ ଏହି ପିଲାମାନଙ୍କୁ ପରୀକ୍ଷା ପାଇଁ ଅଭ୍ୟାସ କରାଇବାକୁ ହାଇଦ୍ରାବାଦ ନେଇଛି। ସିଧାସିଧା କହିଲେ ଚୋର ହାତରେ ଚାବିକାଠି ଧରାଇଛି ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ। ଅନ୍ୟପକ୍ଷରେ କେଉଁମାନେ ପରୀକ୍ଷା ପାଇଁ ଆବେଦନ କରିଛନ୍ତି ସେ ତଥ୍ୟ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ନିକଟରେ କିପରି ପହଞ୍ଚିଲା ବୋଲି ପ୍ରଶ୍ନ ଉଠିଛି ଏବଂ ଏଥିରେ ପ୍ରତ୍ୟକ୍ଷ ଭାବରେ ଓପିଆର୍‌ବିର ଭୂମିକାକୁ ▶ପୃଷ୍ଠା-୭

**ହାଇଦ୍ରାବାଦ ଯିବା ବେଳେ ଧରାପଡ଼ିଲେ ୧୧୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ**

**ବିଳମ୍ବିତ ରାତିରେ ଶ୍ରୀକାକୁଲମରେ ୩ଟି ବସ୍ ଅଟକାଇଲା ବ୍ରହ୍ମପୁର ପୁଲିସ**

**ବ୍ରହ୍ମପୁରରେ ଏଜେଣ୍ଟ ଓ ଆଶାୟୀଙ୍କୁ କ୍ରାଇମବ୍ରାଞ୍ଚ ଡିଜିଙ୍କ ମାରାଥନ ଜେରା**

## ପରୀକ୍ଷା ପୁଣି ସ୍ଥଗିତ

■ **ଭୁବନେଶ୍ୱର, ୩୦।୯ (ସମିସ):** ଓଡ଼ିଶା ପୁଲିସ ସବ୍ ଇନ୍ସପେକ୍ଟର (ଏସ୍‌ଆଇ) ନିଯୁକ୍ତି ପରୀକ୍ଷା ପୂର୍ବରୁ ଅଭ୍ୟାସ ପାଇଁ ହାଇଦ୍ରାବାଦ ଯାଉଥିବା ୧୧୦ ପିଲା ଧରାପଡ଼ିବା ପରେ ଆସନ୍ତା ୫ ଓ ୬ ତାରିଖରେ ହେବାକୁଥିବା ପରୀକ୍ଷାକୁ ବାତିଲ କରାଯାଇଛି। ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡର ଅଧ୍ୟକ୍ଷ ତଥା ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିଛନ୍ତି। ପୂର୍ବରୁ ଏହି ପରୀକ୍ଷା ମାର୍ଚ୍ଚ ୮ ଓ ୯ ତାରିଖରେ କରିବାକୁ ଧାର୍ଯ୍ୟ ହୋଇଥିଲା। ସେତେବେଳେ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଆଶାୟୀମାନେ ଅଭିଯୋଗ କରିଥିଲେ ହେଁ ପରୀକ୍ଷା ▶ପୃଷ୍ଠା-୭

## ବ୍ୟବସ୍ଥିତ ବିଫଳତା: ନବୀନ

■ **ଭୁବନେଶ୍ୱର, ୩୦।୯ (ସମିସ):** ରାଜ୍ୟରେ ଗୋଟିଏ ପରେ ଗୋଟିଏ ପରୀକ୍ଷାର ବିଭ୍ରାଟକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏହି ଘଟଣାକୁ ଉତ୍ଥାପନ କରି ନବୀନ ରାଜ୍ୟରେ ବିଭିନ୍ନ ପରୀକ୍ଷାରେ ହେଉଥିବା ତ୍ରୁଟି ଓ ଦୁର୍ନୀତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଆଜି ରାଜ୍ୟରେ ଆଉ ଏକ ନିଯୁକ୍ତି ପରୀକ୍ଷା ବାତିଲ ହୋଇଥିବା ଜାଣି ଆଶ୍ଚର୍ଯ୍ୟ ଲାଗୁଛି। ସବ୍-ଇନ୍ସପେକ୍ଟର ନିଯୁକ୍ତି ପାଇଁ ଉଦ୍ଦିଷ୍ଟ କମ୍ବାଇଣ୍ଡ ପୁଲିସ୍ ସର୍ଭିସ୍ ପରୀକ୍ଷା ୨୦୨୪କୁ ▶ପୃଷ୍ଠା-୭



ଏସ୍‌ଆଇ ନିଯୁକ୍ତି ପରୀକ୍ଷା ବାତିଲକୁ ନେଇ କ୍ଷୋଭ ପ୍ରକାଶ

## ଶାରୀରିକ ପରୀକ୍ଷାରେ ପାସ୍ କଲେ ନିଯୁକ୍ତି ପକ୍କା

■ **ଭୁବନେଶ୍ୱର, ୩୦।୯ (ସମିସ):** ଶାରୀରିକ ପରୀକ୍ଷାରେ ପାସ୍ କରିବା ପରେ ଚାକିରି ଗ୍ୟାରେଣ୍ଟି। ତେବେ ଏଥିପାଇଁ ଦେବାକୁ ହେବ ମୋଟା ଅଙ୍କର ଅର୍ଥରାଶି। ଯେଉଁ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଛି, ସେହି ସଂସ୍ଥା ପରୀକ୍ଷାର୍ଥୀଙ୍କୁ ପାସ୍ କରିବାକୁ ବି ଦାୟିତ୍ୱ ନେଇଥିବା ଅଭିଯୋଗ ହୋଇଛି। ହାଇଦ୍ରାବାଦରେ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା ନିମନ୍ତେ ପ୍ରସ୍ତୁତ କରାଯିବାକୁ ଯୋଜନା ଫସରଫାଟିବା ପରେ ଗୋଟିଗୋଟି ରହସ୍ୟ ପଦାକୁ ଆସୁଛି।

ଅଭିଯୋଗ ଅନୁସାରେ ଲେଖିପଢ଼ି ଜାଣୁଥିବା ପିଲାଙ୍କୁ ଦଲାଲ୍‌ଙ୍କ ଜରିଆରେ ଯୋଗାଯୋଗ କରାଯାଇଛି। ସେମାନଙ୍କୁ ପ୍ରଶ୍ନପତ୍ର ଅଭ୍ୟାସ କରାଇ ଅଧିକ ନମ୍ବର ରଖିବା ପାଇଁ ବ୍ୟବସ୍ଥା ବି ହୋଇଛି। କେବଳ ଶାରୀରିକ ପରୀକ୍ଷା ପରୀକ୍ଷା (୮ ମିନିଟ୍‌ରେ ୧୬୦୦ ମିଟର୍) ଅତିକ୍ରମ କରିପାରିଲେ ଚାକିରି ସୁନିଶ୍ଚିତ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇ ଅଗ୍ରୀମ ନିଆଯାଇଛି। ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଲିଖିତ ପରୀକ୍ଷା ସହ ▶ପୃଷ୍ଠା-୭

### ଦଶହରା ଶୁଭେଚ୍ଛା

ପବିତ୍ର ଦଶହରା ପର୍ବ ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣ, ପାଠକପାଠିକା, ବିଜ୍ଞାପନଦାତା, ଶୁଭେଚ୍ଛୁ ଓ ବିତରକ ବନ୍ଧୁଙ୍କୁ 'ସକାଳ' ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା।

### 'ସକାଳ'ର ଛୁଟି

ପବିତ୍ର ଦଶହରା ପର୍ବ ଉପଲକ୍ଷେ ଅକ୍ଟୋବର ୧, ୨ ଓ ୩ ତାରିଖ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୫ ତାରିଖ (ରବିବାର) ପ୍ରକାଶ ପାଇବ।

*ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ*

### ବିହାର ଏସ୍‌ଆଇଆର୍

## ୬୯ ଲକ୍ଷ ଭୋଟର୍ ବାଦ୍

■ **ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି):** ବିହାରରେ ବିବାଦୀୟ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟା ଶେଷ ହେବା ପରେ ଆଜି ନିର୍ବାଚନ କମିସନଙ୍କ ପକ୍ଷରୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଏଥିରେ ପ୍ରାୟ ୬୯ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଥିବା ବେଳେ ୨୧ ଲକ୍ଷ ନୂଆ ଭୋଟର ଯୋଡ଼ି ହୋଇଛନ୍ତି। ଏହାସହିତ ରାଜ୍ୟରେ ଭୋଟର ସଂଖ୍ୟା ୭ କୋଟି ୯୦ ଲକ୍ଷରୁ ୭ କୋଟି ୪୨ ଲକ୍ଷକୁ ହ୍ରାସ ପାଇଛି। ଏସ୍‌ଆଇଆର ମାମଲା ଏବେ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାବେଳେ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ସଂଶୋଧନ ପ୍ରକ୍ରିୟାରେ କୌଣସି ପ୍ରକାର ତ୍ରୁଟି ଦେଖାଦେଲେ ସମଗ୍ର ସଂଶୋଧନ ପ୍ରକ୍ରିୟାକୁ ବାତିଲ କରିଦିଆଯିବ। ଏସ୍‌ଆଇଆର ପ୍ରକ୍ରିୟାକୁ ବିରୋଧ କରି ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ସର୍ବୋଚ୍ଚ ଅଦାଲତଙ୍କ ▶ପୃଷ୍ଠା-୭

**ଯୋଡ଼ିହେଲେ ୨୧.୫ ଲକ୍ଷ ଭୋଟର**

**ଭୋଟର ସଂଖ୍ୟା ୭.୪୨ କୋଟିକୁ ଖସିଲା**




# ଚେନ୍ନାଇରେ କୋଠା ଭୁଶୁଡ଼ି ୧୦ ମୃତ


ଚେନ୍ନାଇ, ୩୦।୯: ତାମିଲନାଡୁ ରାଜଧାନୀ ଚେନ୍ନଇରେ ଆଜି ଏକ ନିର୍ମାଣାଧୀନ କୋଠା ଭୁଶୁଡ଼ି ପଡ଼ିବାରୁ ୧୦ ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ତେବେ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବା ସହିତ ଆହତମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଆଜି ସନ୍ଧ୍ୟା ବେଳେ ଏନ୍ନୋର ଥର୍ମାଲ ପାୱାର ଷ୍ଟେସନ ପରିସରରେ ଏହି ଦୁର୍ଘଟଣା ଘଟିଛି। ଭୁଶୁଡ଼ି ପଡ଼ିଥିବା କୋଠା ଭିତରେ ଏବେ ବି ଅନେକ ଲୋକ ଚାପି ହୋଇ ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଚାଲିଛି। ଉଦ୍ଧାର କାର୍ଯ୍ୟରେ ପୁଲିସ ଓ ଦମକଳ ବାହିନୀକୁ ନିୟୋଜିତ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ଶନିବାର ଦିନ ତାମିଲନାଡୁ କରୁରରେ ଆୟୋଜିତ ଏକ ଦଳୀୟ ରାଲିରେ ଦଳାଚକଟା ଯୋଗୁଁ ୪୧ ଜଣ ପ୍ରାଣ ହରାଇଥିଲେ।

# ପିଓକେରେ ପାକିସ୍ତାନ ବିରୋଧୀ ବିକ୍ଷୋଭ ଜୋରଦାର

ଇସଲାମାବାଦ, ୩୦।୯ (ଏଜେନ୍ସି): ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରେ ପାକିସ୍ତାନ ବିରୋଧୀ ବିକ୍ଷୋଭ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ହିଂସାତ୍ମକ ସଂଘର୍ଷରେ ୨ ଜଣଙ୍କ ମୃତ୍ୟୁ ହେବା ପରେ ପାକିସ୍ତାନ ସରକାର ଏବଂ ସେନାର ଅତ୍ୟାଚାର ବିରୋଧରେ ଲୋକେ ଆଜି ବିକ୍ଷୋଭକୁ ଜୋରଦାର କରିଛନ୍ତି। ଉତ୍ତ୍ୟକ୍ତ ଲୋକେ ପୋଲ ଉପରେ ରଖାଯାଇଥିବା କଣ୍ଟେନରଗୁଡ଼ିକୁ ନଦୀକୁ ଖସାଇ ଦେଇଛନ୍ତି। ପ୍ରଦର୍ଶନକାରୀଙ୍କୁ ରୋକିବା ପାଇଁ ସେନା ଏହି କଣ୍ଟେନରଗୁଡ଼ିକୁ ରଖିଥିଲା। ମୌଳିକ ଅଧିକାରକୁ ପ୍ରତ୍ୟାଖ୍ୟାନ କରିବା ନେଇ ଆୱାମୀ ଆକ୍ସନ୍ କମିଟି (ଏସିସି) ଚାଲିଥିବା ଏହି ବିକ୍ଷୋଭ ସମୟରେ ସୁରକ୍ଷାବାହିନୀ ସହ ଲୋକେ ମୁହାଁମୁହିଁ ହୋଇଥିଲେ। ଆଜି ଦୋକାନ, ବଜାର ଏବଂ ସ୍ଥାନୀୟ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ପରିବହନ ସେବା ମଧ୍ୟ ପ୍ରଭାବିତ ହୋଇଥିଲା।ଆଜି ପ୍ରଦର୍ଶନକାରୀମାନେ ପୁଲିସ ଉପରେ ପଥର ଫିଙ୍ଗିବା ସହିତ ପୁଣି ମୁହାଁମୁହିଁ ହୋଇଥିଲେ। ଏଥିରେ ଭୟଭୀତ ହୋଇ ସୁରକ୍ଷାକର୍ମୀ ପଛଘୁଞ୍ଚା ଦେଇଥିଲେ। ବିକ୍ଷୋଭକାରୀ ଠେଙ୍ଗାବାଡି ଏବଂ ଅସ୍ତ୍ରଶସ୍ତ୍ର ଧରି ପାକିସ୍ତାନ ବିରୋଧରେ ସ୍ଲୋଗାନ ଦେଇଥିଲେ। ୩୮ ଦାବି ପୂରଣ ପାଇଁ କହିଥିଲେ।

# ରିଆ ଚକ୍ରବର୍ତ୍ତୀଙ୍କୁ ଆଶ୍ୱସ୍ତି

ମୁମ୍ବାଇ, ୩୦।୯ (ଏଜେନ୍ସି): ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାରେ ଫସିଥିବା ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କୁ ବମ୍ବେ ହାଇକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ରିଆଙ୍କୁ



ପାସପୋର୍ଟ ଫେରାଇବା ପାଇଁ କୋର୍ଟ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)କୁ ନିର୍ଦ୍ଦେଶ ଦେଇଛନ୍ତି।ସୁଶାନ୍ତଙ୍କ ମୃତ୍ୟୁ ପରେ ଏକ ଡ୍ରଗ୍ସ ମାମଲାରେ ୨୦୨୦ରେ ରିଆଙ୍କୁ ଗିରଫ କରାଯାଇଥିଲା। ପାସପୋର୍ଟ ସମର୍ପଣ କରିବା ସର୍ତ୍ତରେ ଏହି ମାମଲାରେ ତାଙ୍କୁ ଜାମିନ ମିଳିଥିଲା। ପାସ୍‌ପୋର୍ଟ ପାଇଁ ରିଆ କରିଥିବା ଆବେଦନରେ କୁହାଯାଇଥିଲା ଯେ ଏହି ସର୍ତ୍ତ ଯୋଗୁଁ ତାଙ୍କର ବହୁ କ୍ଷତି ହେଉଛି। ତାଙ୍କ କାମରେ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ତାଙ୍କୁ ଅନେକ ପ୍ରୋଜେକ୍ଟ ହରାଇବାକୁ ପଡୁଛି। ଓକିଲ କହିଥିଲେ ଯେ ରିଆ ସମସ୍ତ ଜାମିନ ସର୍ତ୍ତାବଳୀ ପାଳନ କରିଛନ୍ତି। କେବେବି କୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ କରିନାହାନ୍ତି। ବୃତ୍ତି ପାଇଁ ତାଙ୍କୁ ସୁଟିଂ, ଅଡିସନ୍ ଏବଂ ବୈଠକ ପାଇଁ ବାରମ୍ବାର ବିଦେଶ ଯାତ୍ରା କରିବାକୁ ପଡିଥାଏ। ତେଣୁ ପାସପୋର୍ଟ ଫେରାଇବାକୁ ସେ ନିବେଦନ କରିଥିଲେ।

# ବିଜେପି ନେତା ବିଜୟ କୁମାରଙ୍କ ପରଲୋକ

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ବରିଷ୍ଠ ବିଜେପି ନେତା ବିଜୟ କୁମାର ମାଲହୋତ୍ରାଙ୍କ ପରଲୋକ ହୋଇଛି। ସେ ଗତ କିଛି ଦିନ ହେଲା ଦିଲ୍ଲୀ ଏମ୍ସରେ ଚିକିତ୍ସାଧିନ ଥିଲେ। ସେ ମଙ୍ଗଳବାର ସକାଳେ ୯୩ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦିବଂଗତ ମାଲହୋତ୍ରା ଦିଲ୍ଲୀରୁ ପାଞ୍ଚଥର ସାଂସଦ ଏବଂ ଦୁଇଥର ବିଧାୟକ ହୋଇଥିଲେ। ସେ ୧୯୮୦ରେ ଦିଲ୍ଲୀର ପ୍ରଥମ ବିଜେପି ସଭାପତି ହୋଇଥିଲେ। ୧୯୯୯ ଲୋକସଭା ନିର୍ବାଚନରେ ସେ ଦକ୍ଷିଣ ଦିଲ୍ଲୀରୁ କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ପରାସ୍ତ କରିଥିଲେ। ଜଣେ ସଚ୍ଚୋଟ ନେତା ଭାବେ ସେ ଖ୍ୟାତି ଅର୍ଜନ କରିଥିଲେ। ରାଜନୈତିକ କ୍ୟାରିୟରରେ ତାଙ୍କ ଉପରେ କୌଣସି ଦାଗ ଲାଗି ନ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ଅନେକ ବରିଷ୍ଠ ବିଜେପି ନେତା ତାଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ, ୧୩ ନିହତ

ଇସଲାମାବାଦ, ୩୦।୯ (ଏଜେନ୍ସି): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନରେ ମଙ୍ଗଳବାର ଅପରାହ୍ଣରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ବେଲୁଚିସ୍ତାନ ପ୍ରଦେଶ କ୍ୱେଟାର ଜରଘୁନ ରୋଡ ସ୍ଥିତ ଫ୍ରଣ୍ଟିୟର କନଷ୍ଟାବୁଲାରି (ଏଫ୍‌ସି) ମୁଖ୍ୟାଳୟ ବାହାରେ ଆତ୍ମଘାତୀ ବିସ୍ଫୋରଣ ହୋଇଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ହୋଇଛି।୩୨ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ ମଡେଲ ଟାଉନରୁ ହାଲି ରୋଡ ଅଭିମୁଖେ ଯାଉଥିବା ଏକ ଗାଡ଼ିରେ ବିସ୍ଫୋରଣ ହୋଇଥିଲା। ଏହା ଏତେ ଭୟଙ୍କର ଥିଲା ଯେ ସାରା ଅଞ୍ଚଳକୁ ଦୋହଲାଇ ଦେଇଥିଲା। ଆଖପାଖରେ ଥିବା ଅନେକ ଘର ବିସ୍ଫୋରଣରେ କ୍ଷତିଗ୍ରସ୍ତ ହୋଇଥିଲା। ଝରକା, କବାଟ ଭାଙ୍ଗି ଯାଇଥିଲା। ଏହା ପରେ ଅଞ୍ଚଳରେ ଗୁଳିମାଡ଼ ଶବ୍ଦ ଶୁଣାଯାଇଥିଲା।ଏହାକୁ ନେଇ ଆଖପାଖ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା। ଏହାର ସୂଚନା ପାଇ ସୁରକ୍ଷାବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ଅଞ୍ଚଳକୁ ଘେରାଉ କରି ତଲାସୀ ଅଭିଯାନ ଆରମ୍ଭ କରିଥିଲା।

ଏହି ବିସ୍ଫୋରଣର ସିସିଟିଭି ଫୁଟେଜ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ରାଜ୍ୟରେ ଏମର୍ଜେନ୍ସି ଘୋଷଣା କରାଯାଇଛି। ହସ୍ପିଟାଲଗୁଡ଼ିକୁ ସତର୍କ କରି ରଖାଯାଇଛି। କର୍ମଚାରୀ, ଡାକ୍ତରଙ୍କ ଛୁଟି ବାତିଲ କରିଦିଆଯାଇଛି। ଏ ପର୍ଯ୍ୟନ୍ତ କୌଣସି ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। କିନ୍ତୁ ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜରଦାରୀ ଏଥିପାଇଁ ତେହରିକ-ଇ-ତାଲିବାନକୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ ଭାରତ ପାଇଁ କାମ କରୁଥିବା ଲୋକେ ଶାନ୍ତି ଭଙ୍ଗ କରିପାରିବେ ନାହିଁ। ସୁରକ୍ଷା ବାହିନୀ ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ନେଇ ଆତଙ୍କବାଦୀଙ୍କ ମନ୍ଦ ଉଦ୍ଦେଶ୍ୟକୁ ବିଫଳ କରିଦେଇଛି। ସେହିପରି ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଆତଙ୍କବାଦୀ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣ ପରେ ସୁରକ୍ଷାବାହିନୀ ଚାରି ଆତଙ୍କବାଦୀଙ୍କୁ ନିପାତ କରିଛି ବୋଲି ସେ କହିଛନ୍ତି।



## ଦଳାଚକଟାକୁ ନେଇ ବିଜୟଙ୍କ ଅଭିଯୋଗ

# ପ୍ରତିଶୋଧ ନେଉଛନ୍ତି ଷ୍ଟାଲିନ୍



ଚେନ୍ନଇ, ୩୦।୯ (ଏଜେନ୍ସି): କରୁର ଦଳାଚକଟାର ଦୁଇ ଦିନ ପରେ ଅଭିନେତାରୁ ରାଜନେତା ପାଲଟି ଥିବା ତାମିଲଗା ଭେଟ୍ରି କଝଗମ (ଟିଭିକେ) ଦଳର ମୁଖ୍ୟ ବିଜୟ ମଙ୍ଗଳବାର ସାମ୍ନାକୁ ଆସିଛନ୍ତି। ସେ ଏକ ଭିଡିଓ ଜାରି କରି ଏହି ଅଘଟଣ ତାଙ୍କୁ ଗଭୀର ଆଘାତ ଦେଇଥିବା କହିଛନ୍ତି। ଏଭଳି ହେବାର ନ ଥିଲା। ସେ ଖୁବଶୀଘ୍ର କରୁର ଗସ୍ତରେ ଯିବେ ବୋଲି ସୂଚନା ଦେଇଛନ୍ତି। ଏହା ସହିତ ସେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ଷ୍ଟାଲିନ ପ୍ରତିଶୋଧ ନେବାକୁ ପ୍ରୟାସ କରୁଥିବା ବିଜୟ କହିଛନ୍ତି। ଆମେ କିଛି ଭୁଲ୍ କରିନାହୁଁ। ଯଦି ପ୍ରତିଶୋଧ ନେବାକୁ ଚାହୁଁଛନ୍ତି ତେବେ ଷ୍ଟାଲିନ ମୋ ପାଖକୁ ପଳାଇ ଆସନ୍ତୁ। ଘରେ କିମ୍ବା ଅଫିସରେ ମୁଁ ସାକ୍ଷାତ କରିବି। ଦଳର ପଦାଧିକାରୀଙ୍କୁ ପୁଲିସ ଗିରଫ କରୁଛି। ପଦାଧିକାରୀଙ୍କ କୌଣସି କ୍ଷତି ନ କରିବା ପାଇଁ ଷ୍ଟାଲିନଙ୍କୁ ବିଜୟ ଅନୁରୋଧ କରିଛନ୍ତି। ଖୁବଶୀଘ୍ର ସତ୍ୟ ସାମ୍ନାକୁ ଆସିଯିବ ବୋଲି କହିଛନ୍ତି। ଏହି ଅଘଟଣକୁ ନେଇ ମୁଁ ଦୁଃଖିତ। ଆମେ ରାଜନୈତିକ ଯାତ୍ରାରେ ଅଛୁ। ଏହାକୁ ନେଇ ମଜବୁତ ଏବଂ ସାହସର ସହ ଆଗକୁ ବଢ଼ିବୁ।

ସୂଚନା ଅନୁଯାୟୀ ଗତ ୨୭ ତାରିଖରେ କରୁରର ନିର୍ବାଚନୀ ରାଲିରେ ଦଳାଚକଟା ହୋଇଥିଲା। ଏଥିରେ ୪୧ ଜଣ ପ୍ରାଣ ହରାଇଛନ୍ତି। ୫୧ ଜଣ ଆହତ ହୋଇ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ତାମିଲନାଡୁ ପୁଲିସ ଏହି ମାମଲାରେ ତିନି ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଟିଭିକେ ଜିଲ୍ଲା ସଚିବ ଭିବି ମାଥିୟାଲଗନ, ପଦାଧିକାରୀ ପୌନରାଜ ଏବଂ ଜଣେ ସାମ୍ବାଦିକ ସାମିଲ ଅଛନ୍ତି। କୋର୍ଟ ମଙ୍ଗଳବାର ଦୁଇ ପଦାଧିକାରୀଙ୍କୁ ୧୪ ଦିନ ପାଇଁ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି। ସେହିପରି ଆଜି ସକାଳେ ସାମ୍ବାଦିକ ତଥା ୟୁଟ୍ୟୁବର ଫେଲିକ୍ସ ଗେରାଲ୍ଡଙ୍କୁ ଗିରଫ କରାଯାଇଛି। ସେ ମିଥ୍ୟା ପ୍ରଚାରପ୍ରସାର କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏନ୍‌ଡିଏ ସାଂସଦ ଆଜି କୋଏମ୍ବାଟୁରରେ ପହଞ୍ଚିଛନ୍ତି। ଏହି କମିଟିରେ ହେମା ମାଲିନୀ, ଅନୁରାଗ ଠାକୁରଙ୍କ ସମେତ ୮ ସଦସ୍ୟ ସାମିଲ ଅଛନ୍ତି। ଦଳାଚକଟାକୁ ନେଇ ଏକ ଏତଲା ରୁଜୁ କରାଯାଇଛି। କିନ୍ତୁ ବିଜୟଙ୍କ ବିରୋଧରେ ମାମଲା ରୁଜୁ ହୋଇନି। ମାତ୍ର ଅଭିନେତା ଜାଣିଶୁଣି ରାଲିରେ ବିଳମ୍ବରେ ପହଞ୍ଚିବାରୁ ଦଳାଚକଟା ହେଲା ବୋଲି କୁହାଯାଇଛି।

# ଆମେରିକା ଚାପରେ ପାକ୍ ବିରୋଧରେ ହୋଇନଥିଲା କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ଦିବଂଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସରକାରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିବା ପି. ଚିଦମ୍ବରମ ବଡ଼ ଖୁଲାସା କରିଛନ୍ତି। ସେ ୧୭ ବର୍ଷ ପରେ ୨୬।୧୧ ମୁମ୍ବାଇ ଆକ୍ରମଣକୁ ନେଇ ବଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଆକ୍ରମଣ ପରେ ତାଙ୍କ ମନରେ ପାକିସ୍ତାନଠାରୁ ପ୍ରତିଶୋଧ ନେବାର ଭାବନା ଆସିଥିଲା। କିନ୍ତୁ ସେତେବେଳର କଂଗ୍ରେସ ସରକାର ସାମରିକ କାର୍ଯ୍ୟାନୁଷ୍ଠାନ ନ ନେବାକୁ ନିଷ୍ପତ୍ତି ନେଇଥିଲା। ଏହା ପଛରେ ଅନ୍ତର୍ଜାତୀୟ ଚାପ ରହିଥିଲା। ଆମେରିକା ସମେତ ସାରା ବିଶ୍ୱ ସାମରିକ କାର୍ଯ୍ୟାନୁଷ୍ଠାନ ନ ନେବାକୁ ଚାପ ପକାଉ ଥିଲା। କାର୍ଯ୍ୟଭାର ସମ୍ଭାଳିବାର ଦୁଇ ଦିନ ପରେ ଆମେରିକା ବୈଦେଶିକ ମନ୍ତ୍ରୀ କୋଣ୍ଡାଲିଜା ରାଇସ ଦିଲ୍ଲୀ ଆସି ତାଙ୍କୁ ଏବଂ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ଭେଟି ଥିଲେ। କୌଣସି ପଦକ୍ଷେପ ନ ନେବାକୁ ଅନୁରୋଧ କରିଥିଲେ। କିନ୍ତୁ ଏ ବିଷୟରେ ସରକାର ନିଷ୍ପତ୍ତି ନେବେ ବୋଲି ଚିଦମ୍ବରମ ରାଇସଙ୍କୁ ଜଣାଇ ଥିଲେ। ଏକ ଟିଭି ଚ୍ୟାନେଲକୁ ସାକ୍ଷାତକାର ଦେଇ ଚିଦମ୍ବରମ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି।



## ୨୬।୧୧ ଆକ୍ରମଣକୁ ନେଇ ଚିଦମ୍ବରମଙ୍କ ଖୁଲାସା

୨୦୦୮ରେ ମୁମ୍ବଇ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ୧୭୫ ଜଣଙ୍କ ଜୀବନ ଯାଇଥିଲା। ୧୦ ଆତଙ୍କବାଦୀ ୬୦ ଘଣ୍ଟା ପର୍ଯ୍ୟନ୍ତ ମୁମ୍ବାଇ ରାସ୍ତା, ତାଜ ହୋଟେଲ, ସିଏସଟି ରେଲୱେ ଷ୍ଟେସନ, ନରିମନ ହାଉସ ଏବଂ କାମା ହସ୍ପିଟାଲକୁ ନିଶାଣ କରି ପ୍ରବଳ ଗୁଳିଗୋଳା ମାଡ଼ କରିଥିଲେ। ଚିଦମ୍ବରମ କହିଛନ୍ତି ଯେ ସେତେବେଳେ ଆମ ଉପରେ ସାରା ବିଶ୍ୱର ଚାପ ଥିଲା। ଯୁଦ୍ଧ ନ କରିବା ପାଇଁ ଆମକୁ ବୁଝା ଯାଉଥିଲା। କିନ୍ତୁ ସେ ଏ ନେଇ ପ୍ରଧାନମନ୍ତ୍ରୀ ଏବଂ ଅନ୍ୟମାନଙ୍କ ସହ ଚର୍ଚ୍ଚା କରିଥିଲେ। ଆକ୍ରମଣ ସମୟରେ ମନମୋହନ ସିଂହ ଏ ବିଷୟରେ ଆଲୋଚନା କରି ନେଇଥିଲେ। ବିଦେଶ ମନ୍ତ୍ରାଳୟ ପ୍ରତ୍ୟକ୍ଷ ଆକ୍ରମଣ କରିବାକୁ ଚାହୁଁ ନ ଥିଲା। ତେଣୁ ମନ୍ତ୍ରାଳୟର ଆଭିମୁଖ୍ୟ ଏବଂ ଚାପ ଲାଗି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ନିଷ୍ପତ୍ତି ନେଇଥିଲେ।

ଅନ୍ୟପକ୍ଷରେ ଚିଦମ୍ବରମଙ୍କ ଏହି ଟିପ୍ପଣୀକୁ ନେଇ ବିଜେପି ତୀବ୍ର ସମାଲୋଚନା କରିଛି। କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି ସାକ୍ଷାତକାରର ଏକ ଭିଡିଓ ସେୟାର କରି କହିଛନ୍ତି ଯେ ବିଦେଶୀ ଚାପରେ ପଡି ସଠିକ ଜବାବ ଦିଆଯାଇ ନ ଥିବା ସେ ନିଜେ ସ୍ୱୀକାର କରିଛନ୍ତି। ବିଜେପି ପ୍ରବକ୍ତା ଶେହଜାଦ ପୁନାୱାଲା କହିଛନ୍ତି ଯେ ମୁମ୍ବାଇ ଆକ୍ରମଣ ପରେ ଚିଦମ୍ବରମ ପଦଭାର ସମ୍ଭାଳିବାକୁ ଚାହୁଁ ନ ଥିଲେ। ସେ ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଚାହୁଁଥିଲେ। କିନ୍ତୁ ଅନ୍ୟମାନେ ତାଙ୍କ ଉପରେ ଭାରି ପଡ଼ି ଯାଇଥିଲେ।

# ମହାରାଷ୍ଟ୍ର ସରକାରୀ ମେଣ୍ଟରେ ଫାଟ

ମୁମ୍ବଇ, ୩୦।୯ (ଏଜେନ୍ସି): ଆସନ୍ତା ବର୍ଷ ଜାନୁଆରୀ ୩୧ରେ ମହାରାଷ୍ଟ୍ର ପୌର ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ଶାସକ ଏବଂ ବିରୋଧୀ ଦଳଗୁଡିକ ଜୋରସୋରରେ ଲାଗି ପଡ଼ିଛନ୍ତି। ଏପରି ସମୟରେ ସରକାରୀ ମେଣ୍ଟ ମହାୟୁତିରେ ଫାଟ ଦେଖାଯାଇଛି। ଶିବସେନା ମୁଖ୍ୟ ଏକନାଥ ସିନ୍ଦେଙ୍କ ପରେ ଏନ୍‌ସିପି ମୁଖ୍ୟ ତଥା ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଆଭିମୁଖ୍ୟ ସରକାରଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। କିଏ ସର୍ବାଧିକ ଆସନରେ ଲଢିବ ତାହାକୁ ନେଇ ମେଣ୍ଟରେ ଫାଟ ଦେଖାଯାଇଛି।

ନିର୍ବାଚନକୁ ନେଇ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ରବିବାର ଦଳର ପ୍ରମୁଖ ନେତା ଏବଂ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସେ ଆସନ ବଣ୍ଟନରେ ସମ୍ମାନଜନକ ରଣନୀତି ଆପଣାଇବାକୁ ପରାମର୍ଶ ଦେଇଛନ୍ତି। ସେ ମୁମ୍ବଇ ଏବଂ ଥାନେରେ ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିବା ବିଷୟରେ ଆଲୋଚନା କରିଛନ୍ତି। ଅଜିତ

## ପୌର ନିର୍ବାଚନ ପୂର୍ବରୁ

ପାୱାରଙ୍କ ଏନସିପି ମଧ୍ୟ ଏଥିପାଇଁ ବୈଠକ ଜାରି ରଖିଛି। ପୁନେ ଏବଂ ଦଳ ପ୍ରଭାବରେ ଥିବା ଅନ୍ୟ କିଛି ନଗର ନିଗମରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବା ପାଇଁ ତାଙ୍କ ଦଳ ବିଚାର କରୁଛି। ଏନ୍‌ସିପିର କାର୍ଯ୍ୟନିର୍ବାହୀ ସଭାପତି ପ୍ରଫୁଲ ପଟେଲ କହିଛନ୍ତି ଯେ ପୌର ନିର୍ବାଚନରେ କର୍ମୀମାନେ ଲଢ଼ିବାକୁ ଚାହୁଁଛନ୍ତି। ପ୍ରମୁଖ ନିର୍ବାଚନରେ ମେଣ୍ଟ ସମ୍ଭବ। ଏହା ସତ୍ତ୍ୱେ କର୍ମୀଙ୍କ ଭାବନାକୁ ସମ୍ମାନ ଜଣାଇ ସ୍ୱାଧୀନ ଭାବେ ଲଢ଼ିବା ଭଲ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ପିମ୍ପରି ଚିଞ୍ଚୱାର୍ଡରେ ଏକ ରାଲିକୁ ସମ୍ବୋଧନ କରି ଅଜିତ ମଧ୍ୟ ଏଭଳି ଟିପ୍ପଣୀ ଦେଇଥିଲେ। ପୂର୍ବତନ ସରକାର ଏମ୍‌ଭିଏରେ ଥିବାବେଳେ ବି ସ୍ୱାଧୀନ ଭାବେ ପୌର ନିର୍ବାଚନ ଲଢିଥିଲୁ ବୋଲି କହିଥିଲେ। ତେଣୁ ଯେଉଁଠି ସମ୍ଭବ ସେଇଠି ସ୍ୱାଧୀନ ଭାବେ ଲଢ଼ିବାକୁ ପ୍ରସ୍ତୁତ ରହିବା ପାଇଁ ସେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଶିବସେନା ଏବଂ ଏନ୍‌ସିପିର ଏଭଳି ଆଭିମୁଖ୍ୟକୁ ନେଇ ବିଜେପି କି ପଦକ୍ଷେପ ନେଉଛି ତାହା ଦେଖିବା ବାକି ରହିଲା।

# ନାବାଳକଙ୍କଠୁ ଭରଣପୋଷଣ ଦାବି ଆଇନଗତ: ହାଇକୋର୍ଟ

ଲକ୍ଷ୍ନୌ, ୩୦।୯ (ଏଜେନ୍ସି): ଆହ୍ଲାବାଦ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସିଆରପିସିର ଧାରା ୧୨୫ ଏବଂ ୧୨୮ ଅନୁଯାୟୀ ଜଣେ ନାବାଳକଙ୍କ ବିରୋଧରେ ଭରଣପୋଷଣ ଦାବି କରାଯାଇପାରିବ। ବିବାହକୁ ବେଆଇନ କହି ନାବାଳକ ଏହା ଦେବାକୁ ମଧ୍ୟ ମନା କରିପାରିବେ ନାହିଁ। ବାଲ୍ୟବିବାହ ଏବଂ ନାବାଳକ ସ୍ୱାମୀଙ୍କଠାରୁ ଭରଣପୋଷଣ ଦାବି ସମ୍ବନ୍ଧୀୟ ଏକ ମାମଲାର ଶୁଣାଣି କରି ବିଚାରପତି ମଦନ ପାଲ ସିଂହ ଏହି ରାୟ ଦେଇଛନ୍ତି। ସେ କହିଛନ୍ତି ଯେ ସିଆରପିସିର ଧାରା ୧୨୫ ଅନୁଯାୟୀ ଜଣେ ନାବାଳକଙ୍କ ବିରୋଧରେ ଦାଏର ଆବେଦନର ଶୁଣାଣି କରିବାରେ କୌଣସି କଟକଣା ନାହିଁ। ଏହି ମାମଲାରେ ସ୍ୱାମୀ କହିଥିଲେ ଯେ ୧୩ ବର୍ଷ ବୟସରେ ସେ ବିବାହ କରିଥିଲେ। ଦୁଇ ବର୍ଷ ପରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ସ୍ୱାମୀଙ୍କୁ ୧୬ ବର୍ଷ ହୋଇଥିବାବେଳେ ନିର୍ଯାତନା ଏବଂ ଯୌତୁକ ମାଗିବାରୁ ସ୍ତ୍ରୀ ଅଲଗା ହୋଇ ଯାଇଥିଲେ। ସେ ଧାରା ୧୨୫ ଅଧିନରେ ଭରଣପୋଷଣ ପାଇଁ ଦାବି ଦାଖଲ କରିଥିଲେ। ଏହି ମାମଲାରେ ପରିବାର କୋର୍ଟ ସ୍ତ୍ରୀଙ୍କ ପାଇଁ ୫,୦୦୦ ଏବଂ ଝିଅ ପାଇଁ ୪,୦୦୦ ଟଙ୍କା ମୋଟ ୯,୦୦୦ ଟଙ୍କାର ମାସିକ ଭରଣପୋଷଣ ଆଦେଶ ଦେଇଥିଲେ। ସ୍ୱାମୀ ଏହାକୁ ବିରୋଧ କରି ହାଇକୋର୍ଟ ଯାଇଥିଲେ।

ଏହାର ଶୁଣାଣି କରି କୋର୍ଟ କହିଛନ୍ତି ଯେ ସିଆରପିସିର ଧାରା୯ ଅନୁଯାୟୀ ଅଭିଭାବକଙ୍କ ମାଧ୍ୟମରେ ନାବାଳକମାନଙ୍କ ବିରୋଧରେ ଦାବି ଆଣିବା ଆବଶ୍ୟକ ନୁହେଁ। ଧାରା ୧୨୫ ସିଆରପିସି ଅନୁଯାୟୀ ଯଦି ଜଣେ ସମ୍ବଳ ଥିବା ବ୍ୟକ୍ତି ତାଙ୍କ ସ୍ତ୍ରୀ କିମ୍ବା ପିଲାଙ୍କୁ ଭରଣପୋଷଣ ଦେବାକୁ ମନା କରନ୍ତି, ତେବେ ଜଣେ ମାଜିଷ୍ଟ୍ରେଟ୍ ତଥ୍ୟ ବିଚାର କରିବା ପରେ ଭରଣପୋଷଣ ପରିମାଣ ନିର୍ଣ୍ଣୟ କରିପାରିବେ। ଏବେ ଯଦି ନାବାଳକ ରୋଜଗାର କରୁନାହାନ୍ତି ତେବେ ୧୮ ବର୍ଷ ପରେ ତାଙ୍କୁ ସ୍ତ୍ରୀ ଏବଂ ଝିଅର ପ୍ରତିପାଳନ କରିବାକୁ ପଡିବ। ଆଉ ଏକ ମାମଲାରେ ଶୁଣାଣି କରି ଆହ୍ଲାବାଦ ହାଇକୋର୍ଟର ଜଷ୍ଟିସ ରାଜୀବ ଲୋଚନ ଶୁକ୍ଲା କହିଛନ୍ତି ଯେ କେବଳ ବିବାହ ରଦ୍ଦ ହେବା କାରଣରୁ ସ୍ତ୍ରୀଙ୍କ ଭରଣପୋଷଣ ଅଧିକାର ଛଡ଼ାଇ ନିଆଯାଇପାରିବ ନାହିଁ। କୋର୍ଟରେ ବିବାହ ରଦ୍ଦ ପାଇଁ ଏକ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏହା ଜାରି ରହିବ।

# ତେଲୁଗୁ ଚଳଚ୍ଚିତ୍ର ଜଗତର ୩,୭୦୦ କୋଟି କ୍ଷତି

ହାଇଦରାବାଦ, ୩୦।୯ (ଏଜେନ୍ସି): ହାଇଦରାବାଦର ସାଇବର କ୍ରାଇମ ପୁଲିସ ଏକ ହାଇ-ପ୍ରୋଫାଇଲ୍ ଫିଲ୍ମ ପାଇରାସି ର୍ୟାକେଟର ପର୍ଦ୍ଦାଫାସ କରିଛି। ସୁସଂଗଠିତ ଭାବେ ଅନେକ ରାଜ୍ୟରେ ଚାଲିଥିବା ଏହି ନେଟୱର୍କ ମାମଲାର ତଦନ୍ତ କରି ୫ ଜଣଙ୍କୁ ଗିରଫ କରିଛି। ଏହି ର୍ୟାକେଟ ଯୋଗୁଁ ତେଲୁଗୁ ଚଳଚ୍ଚିତ୍ର ଜଗତକୁ ପ୍ରାୟ ୩,୭୦୦ କୋଟି ଟଙ୍କା କ୍ଷତି ହୋଇଛି। ଏମାନେ ଚଳଚ୍ଚିତ୍ର ମୁକ୍ତିଲାଭ କରୁ କରୁ ତାହାର ନକଲ କରି ତଥା ଚୋରି କପିକୁ ବିକ୍ରି କରୁଥିଲେ। ତଦନ୍ତରୁ ଏକ ଜଟିଳ ନେଟୱାର୍କର ପର୍ଦ୍ଦାଫାସ ହୋଇଥିଲା। ଏଥିପାଇଁ ଉନ୍ନତ ସର୍ଭର ହ୍ୟାକିଂ ଏବଂ ଇନ-ଥିଏଟର କ୍ୟାମେରା-କୋର୍ଡିଂ ବ୍ୟବହାର କରୁଥିଲେ। କେବଳ କ୍ରିପ୍ଟୋକରେନ୍ସି ମାଧ୍ୟମରେ ସମସ୍ତ କାରବାର କରାଯାଉଥିଲା। ହିଟ୍ ୩, ସିଙ୍ଗଲ, କୁବେରା, ହରି ହର ଭିରା ମଲ୍ଲୁ, ଗେମ୍ ଚେଞ୍ଜର ଆଦି ଫିଲ୍ମର ପାଇରାସି କରି ୧ତାମିଲବ୍ଲାଷ୍ଟର୍ସ, ମୁଭିରୁଲ୍‌ଜ ଏବଂ ୧ତାମିଲ ଭଳି ୱେବସାଇଟକୁ ବିକ୍ରି କରୁଥିଲେ। ଏହି କାରବାର ବିଭିନ୍ନ ରାଜ୍ୟକୁ ବ୍ୟାପିଥିଲା। ତାମିଲନାଡୁର ସିରିଲ୍ ରାଜ୍ ଏହି ର୍ୟାକେଟର ମୁଖ୍ୟ ଥିଲା। ସେ ପାଇରେସି ସାଇଟ୍ ୧ତାମିଲବ୍ଲାଷ୍ଟର୍ସର ମୁଖ୍ୟ ମାଷ୍ଟରମାଇଣ୍ଡ ଥିଲା। ସେ ବିଦେଶରୁ ସର୍ଭର ଚଳାଉଥିଲେ। ସାଇଟରେ ୨୦୨୦ରୁ ୫୦୦ରୁ ଅଧିକ ଚଳଚ୍ଚିତ୍ର ଅପଲୋଡ କରିଥିଲା। ଏହି ସମୟ ମଧ୍ୟରେ ସେ କ୍ରିପ୍ଟୋକରେନ୍ସି ମାଧ୍ୟମରେ ୨ କୋଟିରୁ ଅଧିକ ଟଙ୍କା ରୋଜଗାର କରିଥିଲା। କେବଳ ବେଟିଂ ଆପରୁ ମାସକୁ ୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିଲା। ସେହିପରି ଫିଲ୍ମର ନକଲକୁ ବିହାରର ଅଶ୍ୱିନୀ କୁମାର ୮୦୦ ଡଲାରରେ ବିକ୍ରି କରୁଥିଲା। ସେ ସିନେମା ହଲ୍‌ର କ୍ୟାମେରା ହ୍ୟାକ୍ କରୁଥିଲା।

## ଗାଜା ଯୁଦ୍ଧ ବନ୍ଦ ପାଇଁ ଆମେରିକାର ୨୦ ସୂତ୍ରୀ ପ୍ରସ୍ତାବ

# ଇସଲାମିକ ରାଷ୍ଟ୍ର ସମେତ ବିଶ୍ୱ ନେତାଙ୍କ ସମର୍ଥନ

ୱାଶିଂଟନ, ୩୦।୯ (ଏଜେନ୍ସି): ଗାଜା ଯୁଦ୍ଧକୁ ନେଇ ଇସ୍ରାଏଲର ସମସ୍ୟା ବଢ଼ିବାରେ ଲାଗିଛି। ଏହି ସଂଘର୍ଷ ଯୋଗୁଁ ଗାଜା ଷ୍ଟ୍ରିପ ଧ୍ୱଂସ ସ୍ତୁପରେ ପରିଣତ ହୋଇଯାଇଛି। ଭୟଙ୍କର ମାନବିକ ସଙ୍କଟ ସୃଷ୍ଟି ହୋଇଛି। ଲକ୍ଷାଧିକ ଲୋକେ ବିସ୍ଥାପିତ ହୋଇଛନ୍ତି। ଅନେକ ଖାଇବାକୁ ନ ପାଇ ମୃତ୍ୟୁକୁ ଅପେକ୍ଷା କରି ରହିଛନ୍ତି। ଏ ପର୍ଯ୍ୟନ୍ତ ଯୁଦ୍ଧରେ ୬୬ ହଜାର ଲୋକଙ୍କ ମୃତ୍ୟୁ ହେଲାଣି। ଏଥିଯୋଗୁଁ ସହଯୋଗୀ ରାଷ୍ଟ୍ର ମଧ୍ୟ ଇସ୍ରାଏଲର ବିରୋଧୀ ହୋଇଯାଇଛନ୍ତି। ଏହି ଯୁଦ୍ଧ ବନ୍ଦ କରିବା ପାଇଁ ବ୍ରିଟେନ, ଫ୍ରାନ୍ସ, କାନାଡ଼ା, ଅଷ୍ଟ୍ରେଲିଆ ଭଳି ଦେଶ ପାଲେଷ୍ଟାଇନକୁ ରାଷ୍ଟ୍ର ମାନ୍ୟତା ଦେଇଛନ୍ତି। ଅସ୍ତ୍ରବିରତି ପାଇଁ ଇସ୍ରାଏଲ ଉପରେ ଚାପ ପକାଉଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧ ବନ୍ଦ ପାଇଁ ସୋମବାର ଦେଇଥିବା ୨୦ ସୂତ୍ରୀ ଯୋଜନାକୁ



ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ସ୍ୱୀକାର କରିଛନ୍ତି। ସେ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଏହି ପ୍ରସ୍ତାବ ମାନିବା ପାଇଁ ହମାସକି ଚାରି ଦିନିଆ କଣ୍ଟ ଦିଆଯାଇଛି। ଏହାକୁ ନ ମାନିଲେ ହମାସକୁ ସମ୍ପୂର୍ଣ୍ଣ ନିପାତ ପାଇଁ ଆମେରିକା ଇସ୍ରାଏଲକୁ ସହଯୋଗ କରିବ ବୋଲି ଟ୍ରମ୍ପ କହିଛନ୍ତି।

ଅନ୍ୟପକ୍ଷରେ ଏହି ପ୍ରସ୍ତାବକୁ ନେଇ ହମାସ ଚିନ୍ତାରେ ପଡିଛି। ଏହି ନିଷ୍ପତ୍ତି ନେବା ପାଇଁ ହୋଇଥିବା ଆଲୋଚନାରେ ହମାସ ସାମିଲ ହୋଇ ନ ଥିଲା। ପୂର୍ବରୁ ଅସ୍ତ୍ରବିରତିକୁ ଏହି ଇସ୍‌ଲାମିକ ବିଦ୍ରୋହୀ ଗୋଷ୍ଠୀ ଖାରଜ କରିଦେଇଥିଲା। ଏବେ ନୂଆ ପ୍ରସ୍ତାବ ଉପରେ ହମାସ ସମୀକ୍ଷା କରୁଛି। ଆମେରିକାର ଅସ୍ତ୍ରବିରତ ପ୍ରସ୍ତାବକୁ ସାଉଦି ଆରବ, ଜୋର୍ଡାନ, ୟୁଏଇ, ଇଣ୍ଡୋନେସିଆ, ପାକିସ୍ତାନ, ତୁର୍କୀ, କାତାର, ଇଜିପ୍ଟ ସମର୍ଥନ ଦେଇଛନ୍ତି। ଏହି ଦେଶଗୁଡିକର ବୈଦେଶିକ ମନ୍ତ୍ରୀଙ୍କ ପକ୍ଷରୁ ଜାରି ମିଳିତ ବିବୃତ୍ତିରେ ଟ୍ରମ୍ପଙ୍କ ନେତୃତ୍ୱ ଏବଂ ପ୍ରୟାସକୁ ପ୍ରଶଂସା କରାଯାଇଛି। ଟ୍ରମ୍ପଙ୍କ ଘୋଷଣାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ କରି ଏହା ଇସ୍ରାଏଲ, ପାଲେଷ୍ଟାଇନ ଏବଂ ସମ୍ପୂର୍ଣ୍ଣ ପଶ୍ଚିମ ଏସିଆରେ ଶାନ୍ତି ପାଇଁ ଉପାଦେୟ ହେବ ବୋଲି କହିଛନ୍ତି। ଯୁଦ୍ଧ ବନ୍ଦ ଏବଂ ପଣବନ୍ଦୀଙ୍କ ମୁକ୍ତି ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏହାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କରିଛନ୍ତି। ହମାସ ପାଖରେ ଆଉ କୌଣସି ବିକଳ୍ପ ନାହିଁ। ତେଣୁ ଏହି ପ୍ରସ୍ତାବକୁ ମାନିବା ପାଇଁ ସେ ଅନୁରୋଧ କରିଛନ୍ତି। ସେହିପରି ଏହା ଗାଜା ଯୁଦ୍ଧ ପାଇଁ ଟର୍ଣ୍ଣିଂ ପଏଣ୍ଟ ସାବ୍ୟସ୍ତ ହେବ ବୋଲି ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ କହିଛନ୍ତି। ବ୍ରିଟିଶ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଉଭୟ ପକ୍ଷଙ୍କୁ ସହଯୋଗ ପାଇଁ ଅନୁରୋଧ କରିଛନ୍ତି।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-98 •WEDNESDAY •1 OCTOBER 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୯୮ •ବୁଧବାର •୧ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


### ମହାଷ୍ଟମୀରେ ଅଘଟଣ

## ନଦୀରେ ବୁଡ଼ି ମା', ଝିଅ ଓ ନାତି ମୃତ

■ **ଚିକିଟି/ଦିଗପହଣ୍ଡି, ୩୦।୯ (ସମିସ):** ଗଞ୍ଜାମ ଜିଲ୍ଲା କେ. ନୂଆଗାଁ ନିକଟସ୍ଥ ମା' ରତ୍ନେଶ୍ୱରୀଙ୍କ ନବରାତ୍ରି ପୂଜା ଦେଖିବାକୁ ଆସି ବାହୁଦା ନଦୀ ପାର୍ ହେଉଥିବା ବେଳେ ଘଟିଛି ଅଘଟଣ। ନଦୀରେ ବୁଡ଼ି ମା', ଝିଅ ଓ ନାତିଙ୍କ ମୃତ୍ୟୁ ଘଟିଥିବା ବେଳେ ନାତୁଣୀ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ, କଳିଙ୍ଗଦଳା ଗାଁର ଉଷା ବେହେରା (୫୦), ଝିଅ ଅନସୂୟା ବେହେରା (୩୫) ଏବଂ ୫ ବର୍ଷର ନାତି ଆଦିତ୍ୟ। ନାତୁଣୀଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନା ମୁତାବକ, ମହାଷ୍ଟମୀ ପୂଜା ଦେଖିବାକୁ ଦିଗପହଣ୍ଡି ବ୍ଲକ୍ ଗଡ଼ଗୋବିନ୍ଦପୁର ପଞ୍ଚାୟତର କଳିଙ୍ଗଦଳା ଗାଁରୁ ମଙ୍ଗଳବାର ସକାଳୁ ଉଷା ବେହେରା, ଝିଅ ଅନସୂୟା ବେହେରା, ନାତି ଆଦିତ୍ୟ ଓ ନାତୁଣୀକୁ ଧରି ଆସିଥିଲେ। ନବରାତ୍ରି ପୂଜା ଅବସରରେ ମା'ଙ୍କ ଦର୍ଶନ ସାରି ପ୍ରସାଦ ସେବନ କରିଥିଲେ। ଅପରାହ୍ଣରେ ପୁଣି ଗାଁକୁ ଫେରିବାକୁ ବାହୁଦା ନଦୀ ପାର୍ ହେଉଥିବା ବେଳେ ଅଘଟଣ ଘଟିଥିଲା। ନଦୀ ସ୍ରୋତରେ ୪ଜଣ ଯାକ ଭାସି ନିଖୋଜ ହୋଇଯାଇଥିଲେ। ଚିତ୍କାର ଶୁଣି ନଦୀତଟରେ ରହିଥିବା କଳିଙ୍ଗଦଳା ଗ୍ରାମବାସୀ ନଦୀରୁ ସେମାନଙ୍କୁ ଉଦ୍ଧାର କରି ବାଇକ୍ ଏବଂ ୧୦୮ ଆମ୍ବୁଲାନ୍ସରେ ଚିକିଟି ମେଡିକାଲକୁ ଆଣିଥିଲେ। ଡାକ୍ତର ସେଠାରେ ମା', ଝିଅ ଓ ନାତିଙ୍କୁ ମୃତ ଘୋଷଣା କରିଥିଲେ। ନାତୁଣୀର ଚିକିତ୍ସା ଚାଲିଛି।

### ୨ ବାଇକ୍ ମୁହାଁମୁହିଁ ଧକ୍କା

## ଦୁର୍ଘଟଣାରେ ୩ ଯୁବକ ମୃତ

■ ଓଡ଼ଗାଁ, ୩୦।୯(ସମିସ): ୨୧ ନମ୍ବର ନୟାଗଡ଼-ଭଞ୍ଜନଗର ରାଜ୍ୟ ରାଜପଥର ଗୋଡ଼ିପଲ୍ଲୀ ଛକ ପେଟ୍ରୋଲ ପମ୍ପ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଥାନା କରସିଙ୍ଗ ଗ୍ରାମର ସିଲୁ ନାୟକ(୨୫), ସିଲୁର ପିଉସୀ ପୁଅ କେନ୍ଦ୍ରାପଡ଼ା ଅଞ୍ଚଳର ସନ୍ତୋଷ ରାଉତରାୟ (୩୫) ଏବଂ ଓଡ଼ଗାଁ ଥାନା ଚେମେଡିର ସୁରେଷ ଓରଫ୍ ମୋହନ ବାରିକ(୨୨)। ସୂଚନାନୁସାରେ, ସନ୍ତୋଷ ଏବଂ ସିଲୁ ଓଡ଼ଗାଁରୁ କରସିଙ୍ଗ ଫେରୁଥିବା ବେଳେ ନିଜ ଗାଁ ଚେମେଡିକୁ ଫେରୁଥିବା ସୁରେଶ ବାରିକଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦେଖଣାହାରୀଙ୍କ କହିବା ମୁତାବକ, ପାଖାପାଖି ୧୦ ଫୁଟ୍ ଉଚ୍ଚକୁ ବାଇକ୍ ଦୁଇଟି ଉଠ ତଳେ ପଡ଼ିଥିଲା। ଓଡ଼ଗାଁ ପୁଲିସ ଏସ୍ଆଇ ଚକ୍ରଧର ସିଂ ଘଟଣାସ୍ଥଳରୁ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଓଡ଼ଗାଁ ପୁଲିସ ଏନେଇ ନମ୍ବର ୩୦୭/୨୫ରେ ଏକ ମାମଲା ରୁଜୁ କରି ବାଇକ୍ ଦୁଇଟିକୁ ଜବତ କରିବା ସହ ଶବଗୁଡ଼ିକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

### ଅବପାତର ରୂପ ନେବ ଲଘୁଚାପ

# ଦଶହରା ଫିକା କରିବ ବର୍ଷା

■ **ଭୁବନେଶ୍ୱର, ୩୦।୯ (ସମିସ):** ଦଶହରାକୁ ଫିକା କରିବ ଲଘୁଚାପ ବର୍ଷା। ଠିକ୍ ପୂଜା ମଉଜ ଦିନ ରାଜ୍ୟରେ ବର୍ଷାର ବଡ଼ ଆଶଙ୍କା ଦେଖାଦେଇଛି। ଏମିତିକି, କାଁଭାଁ ଅଞ୍ଚଳକୁ ଛାଡ଼ିଦେଲେ ଦଶମୀରେ ସାରା ରାଜ୍ୟରେ ବର୍ଷା ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ଦଶହରା ଓ ରାବଣପୋଡ଼ି ପାଇଁ ହୋଇଥିବା ଆୟୋଜନ ଫିକା ପଡ଼ିପାରେ ବୋଲି ଆକଳନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ମଙ୍ଗଳବାର ସକାଳେ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସନ୍ଧ୍ୟା ୬ଟା ବେଳକୁ ଲଘୁଚାପରେ ପରିଣତ ହୋଇଛି। ବୁଧବାର ସୁଦ୍ଧା ଏହା ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହେବ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨ ତାରିଖ ରାତି କିମ୍ବା ୩ ତାରିଖ ସକାଳ ସୁଦ୍ଧା ଏହା ଓଡ଼ିଶା ଉପକୂଳ ଅତିକ୍ରମ କରିପାରେ। ସମ୍ଭବତଃ ଏହା ପାରାଦୀପ ଓ ଗୋପାଳପୁର ମଧ୍ୟରେ ସ୍ଥଳଭାଗ ଛୁଇଁପାରେ। ଏହା ପ୍ରଭାବରେ ଦଶହରା ଦିନ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ବଢ଼ିଯାଇଛି। କାରଣ, ପ୍ରଥମତଃ ଏହା ଶ୍ରୀଘ୍ର ଓଡ଼ିଶା ଉପକୂଳକୁ ମୁହାଁଇବ। ଦ୍ୱିତୀୟରେ ଏହା ମଧ୍ୟ-ବାୟୁମଣ୍ଡଳ ପର୍ଯ୍ୟନ୍ତ ଲମ୍ବି ରହିଛି। କିନ୍ତୁ, ଏହା ଦକ୍ଷିଣ ଆଡ଼କୁ ଢଳି ଥିବାରୁ ଦକ୍ଷିଣ ଓଡ଼ିଶା ଓ ସଂଲଗ୍ନ ଆନ୍ଧ୍ର ଓ ଛତିଶଗଡ଼ରେ ଅଧିକ ବର୍ଷା ହେବ।

ଆକଳନ କରାଯାଉଛି ଯେ ବୁଧବାର (ନବମୀ)ରେ ରାଜ୍ୟରେ ମୁଖ୍ୟତଃ ଶୁଖିଲା ବା ବିକ୍ଷିପ୍ତ ବର୍ଷା କିମ୍ବା ହାଲୁକାରୁ ସ୍ୱଳ୍ପ ବର୍ଷା ହେବ। ଗୁରୁବାର (ଦଶମୀ) ଦିନ ସକାଳ ବେଳା ସମସ୍ତ ଉପକୂଳ ଜିଲ୍ଲା ଓ ସଂଲଗ୍ନ କେନ୍ଦ୍ରୀୟ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ (୩୦ ମିମି ପର୍ଯ୍ୟନ୍ତ) ବର୍ଷା ହୋଇପାରେ। ଉପକୂଳ ବେଳା ବର୍ଷା ବଢ଼ିବା ସହ ପ୍ରାୟ ସାରା ରାଜ୍ୟରେ ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, ନୟାଗଡ଼, ବୌଦ୍ଧ, ଆଭ୍ୟନ୍ତରୀଣ ଅଞ୍ଚଳ, ଢେଙ୍କାନାଳ, ଅନୁଗୁଳ ଓ କନ୍ଧମାଳରେ ସ୍ଥାନେ ସ୍ଥାନେ ମଧ୍ୟମରୁ ଭାରୀ ବର୍ଷା ହୋଇପାରେ। ସୁନ୍ଦରଗଡ଼ ଓ ସଂଲଗ୍ନ ଅଞ୍ଚଳରେ ପାଗ ଶୁଖିଲା ରହିବା ନେଇ ପ୍ରଫେସର୍ ପଶୁପାଳକ ଆକଳନ କରିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଲଘୁଚାପ ଯୋଗୁଁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହୋଇପାରେ। ତେବେ ଦଶହରା ଦିନ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ସେହିଦିନ ଗଜପତି, ରାୟଗଡ଼ା, ମାଲକାନଗିରି, କନ୍ଧମାଳରେ ସବୁଠୁ ଅଧିକ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ନବରଙ୍ଗପୁର, କଳାହାଣ୍ଡି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ କଟକରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହା ବ୍ୟତୀତ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ୩୫-୪୫ ଓ ଝଟ୍‌କା ପବନ ୫୫କିମି ପହଞ୍ଚିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି।

### ମହିଳାଙ୍କୁ ଅପହରଣ କରି ଗଣଦୁଷ୍କର୍ମ ଘଟଣା

## ବିଜେପି ଯୁବନେତାଙ୍କ ସମେତ ୩ ଗିରଫ

■ **ଦଶରଥପୁର, ୩୦।୯ (ସମିସ):** ୨ଦିନ ତଳେ ଭୁବନେଶ୍ୱର ଉପକଣ୍ଠ ପଟିଆ ଇଞ୍ଜଣା ଗାଁ ଭିତରେ ଏକ ଭଡ଼ାଘରୁ ଜଣେ ମହିଳାଙ୍କୁ ଅତି ଗୁରୁତର ଭାବେ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ଭୁବନେଶ୍ୱର ଭରତପୁର ଥାନା ପୁଲିସ୍ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ବିରିପଟା ଗ୍ରାମର ଅବିନାଶ ରାଉତ ଓରଫ୍ ପପୁନ ଓ ସେହି ଗ୍ରାମର ଜଣେ ବିଜେପି ଯୁବନେତା ବାପି ଧଳଙ୍କ ସମେତ ଏକାଧିକ ଅପରାଧରେ ଜଡ଼ିତ ଥିବା ସତ୍ୟବ୍ରତ ସ୍ୱାଇଁଙ୍କୁ ଗିରଫ କରିଛି। ଗତ ୩ବର୍ଷ ହେବ ଅବିନାଶ ବିଭିନ୍ନ ମହିଳାଙ୍କୁ ହାତରେ ରଖି ଭୁବନେଶ୍ୱର ପଟିଆ ଅଞ୍ଚଳରେ ସେକ୍ସ ରାକେଟ ଚଳାଉଥିଲା। ତାର କାରନାମା ପୁଲିସ ସ୍କାନରକୁ ଆସିଥିଲେ ହେଁ ସେ ଦୁଇଦୁଇଥର ଖସି ଯାଇଥିଲା। ନିକଟ ଅତୀତରେ ସେ ଜଣେ ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରେମଜାଲରେ ଫସାଇଥିଲା। କିନ୍ତୁ ତାଙ୍କ ଜରିଆରେ ସେ ଦେହବେପାର କରିବାକୁ ଯୋଜନା କରିଥିଲା। ଏହା ଜାଣି ପାରି ମହିଳାଜଣଙ୍କ ଫେରାର୍ ହୋଇଯାଇଥିଲେ। ୨ ମାସ ପରେ କୌଣସି ଏକ ସୂତ୍ରରୁ ଖବର ପାଇ ଅବିନାଶ ନିଜ ଗାଁର ଜଣେ ନିଶା ବେପାରୀ ବାପିକୁ ଡାକିବା ସହ ଏକ ବଡ଼ ପ୍ଲାନ ପ୍ରସ୍ତୁତି କରି ସୁପାରୀ କିଲର ସତ୍ୟବ୍ରତକୁ ଡାକିଥିଲା। ୩ଜଣ ମିଶି ରାତି ୨ଟାରେ ଉକ୍ତ ମହିଳାଙ୍କୁ ଏକ ସ୍କର୍ପିଓରେ ଆଣି ଭୁବନେଶ୍ୱର ଇଞ୍ଜଣା ଗାଁ ଭିତରେ ରଖି ୨ଦିନ ଧରି ବାରମ୍ବାର ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ ମହିଳାଜଣଙ୍କ ବୟାନ ଦେଇଛନ୍ତି। ଅବିନାଶ ନାଁରେ ବିଭିନ୍ନ ଥାନାରେ ୨୩ଟି ଅପରାଧିକ ଓ ବାପି ଧଳ ନାଁରେ ୩ଟି ହତ୍ୟା ଓ ବୋମାମାଡ଼ ଭଳି ସଙ୍ଗୀନ ଅଭଯୋଗ ରହିଛି।







## ନାବାଳକକୁ ହତ୍ୟା କରି ଫିଙ୍ଗିଦେଲେ


■ **ଆସିକା, ୩୦।୯ (ସମିସ):** ଆସିକା ବ୍ଲକ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ଖଣ୍ଡରାବଳି ଗାଁରୁ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, ଗାଁର ବାବୁ ବିଷୋୟୀଙ୍କ ପୁଅ ଅମର ବିଷୋୟୀ (୧୪)। ସେ ଗତ ୨୮ ତାରିଖରୁ ନିଖୋଜ ଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ମାମଲା ରୁଜୁ ତଦନ୍ତ ଚଳାଇଛି।

### ଗାଁରୁ ଗଳିତ ଶବ ଉଦ୍ଧାର

ଅମର ଗତ ୨୮ ତାରିଖ ଅପରାହ୍ଣରେ ଖେଳିବାକୁ ଯାଇଥିଲା। ମାତ୍ର ସନ୍ଧ୍ୟା ସୁଦ୍ଧା ଆଉ ଘରକୁ ଫେରିନଥିଲେ। ପରିବାରଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ କରିଥିଲା। ତେବେ ଘଟଣାର ୩ ଦିନ ପରେ, ଆଜି ଗାଁଠାରୁ ପ୍ରାୟ ୪ କିମି ଦୂରରେ ଜଣେ ନାବାଳକଙ୍କ ଗଳିତ ଶବ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଏହା ନିଖୋଜ ଅମରଙ୍କ ଶବ ବୋଲି ସନ୍ଦେହ କରିଥିଲା। ପରେ ତାଙ୍କ ପରିବାରଲୋକଙ୍କୁ ଖବର ଦେବାରୁ ସେମାନେ ପହଞ୍ଚି ଶବ ଚିହ୍ନଟ କରିଥିଲେ। ତେବେ ତାଙ୍କୁ କିଏ ଓ କାହିଁକି ହତ୍ୟା କଲା ସେନେଇ ତଦନ୍ତ ଚାଲିଛି। ସେ ପାଖ ଗାଁ କେନ୍ଦୁପଦର ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ଗୀତ, ନାଚ ଓ ବକ୍ତୃତା ପ୍ରତିଯୋଗିତାରେ ସେ କ୍ଲାସ୍‌ରେ ପ୍ରଥମ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପରିବାରଲୋକ ଓ ସାଙ୍ଗସାଥୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଅପରପକ୍ଷେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ପୁଲିସ କହିଛି।





# ନିପୁରରେ ମେଡିକାଲ କଲେଜ ଦାବି

ଜଗତସିଂହପୁର,୩୦।୯ (ସମିସ): ଜଗତସିଂହପୁର ଜିଲ୍ଲାର ନିପୁରଠାରେ ପ୍ରତିଷ୍ଠା ହେବ ମେଡିକାଲ କଲେଜ। ଯଦିଓ ବିଧିବଦ୍ଧ ଭାବେ ଏ ସମ୍ପର୍କରେ ଘୋଷଣା ହୋଇନାହିଁ, ତଥାପି ସ୍ଥାନ ଚିହ୍ନଟ ପ୍ରକ୍ରିୟା ଏକପ୍ରକାର ଚୂଡ଼ାନ୍ତ ହୋଇଥିବା ସୂଚନା ମିଳିଛି। ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ନିପୁରଠାରେ ଆବଶ୍ୟକତା ପୂରଣ କଲାଭଳି ସରକାରୀ ଜମି ଥିବାରୁ ଏଠାରେ ହିଁ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବା ପାଇଁ ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ତ ବିଷୟରେ ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି। ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରହିଥିବା ଗାଇଡ୍ ଲାଇନକୁ ମଧ୍ୟ ଏହି ସ୍ଥାନ ପୂରଣ କରୁଥିବା ଶ୍ରୀ ମିଶ୍ର ପ୍ରକାଶ କରିବା ସହିତ ଯଥାଶୀଘ୍ର ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସଂଗଠନ ପକ୍ଷରୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ଦାବିରେ ବର୍ଷ ବର୍ଷ ଧରି ଆନ୍ଦୋଳନ, ଗଣଧାରଣା, ପଦଯାତ୍ରା ଓ ବଜାର ବନ୍ଦ ଭଳି କାର୍ଯ୍ୟକ୍ରମ କରାଯାଇଥିବାବେଳେ ୨୦୨୪ ବିଧାନସଭା ନିର୍ବାଚନ ସମୟରେ ଏହା ପ୍ରମୁଖ ମୁଦ୍ଦା ଭାବେ ଉଭା ହୋଇଥିଲା। ନିର୍ବାଚନ ପରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲ୍ଲାର ଜନପ୍ରତିନିଧି ସ୍ୱର ଉତ୍ତୋଳନ କରିବାକୁ ଜିଲ୍ଲାବାସୀଙ୍କ ପକ୍ଷରୁ ପୂର୍ବରୁ ଆନ୍ଦୋଳନ ଚଲାଇ ଆସିଥିବା ସଂଗଠନ ଦାବି କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାବାସୀଙ୍କ ବୃହତ ସ୍ୱାର୍ଥରକ୍ଷା ପାଇଁ ଓଡ଼ିଶା ବିଧାନସଭାରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ ଉଠାଇଥିଲେ। ସେହିପରି ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ମଧ୍ୟ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଲୋକସଭାରେ ପ୍ରସଙ୍ଗ ଉଠାଇଥିଲେ। ଶେଷରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ୮ଟି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗତ ମାର୍ଚ୍ଚ ମାସରେ ଅନୁମତି ପ୍ରଦାନ କରିଥିଲେ। ଏହାକୁ ଆଧାର କରି ଓ ଆବଶ୍ୟକତା ଦୃଷ୍ଟିରୁ ଗତ ମାର୍ଚ୍ଚ ମାସ ଶେଷ ଭାଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଜଗତସିଂହପୁର ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଅନୁମୋଦନ ଲାଭ କରିଥିବା ତାଙ୍କ ବିଧାନସଭା ଅଭିଭାଷଣ ସମୟରେ ସୂଚନା ଦେଇଥିଲେ। ତେବେ ଜିଲ୍ଲାର କେଉଁ ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ, ତାହାକୁ ନେଇ ସାମାଜିକ ଗଣମାଧ୍ୟମରେ ବେଶ୍ କିଛିଦିନ ବାଦବିବାଦ ମଧ୍ୟ ଚାଲିଥିଲା। ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନକୁ ଓହ୍ଲାଇଥିବା ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ସଦର ବ୍ଲକ୍ ଅନ୍ତର୍ଗତ ନିପୁରଠାରେ ଏହା ପ୍ରତିଷ୍ଠା କରାଯାଉ ବୋଲି ଦାବି କରିଆସୁଥିବା ଓ କେତେକ ସଂଗଠନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଥିବା ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି ଜଣାଇଥିଲେ।

# ରଘୁନାଥଜୀଉ ମନ୍ଦିରରେ ରାମ ଚରିତ ମାନସ

ରଘୁନାଥପୁର,୩୦।୯ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ରେତୁଆସ୍ଥ ରଘୁନାଥଜୀଉ ମନ୍ଦିରରେ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ଆଶ୍ୱିନ ମାସ ପ୍ରତିପଦ ଦିନ ନବାହ୍ନ ପାରାୟଣ ଅଧିବାସ ଆରମ୍ଭ ହୋଇ ରଘୁନାଥଜୀଉଙ୍କ ପ୍ରତିମୂର୍ତ୍ତି ବିଭିନ୍ନ ଗାଁ ବୁଲିଲା ବେଳେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ୯ ଦିନ ବ୍ୟାପି ଏହି ପ୍ରବଚନ କାର୍ଯ୍ୟକ୍ରମ ଚାଲିଥିବାବେଳେ ନବମୀ ଦିନ ହିଁ କାର୍ଯ୍ୟକ୍ରମ ଶେଷ ହୋଇଥାଏ। ରଘୁନାଥଜୀଉ ମନ୍ଦିରର ପ୍ରତିଷ୍ଠାତା ତଥା ପ୍ରତିବର୍ଷ ବିଭିନ୍ନ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ସାଜିଥିବା ମଙ୍ଗଳ ଦାସମହାରାଜ ନିଜେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ବର୍ଷ ବିଭିନ୍ନ ଜିଲ୍ଲାର ପ୍ରବଚକ ରାମାୟଣ, ମହାଭାରତ କଥାବସ୍ତୁ ଉପରେ ଜନସାଧାରଣଙ୍କୁ ମୋହିତ କରିଥିଲେ।

# ବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ନାଉଗାଁ,୩୦।୯ (ସମିସ): ଜଗତସିଂପୁର ଜିଲ୍ଲା ନାଉଗାଁ ବ୍ଲକ୍ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ୍ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ବିଇଓ ଶ୍ରୀ ରାଉତଙ୍କ ସହକର୍ମୀ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢ଼ୌକନ ଦେଇ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କର ନିଷ୍ଠାପଣ ଓ ସମୟାନୁବର୍ତ୍ତିତା ଆଦିର ଗୁଣଗାନ କରିଥିଲେ। ଶ୍ରୀ ରାଉତ ନାଉଗାଁ ବ୍ଲକ୍ ଅନ୍ତର୍ଗତ ରୋହିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ୧୯୮୮ରେ ସେ ସହକାରୀ ବିଜ୍ଞାନ ଶିକ୍ଷକ ଭାବେ ଆର୍ତ୍ତତ୍ରାଣ ବିଦ୍ୟାପୀଠରେ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ୨୦୨୦ରେ ରୋହିଆ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବାବେଳେ ସ୍କୁଲର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ରାଜ୍ୟପାଳଙ୍କ କାର୍ଯ୍ୟସୂଚୀକୁ ସୁଚାରୁରୂପେ ତୁଲାଇଥିଲେ। ୨୦୨୫ ମସିହାରେ ପଦନ୍ନୋତି ପାଇ ନାଉଗାଁ ବ୍ଲକ୍ ଶିକ୍ଷା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡାକ୍ତର ସୁଶାନ୍ତ ମହାନ୍ତି, ସିଆରସିସି ବୃନ୍ଦ, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ ଯୋଗ ଦେଇଥିଲେ। ଉତ୍ସବକୁ କାର୍ଯ୍ୟାଳୟର କର୍ମଚାରୀ ଓ ସିଆରସିସି ପରିଚାଳନା କରିଥିଲେ।
































୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ବନବାସୀ ସାମଲ
ସ୍ୱାମୀ–✓ ଅଧୀକାରୀ ସାମଲ
ଖଡ଼ଗପ୍ରସାଦ,ଢେଙ୍କାନାଳ
ତିରୋଧାନ–୧୨.୧୦.୨୦୦୫
ତୁମ ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାର
ପୁଅ–ବୋହୂ– ରମେଶ,ଅଞ୍ଜଳୀ,ଗଙ୍ଗା,ଗୀତା,ସୁଧିର(ନିଧି),ଅବନ୍ତୀ
ଝିଅ–ଜ୍ୱାଇଁ– ଇନ୍ଦ୍ରମଣୀ,ସୁଧାକର,ସୁଷମା,ପ୍ରତାପ
ନାତି– କୁମାର,ଅବିନାଶ,ଜଗ
ନାତୁଣୀ– ଲିସୁ,ଲିଟୁ,ଲିମା,ଲିଜା,ଲିକି,ଲୋନୀ,ରାନୀ ଓ ସାମଲ ପରିବାର ।

# ଜଗା ଦୁଆରେ ବାଛବିଚାର



■ ପୁରୀ, ୩୦।୯ (ସମିସ): ଶ୍ରୀମନ୍ଦିରରେ ଏପର୍ଯ୍ୟନ୍ତ ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ପାଇଁ କୌଣସି ସୁବିଧା କରାଯାଇନାହିଁ। ବରିଷ୍ଠ ନାଗରିକଙ୍କ କଥା ନକହିବା ଭଲ। ହେଲେ, ନେତା, ମନ୍ତ୍ରୀ ଓ ଭିଆଇପିଙ୍କ ସେବାରେ କିନ୍ତୁ ବାବୁମାନେ ସାମାନ୍ୟତମ ହେଳା ପ୍ରଦର୍ଶନ କରୁନାହାନ୍ତି। ଏପରିକି, ଦର୍ଶନ ପାଇଁ ଆସୁଥିବା ଭିଭିଆଇପିଙ୍କୁ ପାଦରେ ବି ଚାଲିବାକୁ ପଡୁନି। ସେମାନଙ୍କ ଗାଡ଼ି ସିଧା ସିଂହଦ୍ୱାର

- ବୃଦ୍ଧାଙ୍କ ଆମ୍ବୁଲାନ୍ସକୁ ଛାଡ଼ିଲେନି
- ମରୀଚିକୋଟରୁ ଷ୍ଟ୍ରେଚର୍‌ରେ ଠେଲିଠେଲି ନେଲେ ପୁଅ-ଝିଅ
- ସିଂହଦ୍ୱାର ସମ୍ମୁଖରେ ଲାଗୁଛି ଭିଆଇପିଙ୍କ ଗାଡ଼ି

ସମ୍ମୁଖରେ ଲାଗୁଛି। ନିକଟରେ ଏମିତି କିଛି ଦୃଶ୍ୟ ଏକାଧିକଥର ଦେଖିବାକୁ ମିଳିଛି। ମାତ୍ର ପରିତାପର ବିଷୟ, ଭିଆଇପିଙ୍କ ଗାଡ଼ି କେଉଁଠି ଅଟକା ଯାଉନଥିବା ବେଳେ ହସ୍ପିଟାଲାରୁ ଆସିଥିବା ଜଣେ ବୃଦ୍ଧାଙ୍କ ଆମ୍ବୁଲାନ୍ସକୁ କିନ୍ତୁ ମରୀଚିକୋଟ ଛକରୁ ଆଗକୁ ଛାଡ଼ିଲେନି। ଫଳରେ ମା'ର ଇଚ୍ଛା ପୂରଣ ପାଇଁ ତାଙ୍କ ଝିଅ-ପୁଅ ଷ୍ଟ୍ରେଚର୍‌ରେ ବୃଦ୍ଧାଙ୍କୁ ସିଂହଦ୍ୱାର ପର୍ଯ୍ୟନ୍ତ ଗଡ଼େଇ ଗଡ଼େଇନେଲେ। ସୋମବାର ରାତି ପ୍ରାୟ ସାଢ଼େ ୧୦ଟାରେ ବଡ଼ଦାଣ୍ଡରେ ଏଭଳି ଏକ ଦୃଶ୍ୟ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଜଗା ଦୁଆରେ ପ୍ରଶାସନର ଏଭଳି ବାଛବିଚାରକୁ ନେଇ ସାଧାରଣଲୋକ ନାପସନ୍ଦ କିରଛନ୍ତି।

ନିଜ ରୋଗାକ୍ରାନ୍ତ ମା'ଙ୍କ ଇଚ୍ଛା ପୂରଣ ପାଇଁ ତାଙ୍କ ପୁଅ-ଝିଅ ତାଙ୍କୁ ଭୁବନେଶ୍ୱରରୁ ପୁରୀ ଆଣି ପତିତପାବନଙ୍କ ଦର୍ଶନ କରାଇଛନ୍ତି। ଦୁହେଁ ମା'ଙ୍କୁ ଏକ ଆମ୍ବୁଲାନ୍ସରେ ପୁରୀ ଆଣିଥିଲେ। କିନ୍ତୁ ମରୀଚିକୋଟଠାରୁ ଆଉ ଆଗକୁ ଆମ୍ବୁଲାନ୍ସ ଛାଡ଼ିନଥିଲା ପୁଲିସ୍। ଶେଷରେ ନିରୁପାୟ ହୋଇ ସେମାନେ ସେଠାରୁ ଷ୍ଟ୍ରେଚର୍‌ରେ ମା'ଙ୍କୁ ବସାଇ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଠେଲିଠେଲି ନେଇଥିଲେ। ଅରୁଣ ସ୍ତମ୍ଭ, ପତିତପାବନଙ୍କୁ ଦର୍ଶନ କରିବା ପରେ ବୃଦ୍ଧାଜଣଙ୍କ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ଦୃଶ୍ୟ ଦେଖଣାହାରୀଙ୍କ ମନରେ ସକାରାତ୍ମକ ଭାବନା ସୃଷ୍ଟି କରିଥିଲା।

ତାଙ୍କ ଝିଅ କହିଛନ୍ତି ମା' ମହାପ୍ରଭୁଙ୍କୁ ଦର୍ଶନ କରିବେ ବୋଲିଇଚ୍ଛାକରିଥିଲେ।ଅସୁସ୍ଥତାଯୋଗୁଁଆସିପାରୁନଥିଲେ। ତିନିଦିନ ହେବ ଦର୍ଶନ ପାଇଁ ଜିଦ୍ କରିଥିଲେ। ଆମେ ତାଙ୍କୁ ଆମ୍ବୁଲାନ୍ସରେ ଆଣି ଆସିଥିଲୁ। ମରୀଚିକୋଟରୁ ପୁଲିସ ଗାଡ଼ି ଆଗକୁ ନ ଛାଡ଼ିବାରୁ ଷ୍ଟ୍ରେଚର୍‌ରେ ଆଣି ଦର୍ଶନ କରାଇଲୁ ବୋଲି କହିଛନ୍ତି। ତେବେ ଭିଆଇପିଙ୍କ ଗାଡ଼ି ସିଂହଦ୍ୱାର ସମ୍ମୁଖରେ ଲାଗୁଥିଲା ବେଳେ ଆମ୍ବୁଲାନ୍ସରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ବୃଦ୍ଧାଙ୍କ ଗାଡ଼ି ମନ୍ଦିର ପାଖକୁ ନ ଛାଡ଼ିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ପୁରୀ ଜିଲ୍ଲା ଆପ ସଭାପତି ସଞ୍ଜୀବ କୁମାର ମହାନ୍ତି।



# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-98 ◆WEDNESDAY ◆1 OCTOBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୯୮ ◆ବୁଧବାର ◆୧ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ନବୀନଙ୍କ ଶାରଦୀୟ ଶୁଭେଚ୍ଛା

■ ଭୁବନେଶ୍ୱର, ୩୦।୯ (ସମିସ): ରାଜ୍ୟବାସୀଙ୍କୁ ଶାରଦୀୟ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ଜରିଆରେ ଏକ ଭିଡିଓ ବାର୍ତ୍ତାରେ ନବୀନ କହିଛନ୍ତି ଯେ ପବିତ୍ର ଦୁର୍ଗା ପୂଜା ଓ ଦଶହରା ଅବସରରେ ରାଜ୍ୟବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି। କରୁଣାରେ ଭରା ମା' ଦୁର୍ଗାଙ୍କ ଆଶୀର୍ବାଦ ସଭିଙ୍କ ଉପରେ ରହିଥାଉ। ଅସତ୍ୟ ଉପରେ ସତ୍ୟର ବିଜୟ ହେଉଛି, ଦଶହରାର ବାର୍ତ୍ତା। ତେଣୁ ଏହି ପବିତ୍ର ଅବସରରେ ଅନ୍ୟାୟ, ଅନୀତି ଓ ଅତ୍ୟାଚାର ବିରୋଧରେ ଲଢ଼େଇକୁ ଜୋରଦାର କରିବାକୁ ସେ ନିଜେ ଓ ରାଜ୍ୟବାସୀ ମା'ଙ୍କ ଆଶୀର୍ବାଦ କାମନା କରନ୍ତୁ ବୋଲି ନବୀନ କହିଛନ୍ତି।



# ନାଲକୋ କାର୍ଯ୍ୟାଳୟରେ ସିବିଆଇ ଚଢ଼ଉ

■ ଭୁବନେଶ୍ୱର,୩୦।୯ (ସମିସ): ଚାକିରି ଆଳରେ କୋଟି କୋଟି ଟଙ୍କା ଠକେଇ ମାମଲାରେ ଭୁବନେଶ୍ୱର ନାଲକୋ କାର୍ଯ୍ୟାଳୟରେ ମଙ୍ଗଳବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଚଢ଼ାଉ

- ଚାକିରି କରାଇ ଦେବା ନାଁରେ ଠକେଇ ଅଭିଯୋଗ
- ରିପୋର୍ଟ ତଥ୍ୟ ଆଧାରିତ ନୁହେଁ : ନାଲକୋ

କରାଯାଇଛି। ଚାକିରି ଦେବା ନାଁରେ ୪କୋଟିରୁ ଅଧିକ ଠକେଇ ଅଭିଯୋଗରେ ଏହି ଚଢ଼ାଉ ହୋଇଥିବା ସୂଚନା ମିଳିଛି। ସିବିଆଇ ପକ୍ଷରୁ ନାଲକୋ ଅଫିସର ୨ ଜଣ କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି। ଆହୁରି ମଧ୍ୟ ଉକ୍ତ ଅଫିସରୁ ଏକାଧିକ ପିଲାଙ୍କ ସାର୍ଟିଫିକେଟ ଏବଂ ନିଯୁକ୍ତି ପତ୍ର ମିଳିଥିବା ଜଣାପଡିଛି। ପୂର୍ବରୁ ପୁଲିସ ଠକେଇ ଅଭିଯୋଗରେ ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସିବିଆଇ ପକ୍ଷରୁ ଅଧିକ ଖୋଲତାଡ଼ କରାଯାଉଥିବା ଜଣାପଡ଼ିଛି। ସକାଳୁ ସକାଳୁ ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ ଟିମର ଅତର୍କିତ ଚଢ଼ାଉ କରିଛି। ନାଲକୋରେ ଚାକିରି କରାଇ ଦେବା ନାଁରେ ବଡ଼ କେଲେଙ୍କାରୀ ହୋଇଥିବା ନେଇ ଅଭିଯୋଗ ପାଇବା ପରେ ଭୁବନେଶ୍ୱର ନାଲକୋ ଅଫିସରେ ପଶି କାଗଜପତ୍ର ଯାଞ୍ଚ କରିଥିଲା ତଦନ୍ତକାରୀ ଟିମ୍। କିଛି କର୍ମଚାରୀଙ୍କୁ ଝାଳବୁହା ଜେରା ସହ, ବହୁତ ଗୁଡିଏ ଦସ୍ତାବିଜ ଯାଞ୍ଚ କରିଥିଲା ସିବିଆଇ। ୨୦ରୁ ଊର୍ଦ୍ଧ୍ୱରୁ ଲୋକଙ୍କୁ ଚାକିରି କରାଇ ଦେବାକୁ କହି ଜାଲ କାଗଜପତ୍ର କିମ୍ବା ଟଙ୍କା କାରବାରର ବଡ଼ ଘୋଟଲା ହୋଇଥିବା ସନ୍ଦେହ କରୁଛି ଟିମ୍।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ନାଲକୋ ପକ୍ଷରୁ କୁହାଯାଇଛି ଯେ, ନିଯୁକ୍ତି ଜାଲିଆତି ଏବଂ ନାଲକୋ ଅଧିକାରୀଙ୍କ ସମ୍ପୃକ୍ତି ସହିତ ଜଡିତ ନାଲକୋ କର୍ପୋରେଟ୍ କାର୍ଯ୍ୟାଳୟରେ ସିବିଆଇ ଦ୍ୱାରା ଚଢଉ ସମ୍ପର୍କରେ ଖବର ମଙ୍ଗଳବାର ମିଳିଛି। ସିବିଆଇ ଅଧିକାରୀମାନେ ନାଲକୋ ଅଧିକାରୀମାନଙ୍କୁ ପଚରାଉଚରା କରିଥିବା ଓ କିଛି ଦସ୍ତାବିଜ ଜବତ ହୋଇଥିବା ସଂକ୍ରାନ୍ତ ଖବର ସତ୍ୟ ଆଧାରିତ ନୁହେଁ। ଏହା ପରିସ୍ଥିତିର ଭ୍ରାମକ ଚିତ୍ର ଉପସ୍ଥାପନ କରୁଛି। ଯାହା ଜନସାଧାରଣଙ୍କୁ ଭୁଲ ସୂଚନା ଦେଇପାରେ ଏବଂ ପ୍ରତିଷ୍ଠାନ ପ୍ରତି କ୍ଷତି ପହଞ୍ଚାଇପାରେ। ନାଲକୋ ଏକ ସରକାରୀ ଉଦ୍ୟୋଗ ହୋଇଥିବାରୁ ପ୍ରକ୍ରିୟାଗୁଡ଼ିକ ସାମ୍ବିଧାନିକ ଏବଂ ବାହ୍ୟ ଏଜେନ୍ସିଗୁଡ଼ିକ ଦ୍ୱାରା ଅଡିଟ୍ ଅଧୀନରେ ଥାଏ ଏବଂ ସିବିଆଇ ଅଧିକାରୀଙ୍କ ଗସ୍ତ ଏହାର ଏକ ଅଂଶ ଥିଲା ବୋଲି ନାଲକୋ ପଛରୁ କୁହାଯାଇଛି।


DADLS-53





ପବିତ୍ର ବିଜୟା ଦଶମୀ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)





ଦୁର୍ଗାପୂଜା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ମା' ଦୁର୍ଗା ଆମ ପାଇଁ ଶକ୍ତି ଓ ସୁରକ୍ଷାର ନିଦର୍ଶନ । ଆମ ସମାଜରେ ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ହେଉଛି ଶକ୍ତି, ସାହସ ଓ ନୈତିକ ବିଜୟର ପ୍ରତୀକ । ମା' ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ଶୁଭମୟ ହେଉ ।

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଉଠୁ, ପାର୍ବଣର ଏହି ଅମୃତ ଲଗ୍ନରେ ମା'ଙ୍କ ନିକଟରେ ଏତିକି ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1202/2526

DADLS-52





ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

(ହରି ବାବୁ କମ୍ଭମ୍ପାଟି)





ଗାନ୍ଧୀ ଜୟନ୍ତୀ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆସନ୍ତା କାଲି ଗାନ୍ଧୀ ଜୟନ୍ତୀ । ଏହି ଉପଲକ୍ଷେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।


ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପ୍ରତୀକ, ଯାହାଙ୍କ ଜୀବନ ଦର୍ଶନ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ତାଙ୍କ ସ୍ୱଦେଶୀ ଓ ସ୍ୱଚ୍ଛତା ବିଚାର ଆଜି ବି ଆମ ଜୀବନ ଓ ସମାଜ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆସନ୍ତୁ, ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆତ୍ମନିର୍ଭର ଓ ସ୍ୱଚ୍ଛ ଭାରତ ଗଠନ ଦିଗରେ ସମସ୍ତେ ସମର୍ପିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1198/2526

ସକାଳ
THE SAKALA

# ସମ୍ପାଦକୀୟ



ଅନ୍ୟର ଜୀବନରେ ଦଖଲ ଦେଇ ତୁମ ଜୀବନର ମୂଲ୍ୟବାନ ସମୟ ନଷ୍ଟ କରନାହିଁ।
-ଷ୍ଟିଭ୍ ଜବ୍ସ୍

## ପୁଣି ଓଡ଼ିଶା ପ୍ରଥମ

ବିପର୍ଯ୍ୟୟ ପ୍ରଶମନଠାରୁ ଆରମ୍ଭ କରି ମହିଳା ସଶକ୍ତୀକରଣ, ବିତ୍ତୀୟ ପରିଚାଳନା ଆଦି ଅନେକ କ୍ଷେତ୍ରରେ ଜାତୀୟସ୍ତରରେ ଉଦାହରଣ ସୃଷ୍ଟି କରିଥିବା ଓଡ଼ିଶାକୁ ଦାରିଦ୍ର୍ୟ ଦୂରୀକରଣରେ ଉଲ୍ଲେଖନୀୟ ସଫଳତା ପାଇଁ ସର୍ବାଗ୍ର ଆସନ ମିଳିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଗତ ସପ୍ତାହରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ୨୦୧୧-୧୨ ରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ଓଡ଼ିଶାର ଦାରିଦ୍ର୍ୟ ହାର ୪୭.୮%ରୁ ୮.୬% କୁ ହ୍ରାସ ପାଇଛି। ଓଡ଼ିଶା ପଛକୁ ଏ କ୍ଷେତ୍ରରେ ବିହାର ରହିଛି। ତଫାତ୍ ହେଉଛି ନିରନ୍ତର କେନ୍ଦ୍ରୀୟ ସହାୟତା ଓ ଅନୁଦାନ ପାଉଥିବା ବିହାର ଦାରିଦ୍ର୍ୟ ହ୍ରାସରେ ଯେତିକି ସଫଳତା ହାସଲ କରିଛି ଅଣଏନ୍‌ଡିଏ ଶାସିତ ରାଜ୍ୟ ଭାବେ ଓଡ଼ିଶା କ୍ରମାଗତ କେନ୍ଦ୍ରୀୟ ଅବହେଳାର ଶିକାର ହୋଇ ମଧ୍ୟ ବିହାରଠାରୁ ଅଧିକ ସଫଳ ରାଜ୍ୟ ଭାବେ ପ୍ରମାଣିତ ହୋଇଛି। ଉଲ୍ଲେଖ ନିଷ୍ପ୍ରୟୋଜନ, ଯେଉଁ ଅବଧି କଥା ଆରବିଆଇ ଉଲ୍ଲେଖ କରିଛି, ତାହା ଥିଲା ଓଡ଼ିଶାର ନବୀନ ପଟ୍ଟନାୟକଙ୍କ ଶାସନାକାଳ।

କେନ୍ଦ୍ର ସରକାରଙ୍କ ପାରିବାରିକ ଉପଭୋଗ ଖର୍ଚ୍ଚ ସର୍ବେକ୍ଷଣ(ଏଚ୍‌ସିଇଏସ୍)-୨୦୨୨-୨୩ ତଥ୍ୟ ଆଧାରରେ ପ୍ରସ୍ତୁତ ଆରବିଆଇର ଏହି ରିପୋର୍ଟ କହିଛି ଯେ ଦାରିଦ୍ର୍ୟ ଦୂରୀକରଣରେ ଓଡ଼ିଶାର ସଫଳତା ଦେଶର ଯେକୌଣସି ଦେଶ ତୁଳନାରେ ସର୍ବକାଳୀନ ରେକର୍ଡ। ଅପରପକ୍ଷରେ ହିମାଚଳ ପ୍ରଦେଶରେ ସର୍ବନିମ୍ନ ଗରିବ(୦.୪%) ଥିବା ବେଳେ ୧୫ ବର୍ଷ ଧରି ବିଜେପି ଶାସିତ ଛତିଶଗଡ଼ରେ ସର୍ବାଧିକ(୨୫.୧%) ଗରିବ ରହିଛନ୍ତି। କେବଳ ସେତିକି ନୁହେଁ, ଗତ ବର୍ଷ ନିତି ଆୟୋଗ ଓ ୟୁଏନ୍‌ଡିପି ପକ୍ଷରୁ ମିଳିତ ଭାବେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ଓଡ଼ିଶାରେ ପ୍ରାୟ ୧କୋଟି ୨ ଲକ୍ଷ ଲୋକ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। ଦେଶବ୍ୟାପୀ ବହୁମୁଖୀ ଦାରିଦ୍ର୍ୟରୁ ମୁକୁଳିବା ତାଲିକାରେ ଓଡ଼ିଶା ଶ୍ରେଷ୍ଠ ପାଞ୍ଚରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। ଗରିବ ରାଜ୍ୟର ଅପବାଦ ବହନ କରୁଥିବା ଏବଂ ୨୩% ଆଦିବାସୀ ଓ ୧୭% ତଫସିଲଭୁକ୍ତ ଜାତି ବସବାସ କରୁଥିବା ଓଡ଼ିଶା ଭଳି ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟର ଏହି ଦଶବର୍ଷର ସଫଳତାର ରିପୋର୍ଟ କାର୍ଡ କିଛି କମ୍ ଉପଲବ୍ଧି ନୁହେଁ।

ଆରବିଆଇ ରିପୋର୍ଟ ପୂର୍ବରୁ ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ରିପୋର୍ଟରେ ଓଡ଼ିଶାର ଦାରିଦ୍ର୍ୟ ଦୂରୀକରଣରେ ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କରାଯାଇଛି। ଏହାର ମୁଖ୍ୟ ଆଧାର ଅଣକୃଷି ନିଯୁକ୍ତିରେ ଅଭିବୃଦ୍ଧି ହୋଇଥିବା ବେଳେ ଗ୍ରାମାଞ୍ଚଳରେ ଲୋକଙ୍କୁ କ୍ଷୁଦ୍ର ବ୍ୟବସାୟ, ହସ୍ତଶିଳ୍ପ, ଗୋପାଳନ, କୁକୁଡ଼ା, ଛେଳି ଓ ମାଛଚାଷ, ବନୀକରଣ, ଖାଦ୍ୟ ପ୍ରକ୍ରିୟାକରଣ, ଯାନ୍ତ୍ରିକ ମରାମତି କାମ ଜରିଆରେ ସଫଳ ରୋଜଗାରର ପନ୍ଥା ଯୋଗାଇ ଦିଆଯାଉଛି। ବିଶେଷକରି ମହିଳାମାନଙ୍କୁ 'ମିଶନ୍ ଶକ୍ତି' ଜରିଆରେ ସ୍ୱାବଲମ୍ବୀ ହେବାର ଅନେକ ବିକଳ୍ପ ପ୍ରସ୍ତୁତ କରାଯାଇଥିଲା, ଯାହା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଗୁଡ଼ିକ ଏମ୍‌ଏସ୍‌ଏମ୍‌ଇ(ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ) ରେ ବଢ଼ିବା ସହିତ ଦାରିଦ୍ର୍ୟ ହାରରେ ହ୍ରାସ ଘଟି ଚାଲିଥିଲା।

## ଏ ପରୀକ୍ଷା କାହା ହିତରେ?

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ପରିଚାଳିତ ବିଦ୍ୟାଳୟମାନଙ୍କରେ ଆସନ୍ତା ଶିକ୍ଷାବର୍ଷରୁ ନବମ ଶ୍ରେଣୀରେ ଲାଗୁ ହେବାକୁ ଯାଉଥିବା ବହି କିମ୍ବା ନୋଟ୍‌ବୁକ୍ କିମ୍ବା ସାଥୀ ବହି ଦେଖି ପରୀକ୍ଷା ଦେବା ବ୍ୟବସ୍ଥା(ଓପନ୍ ବୁକ୍ ଏକ୍‌ଜାମିନେସନ୍)ର ସୁଦୂରବିସ୍ତାରୀ କୁପ୍ରଭାବ ବିଷୟରେ ଆମେ ଏହି ସ୍ତମ୍ଭରେ କିଛିଦିନ ତଳେ ଆଲୋଚନା କରିଥିଲୁ ଏବଂ ଉଦ୍‌ବେଗ ପ୍ରକାଶ କରିଥିଲୁ। ଆଉ ଏକ ପରୀକ୍ଷା ବ୍ୟବସ୍ଥା ଉପରେ ପୁଣି ଥରେ ଆଲୋଚନା କରି ଶିକ୍ଷାବିତ, ବୁଦ୍ଧିଜୀବୀ ଓ ଅଭିଭାବକଙ୍କ ଦୃଷ୍ଟି ଆକର୍ଷଣ କରୁଛୁ। ଆସନ୍ତା ଶିକ୍ଷାବର୍ଷରୁ ସିବିଏସ୍‌ଇ ପରିଚାଳିତ ପ୍ରାୟ ୩୦ ହଜାର ବିଦ୍ୟାଳୟରେ ପଢ଼ୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଦଶମ ଶ୍ରେଣୀରେ ଦୁଇଦୁଇଥର ପରୀକ୍ଷା ଦେବା ସୁବିଧା କାର୍ଯ୍ୟକାରୀ ହେବାକୁ ଯାଉଛି। ଏ ସମ୍ପର୍କିତ ମାର୍ଗଦର୍ଶିକା ଜାରି ହୋଇସାରିଥିବା ବେଳେ ପ୍ରଥମ ଦଫା ଫେବୃଆରୀ ୧୫ ତାରିଖରୁ-ମାର୍ଚ୍ଚ ୯ ତାରିଖ ମଧ୍ୟରେ ଏବଂ ଦ୍ୱିତୀୟ ଦଫା ମେ' ୧୫ ତାରିଖରୁ-ଜୁନ୍ ପହିଲା ମଧ୍ୟରେ ଅନୁଷ୍ଠିତ ହେବ। ଏବେ ଦଶମ ପରୀକ୍ଷାରେ ଦୁଇ ବିଷୟ ମଧ୍ୟରେ ବ୍ୟବଧାନ ଅଧିକ ରହୁଥିବା ବେଳେ ନୂଆ ପଦ୍ଧତିରେ ଏହି ଅବଧିକୁ ଗୋଟିଏ କିମ୍ବା ଦୁଇଦିନକୁ ହ୍ରାସ କରାଯିବ। ସଫଳତା ଭିତ୍ତିରେ ଏହି ପଦ୍ଧତି ଦ୍ୱାଦଶ ଶ୍ରେଣୀରେ କାର୍ଯ୍ୟକାରୀ ହେବ। ଛାତ୍ରଛାତ୍ରୀମାନେ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେବା ବାଧ୍ୟତାମୂଳକ ହୋଇଥିବା ବେଳେ ସେମାନେ ଚାହିଁଲେ ଦ୍ୱିତୀୟ ଦଫାରେ ଆଉ ଟିକେ ଭଲ କରି ନମ୍ବର ବଢ଼ାଇପାରିବେ। କିନ୍ତୁ ଏହି ସୁବିଧା ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଓ ଦୁଇଟି ଭାଷାଭିତ୍ତିକ ବିଷୟ ମଧ୍ୟରୁ କେବଳ ତିନିଟି ବିଷୟରେ ମିଳିବ।

ଜାତୀୟ ଶିକ୍ଷା ନୀତିରେ ପରୀକ୍ଷା ବୋଝ ହ୍ରାସ କରିବାକୁ ଦିଆଯାଇଥିବା ପରାମର୍ଶ ଆଧାରରେ ସିବିଏସ୍‌ଇ ଉପରୋକ୍ତ ପଦକ୍ଷେପ ନେଇଛି। ଏହାଦ୍ୱାରା କିନ୍ତୁ ଶିକ୍ଷାଗ୍ରହଣର ଗୁଣାତ୍ମକ କାର୍ଯ୍ୟକାରିତା ଏବଂ ଶିକ୍ଷାର ମୂଳ ଲକ୍ଷ୍ୟ ପରାହତ ହେବାର ଆଶଙ୍କା ଅଧିକ। ସାଧାରଣତଃ ପରୀକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ପିଲାମାନେ ବିଦ୍ୟାଳୟରେ କ'ଣ ଶିଖିଲେ, କେତେ ଶିଖିଲେ ତାହାର ମୂଲ୍ୟାୟନ ଏବଂ ପରୀକ୍ଷାର ନମ୍ବର ହେଉଛି ତାହାର ମାପକାଠି। ସେହି ମାପକାଠି ଆଧାରରେ ଉଚ୍ଚଶିକ୍ଷା ପାଇଁ ଅନୁମତି ମିଳେ। ନବମ ଶ୍ରେଣୀରୁ ଲାଗୁ ହେବାକୁ ଯାଉଥିବା ଓପନ୍ ବୁକ୍ ପରୀକ୍ଷା ପରବର୍ତ୍ତୀ ସମୟରେ ୧୦ମ ଶ୍ରେଣୀକୁ ସମ୍ପ୍ରସାରିତ ହେବାର ସମ୍ଭାବନା ଅଧିକ। ଯଦି ଜଣେ ଛାତ୍ର ବହିଦେଖି ପରୀକ୍ଷା ଦେବ, ଯାହା ପାଇଁ ପୁଣି ଥରେ ସୁଯୋଗ ପାଇବ, ତେବେ ପରୀକ୍ଷା କରାଯିବ କାହିଁକି? ଅଯଥା ବିଦ୍ୟାଳୟର କସରତ ବଢ଼ିବା ସାର ହେବ। ବହି ଦେଖି ଦୁଇଦୁଇଥର ପରୀକ୍ଷା ଦେଇ ଭଲ ନମ୍ବର ଆଣିଥିବା ପିଲାମାନେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଦକ୍ଷତା ପ୍ରଦର୍ଶନ କରିପାରିବେ ତ? ଫିନ୍‌ଲାଣ୍ଡ ରାଷ୍ଟ୍ର ଅନୁକରଣରେ ସମ୍ପୂର୍ଣ୍ଣ ପରୀକ୍ଷାକୁ ଉଚ୍ଛେଦ କରିଦେବା ବରଂ ଭଲ ହେବ।

ଏହାପୂର୍ବରୁ ଅଷ୍ଟମ୍ ଶ୍ରେଣୀ ପର୍ଯ୍ୟନ୍ତ ଥିବା ପାସ୍/ଫେଲ୍ ବ୍ୟବସ୍ଥାକୁ ପୁନଃକାର୍ଯ୍ୟକାରୀ କରିବା ପାଇଁ ସିବିଏସ୍‌ଇ ଅଧୀନସ୍ଥ ସମସ୍ତ ବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇସାରିଛି। ତା' ପରେ ନବମ ଶ୍ରେଣୀରେ ବହି ଦେଖି ଲେଖା ଏବଂ ଏବେ ଦଶମ ଶ୍ରେଣୀରେ ଦୁଇଦୁଇଥର ପରୀକ୍ଷା ସୁବିଧା ମିଳିବାକୁ ଯାଉଛି। ଏହି ପରସ୍ପର ବିରୋଧୀ ନିଷ୍ପତ୍ତିର ଭଲ-ମନ୍ଦ ବିଚାର କରିବା ଅଧିକାର ଶିକ୍ଷାବିତ୍ ଓ ଅଭିଭାବକଙ୍କର। ଆମେ କେବଳ ଦର୍ପଣର କାମ କରୁଛୁ।

# ନବୀନ ଉପସ୍ଥିତ, ବିଜେଡି ସୁରକ୍ଷିତ

ମିହିର ରାୟ

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷମତାରୁ ଅପସରି ଯିବାର ପନ୍ଦର ମାସ ବିତିଗଲାଣି। କିନ୍ତୁ ଓଡ଼ିଶାର ରାଜନୈତିକ ମହଲରେ ସେ ଚର୍ଚ୍ଚାରୁ ଅପସରି ନାହାନ୍ତି। ନିଃସନ୍ଦେହରେ ନବୀନ ଏବେ ବି ଓଡ଼ିଶା ରାଜନୀତିର ସର୍ବାଧିକ ଚର୍ଚ୍ଚିତ ଚେହେରା। ନବୀନଙ୍କ ରାଜନୈତିକ ଉପଲବ୍ଧି ହେଉ ବା ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା କଥା ହେଉ ବା ତାଙ୍କ ଉତ୍ତରାଧିକାରୀ କିଏ ହେବ ପ୍ରସଙ୍ଗ ହେଉ, ରାଜ୍ୟ ଓ ଜାତୀୟ ଗଣମାଧ୍ୟମରେ ନିରନ୍ତର ଚର୍ଚ୍ଚା ଲାଗି ରହିଛି। ଏହି ସମସ୍ତ ପ୍ରସଙ୍ଗ ଭିତରୁ ଗୋଟିଏ ପ୍ରସଙ୍ଗ ଆଗରେ ରହିଛି। ତାହା ହେଉଛି ନବୀନଙ୍କ ପରିଣତ ବୟସ ଏବଂ ତାଙ୍କର ରାଜନୈତିକ ଉତ୍ତରାଧିକାରୀ କିଏ ହେବ? ଯା' ଭିତରେ ଏକ ଅସ୍ତ୍ରୋପଚାର ପାଇଁ ନବୀନ ମୁମ୍ବାଇର ଏକ ଘରୋଇ ହସ୍ପିଟାଲକୁ ଯିବା ଏବଂ ସେଠାରୁ ଫେରିବା ପରେ ଆଉଥରେ ଭୁବନେଶ୍ୱରରେ ସ୍ଥିତ ଏକ ଘରୋଇ ହସ୍ପିଟାଲରେ କିଛିଦିନ ଚିକିତ୍ସିତ ହେବା ଘଟଣା ପୂର୍ବରୁ ଜାରି ରହିଥିବା ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଇଛି।

ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ କେତେବେଳେ ତାଙ୍କ ରାଜନୈତିକ ବିରୋଧୀମାନେ ପ୍ରଶ୍ନ ଉଠାଉଛନ୍ତି, ପୁଣି କେତେବେଳେ ଗଣମାଧ୍ୟମ ପ୍ରଶ୍ନ ଉଠାଉଛି। ନବୀନଙ୍କ ସ୍ୱାସ୍ଥ୍ୟକୁ ନେଇ ଏବେ ଯେଉଁ ପ୍ରଶ୍ନ ଉଠୁଛି ତାହା ଅବଶ୍ୟ ନୂଆ ନୁହେଁ। ପ୍ରାୟ ୨୦୧୫/୧୬ ମସିହାରୁ ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ନେଇ ବିରୋଧୀ ପ୍ରଶ୍ନ ଉଠାଉଛନ୍ତି। କିନ୍ତୁ ନବୀନ ରାଜନୀତିରେ ରହିଛନ୍ତି ଏବଂ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟ ସ୍ଥିର ରହିଛି। ଏଠାରେ ପ୍ରଶ୍ନ ଉଠେ ଯେ, ନବୀନଙ୍କ ସ୍ୱାସ୍ଥ୍ୟକୁ ନେଇ ବିରୋଧୀ ପ୍ରସଙ୍ଗ କରୁଛନ୍ତି କାହିଁକି? ଅନୁଶୀଳନ କଲେ ଜଣାଯାଏ, ନିର୍ବାଚନ ପାଖେଇ ଆସିଲେ ବିରୋଧୀ ଏହି ପ୍ରସଙ୍ଗ ଉଠାନ୍ତି। ନବୀନଙ୍କ ଲୋକପ୍ରିୟତା ଯୋଗୁଁ ସେ ଲଗାତର ଭାବେ ପାଞ୍ଚ ପାଞ୍ଚ ଥର ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ନବୀନଙ୍କୁ କ୍ଷମତା ଦୌଡ଼ରୁ ଦୂରରେ ରଖିବା ପାଇଁ ବିରୋଧୀ ତାଙ୍କ ସ୍ୱାସ୍ଥ୍ୟ ପ୍ରସଙ୍ଗକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ଏକ ମିଛ ବ୍ୟାଖ୍ୟାନ ବୋଲି କୁହାଯାଇପାରେ।

୨୦୨୪ ନିର୍ବାଚନ ସମୟରେ ବିଜେଡି ଓ ନବୀନ ପଟ୍ଟନାୟକଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ବିରୋଧୀଙ୍କ ତରଫରୁ ଅନେକ ମିଛ ବ୍ୟାଖ୍ୟାନ କରା ଯାଇଥିଲା କୁହାଯାଏ। ଅନେକ ମିଛ ବ୍ୟାଖ୍ୟାନ ଭିତରୁ ନବୀନଙ୍କ ଅସୁସ୍ଥତା ଅଭିଯୋଗ ମଧ୍ୟ ଗୋଟିଏ ଥିଲା। ଯଦିଓ ନବୀନ କ୍ଷମତାରେ ନାହାନ୍ତି, ସେ ଏବେବି ରାଜ୍ୟର ସର୍ବାଧିକ ଲୋକପ୍ରିୟ ନେତା। ୨୦୨୪ ବିଧାନସଭା ନିର୍ବାଚନରେ ବିଜେଡି ବିଜେପିଠାରୁ କମ ଆସନ ପାଇଥିଲେ ମଧ୍ୟ ଅଧିକ ଭୋଟ ପାଇଥିଲା। ନବୀନଙ୍କ ଲୋକପ୍ରିୟତା ବଳରେ ୨୦୨୯ ନିର୍ବାଚନରେ ବିଜୟୀ ହେବାର ବିଜୁ ଜନତା ଦଳ କ୍ଷମତା ରଖୁଛି ବୋଲି କୌଣସି ରାଜନୈତିକ ସମୀକ୍ଷକ ଦ୍ୱିମତ ହେବେ ନାହିଁ। ତେଣୁ ବିଜେଡିକୁ କ୍ଷମତାରୁ ଦୂରରେ ରଖିବା ପାଇଁ ନବୀନଙ୍କ ଅସୁସ୍ଥତାର ପ୍ରଚାର ବିରୋଧୀଙ୍କ ପାଇଁ ଏବେବି ଗୋଟିଏ ଅସ୍ତ୍ର।

କିଛି ଗଣମାଧ୍ୟମରେ ନିକଟରେ କୁହାଯାଇଛି ଯେ, ୨୦୨୯ ବେଳକୁ ମୁଖ୍ୟମନ୍ତ୍ରୀ ପରି ଗୁରୁ ଦାୟିତ୍ୱ ତୁଲାଇବା ପାଇଁ ନବୀନଙ୍କୁ ତାଙ୍କ ସ୍ୱାସ୍ଥ୍ୟ ଅନୁମତି ଦେବନାହିଁ। ନବୀନଙ୍କୁ ଏବେ ୭୮ ବର୍ଷ। ୨୦୨୯ ନିର୍ବାଚନ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିବ। ସମ୍ବିଧାନରେ ମୁଖ୍ୟମନ୍ତ୍ରୀ ହେବା ପାଇଁ କୌଣସି ବୟସର ସୀମା ନାହିଁ। ନବୀନଙ୍କ ସ୍ୱାସ୍ଥ୍ୟ ସେତେବେଳକୁ ଖରାପ ହୋଇ ଯାଇଥିବ ବୋଲି ଏବେଠାରୁ ଆକଳନ କରିବା ଠିକ ନୁହେଁ। ଇତିହାସକୁ ଅବଲୋକନ କଲେ ଜଣାଯାଏ, ଅନେକ ବ୍ୟକ୍ତି ପରିଣତ ବୟସରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଭଳି ଗୁରୁ ଦାୟିତ୍ୱ ସଫଳତାର ସହିତ ନିର୍ବାହ କରିଛନ୍ତି। ବର୍ଷିଆନ ରାଜନେତା ପ୍ରକାଶ ସିଂ ବାଦଲ ୨୦୧୨ ମସିହାରେ ଚତୁର୍ଥ ଥର ପାଇଁ ପଞ୍ଜାବର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେତେବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ସେ ସଫଳତାର ସହିତ ପାଞ୍ଚ ବର୍ଷ ଶାସନ କରିଥିଲେ। ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଲା ବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା। ସେହିପରି ୨୦୦୬ ମସିହାରେ ଏମ କରୁଣାନିଧିଙ୍କୁ ୮୨ ବର୍ଷ ହୋଇଥିଲା ବେଳେ ସେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ୮୭ ବର୍ଷ ହେବା ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ସଫଳତାର ସହିତ ତୁଲାଇଥିଲେ। ୧୯୭୭ ମସିହାରେ, ମୋରାରଜୀ ଦେଶାଇଙ୍କୁ ଯେତେବେଳେ ୮୧ ବର୍ଷ ହୋଇଥିଲା ସେ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ ଏବଂ ୮୩ ବର୍ଷ ହେବା ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇଥିଲେ। ପଶ୍ଚିମବଙ୍ଗର ବିଶିଷ୍ଟ ବାମପନ୍ଥୀ ରାଜନେତା ଜ୍ୟୋତି ବସୁ ୮୧ ବର୍ଷ ବୟସରେ ଶେଷ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ତାଙ୍କୁ ୮୬ ବର୍ଷ ହେବା ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇଥିଲେ।

କେବଳ ଭାରତରେ ପ୍ରାପ୍ତବୟସ୍କ ରାଜନେତାମାନେ ସଫଳତାର ସହିତ ରାଜ୍ୟ କିମ୍ବା ଦେଶର ନେତୃତ୍ୱ ନେବାର ଉଦାହରଣ ରହିଛି ତାହା ନୁହେଁ, ବରଂ ସମଗ୍ର ବିଶ୍ୱରେ ମଧ୍ୟ ଏଭଳି ଅନେକ ଉଦାହରଣ ଦେଖିବାକୁ ମିଳେ। ଇଂରାଜୀରେ ଗୋଟିଏ ଶବ୍ଦ ଅଛି, 'ଜେରୋନଟୋକ୍ରାସି'। ଯାହାର ଅର୍ଥ ହେଉଛି, ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କ ଦ୍ୱାରା ଶାସନ। ୯୨ ବର୍ଷୀୟ ପଲ ବିୟୋ ଏବେ ଆଫ୍ରିକୀୟ ରାଷ୍ଟ୍ର କାମେରୁନର ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଉଛନ୍ତି ଏବଂ ଅକ୍ଟୋବର ୨୦୨୫ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପାଇଁ ନିଜର ପ୍ରାର୍ଥିତ୍ୱ ଘୋଷଣା କରି ସାରିଛନ୍ତି। ୯୨ ବର୍ଷରେ ମହାଥିର ମହମ୍ମଦ ମାଲେୟସିଆର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ରବର୍ଟ ମୋଗବେ ୯୩ ବର୍ଷ ପର୍ଯ୍ୟନ୍ତ ଜିମ୍ବାୱେ ଦେଶର ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଜିଆରଜିଓ ନାପୋଲିଟାନୋ ୮୧ ବର୍ଷ ବୟସରେ ଇଟାଲୀର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ଏବଂ ତାଙ୍କୁ ୯୦ ବର୍ଷ ହେବା ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇଥିଲେ। ଜିନ-ଲୁସିଏନ ସାଭିଦେ ତୋଭେଙ୍କୁ ଏବେ ୮୬ ବର୍ଷ ହୋଇଥିବା ବେଳେ ନିକଟରେ ଅର୍ଥାତ ମେ' ୨୦୨୫ରେ ସେ ଟୋଗୋ ରାଷ୍ଟ୍ରର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆମେରିକାର ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କୁ ୭୯ ବର୍ଷ ହୋଇଥିବା ବେଳେ ସେ ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ତାଙ୍କୁ ୮୩ ବର୍ଷ ହେଲା ପର୍ଯ୍ୟନ୍ତ ରାଷ୍ଟ୍ରପତି ରହିବେ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ ୭୮ ବର୍ଷରେ ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ୮୨ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ।

ଏହିପରି ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ଭାବେ ପ୍ରାପ୍ତ ବୟସ୍କମାନେ ବିଶେଷକରି ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନେ ଦାୟିତ୍ୱ ଗ୍ରହଣ କରିବା ତାଲିକା ଖୁବ ଲମ୍ବା। ଏପରିକି ନବେରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ଅନେକ ସ୍ଥାନରେ ରାଷ୍ଟ୍ରମୁଖ୍ୟର ଗୁରୁ ଦାୟିତ୍ୱ ତୁଲାଇଛନ୍ତି। ଏଥିରୁ ଏହା ପ୍ରତୀୟମାନ ହେଉଛି ଯେ ଶାସନମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବା ପାଇଁ ବୟସ ପ୍ରତିବନ୍ଧକ ନୁହେଁ। ତେଣୁ ୨୦୨୯ ମସିହାର ନିର୍ବାଚନ ବେଳକୁ ନବୀନ ବିଜୁ ଜନତା ଦଳକୁ ନେତୃତ୍ୱ ନେଇପାରିବେ ନାହିଁ ଯୁକ୍ତି ଗ୍ରହଣୀୟ ନୁହେଁ। ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଯେଉଁ କଳ୍ପନା ଜଳ୍ପନା ପ୍ରକାଶ କରାଯାଉଛି, ତାହା ମଧ୍ୟ ଅନାବଶ୍ୟକ। ନିକଟରେ ମୁମ୍ବାଇରେ ସର୍ଜରୀ ହେବା ପରେ ସେଠାକାର ଡାକ୍ତରଙ୍କ ମତ ଅନୁସାରେ ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ୱାଭାବିକ ରହିଛି।

ନବୀନ ପଟ୍ଟନାୟକ ହେଉଛନ୍ତି ବିଜୁ ଜନତା ଦଳର ପୁଞ୍ଜି। ବିଜୁ ଜନତା ଦଳର ବିରୋଧୀମାନେ ବେଶ ଭଲ ଭାବରେ ଜାଣନ୍ତି ଯେ ରାଜନୀତି ମୈଦାନରେ ନବୀନଙ୍କ ଉପସ୍ଥିତି, ସେମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ ସଦୃଶ। ନବୀନ ଉପସ୍ଥିତ ଅଛନ୍ତି ମାନେ ବିଜେଡି ସୁରକ୍ଷିତ ଅଛି ବୋଲି ଧରି ନେବାକୁ ହେବ। ତେଣୁ ନବୀନଙ୍କ ସ୍ୱାସ୍ଥ୍ୟକୁ ନେଇ ବିରୋଧୀ ମାନେ ପ୍ରଶ୍ନ ଉଠାଇବା ଏବଂ ବିଭିନ୍ନ ନ୍ୟାରେଟିଭ କରିବା ସ୍ୱାଭାବିକ। କିନ୍ତୁ ବିଜୁ ଜନତା ଦଳ ପାଇଁ ନବୀନଙ୍କ ନେତୃତ୍ୱ ଅପରିହାର୍ଯ୍ୟ।

ଭୁବନେଶ୍ୱର, ମୋ: ୮୨୪୯୮୨୨୫୦୯

# ହସ ତଳର ଲୁହ

ରାଜୀବ ଗୋପାଳ ସ୍ୱାଇଁ

ଜୀବନ ଭାରି ବୈଚିତ୍ର୍ୟମୟୀ। କେତେ ରଙ୍ଗ କେତେ ରୂପ ନେଇ ସେ ମଣିଷକୁ କେତେବେଳେ ପ୍ରଲୋଭିତ କରେ ତ କେତେବେଳେ କରାଏ ଭୟଭୀତ। ଯେଉଁ ମଣିଷ ସେହି ବିଚିତ୍ରତା ଭିତରେ ନିଜକୁ ନିୟନ୍ତ୍ରଣ କରି ଆଗକୁ ବଢ଼େ ସେ ସେତେ ସଫଳ ହୁଏ। ଆମ ଜୀବନ ଭିତରେ ଅନେକ ଚରିତ୍ର ଆମ ଜୀବନକୁ ସରସ, ସୁନ୍ଦର ଓ ମଧୁମୟ କରିଥା'ନ୍ତି। ସେମାନଙ୍କ ସାମାନ୍ୟ ଅଣଦେଖାରେ, ଆମ ଜୀବନ ହୋଇପାରେ ନର୍କ ତୁଲ୍ୟ ଅନ୍ଧକାରାଚ୍ଛନ୍ନ। ଆମେ ସେହି କଥାକୁ ଭୁଲିଯିବା ଉଚିତ୍ ନୁହେଁ ଯେ ଆଘାତ ସବୁବେଳେ କିଛିନା କିଛି ନଷ୍ଟ କରେ ଆଉ ଯତ୍ନଶୀଳତା ଆମକୁ ଛଳଛଳ ଓ ପ୍ରଗତିଶୀଳ କରାଏ। ଏତିକିବେଳେ ସେହି ଚରିତ୍ରମାନେ ଆମକୁ କେଉଁ ପରିସ୍ଥିତିରେ କେମିତି ପ୍ରଭାବିତ କରିଥା'ନ୍ତି ତାହା ହିଁ ଥାଏ ମୁଖ୍ୟ କଥା।

ମାଆଟିଏର ମନ ସବୁବେଳେ ତା' ପିଲାମାନଙ୍କ ପାଇଁ ଓ ତା'ପରିବାର ପାଇଁ ବ୍ୟାକୁଳ ଥାଏ। ସେହି ମାଆର ଏକାନ୍ତରେ ଝରୁଥିବା ଲୁହ କେବେ ବି ସାମ୍ନାକୁ ଆସେନି। ଅନ୍ତରର ଦୁଃଖ ଓ ଲୁହକୁ ଲୁଚାଇ ଲୁଚାଇ ପିଇପିଇ, ସେ'ନିଜ ଓଠରେ ଫୁଟାଇଥାଏ ଶାଶ୍ୱତ ହସଟିଏ। ସେହିପରି ବାପା ବି କମ୍ ନୁହନ୍ତି। ପରିବାରର ସବୁ ସଦସ୍ୟଙ୍କ ଦୁଃଖର ଭାଗକୁ ନିଜର କରି ସେ ମନର କୋହକୁ ମନରେ ମାରିଦେଲା ବେଳେ ତାଙ୍କ ମୁହଁରେ କୌଣସି ଶଙ୍କା ନଥାଏ। ନ୍ୟାୟାଳୟର ବିଚାରପତି ବି ଜଣେ ସାଧାରଣ ମଣିଷ, ଯିଏ ଅନ୍ୟମାନଙ୍କ ପରି ମାନବୀୟ ସମ୍ବେଦନଶୀଳତାରେ ପରିପୂର୍ଣ୍ଣ। ତଥାପି ଅପରାଧୀକୁ ଦଣ୍ଡ ଶୁଣାଇବା ବେଳେ ସେ ନିଜ ମନର ଭାବକୁ ଗୋପନ ରଖନ୍ତି, ନିଜ ଭାବନାରେ ନିୟନ୍ତ୍ରଣ



ଆଣିଥା'ନ୍ତି। ରୋଗୀକୁ ଚିକିତ୍ସା କଲା ସମୟରେ ଡାକ୍ତର ରଖିଥା'ନ୍ତି ଅଦ୍ଭୁତ ଆତ୍ମନିୟନ୍ତ୍ରଣ। ସେ ରୋଗୀର ଅବସ୍ଥା ଦ୍ୱାରା ପ୍ରଭାବିତ ହୋଇ ନ ଥା'ନ୍ତି। ଅନେକ କିଛି ଜାଣି ବି ରୋଗୀ କିମ୍ବା ତା'ପରିବାରକୁ ଆଶ୍ୱସନା ହିଁ ଦେଇଥା'ନ୍ତି। ନିଜର ବ୍ୟକ୍ତିଗତ କି ସାମାଜିକ ସମସ୍ୟା, ଦୁଃଖ, ଶୋକ ସତ୍ତ୍ୱେ ହାସ୍ୟ ଅଭିନେତାଟିଏ ତା'ମନର ବେଦନାକୁ ସାମ୍ନାକୁ ଆସିବାକୁ ଦିଏ ନାହିଁ। ଅନେକଙ୍କ ଓଠରେ ହସ ଆଣିବାକୁ ସେ ନିଜ ଭିତରର ଲୁହ, କୋହ, ବିବ୍ରତପଣ, ବିଚଳିତ ଭାବକୁ ଅନ୍ତରରେ ଚାପି ହାସ୍ୟରସ ପରିବେଷଣ କରିଥାଏ। ମଞ୍ଚ ଉପରେ ଥିବା ଯାଏଁ ସେ ଅନ୍ୟମାନଙ୍କୁ ତା' ଦୁଃଖକୁ ତିଳେମାତ୍ର ଜାଣିବାର ସୁଯୋଗ ଦେଇ ନଥାଏ। ସୈନିକଟିଏ ପରିବାରର ସ୍ନେହ, ପ୍ରେମ, ବନ୍ଧନକୁ ପଛକରି ଲୁହ ଓ ଦୁଃଖକୁ ଛପାଇ ରଖି, ଦେଶମାତୃକାର ରକ୍ଷା ପାଇଁ ଦୂରକୁ ଯାଏ। ପୁଣି ଶତ୍ରୁ ସାମ୍ନାରେ ସମସ୍ତ ପ୍ରତିକୂଳତା ସତ୍ତ୍ୱେ ପଥର ଚଟାଣ ପରି ଜମି ରହେ। ସେହିପରି ଶିଳ୍ପୀ ପାଖରେ ଥାଏ ଅଦ୍ଭୁତ ଆତ୍ମନିୟନ୍ତ୍ରଣ। ସେ' ନିଜ ଭାଗର ଅନେକାଂଶ ନିଜ ଶିଳ୍ପ ଭାସ୍କର୍ଯ୍ୟରେ ନିୟୋଜିତ କରିଥା'ନ୍ତି। ବୋଧହୁଏ ଏହା ବିନା କାରିଗରର ସ୍ୱପ୍ନ ସାକାର ହେବା ସମ୍ଭବ ନୁହେଁ। ବାରଶ ବଢ଼େଇ ଏକାଗ୍ର ଚିତ୍ତରେ କାମ କରି ନ ଥିଲେ କି ଘର ଠୁଁ ଦୂରରେ ଥାଇ ବିରହ ଯନ୍ତ୍ରଣାର ନୀଳ ଜହର ପିଇ ନ ଥିଲେ, ସତରେ କ'ଣ କୋଣାର୍କ ପରି କାଳଜୟୀ ଶିଳ୍ପକଳା ଠିଆ ହୋଇଥା'ନ୍ତା!

ସମାଜର ଏହି ବିବିଧ ବୈଚିତ୍ର୍ୟମୟ ସଂଗୋପିତ ଲୁହ ଓ କୋହ ସମ୍ପର୍କରେ ଆଲୋଚନା କଲେ, ତାହା ଶେଷ ହେବ ନାହିଁ। କାରଣ ସଂସାରର ଗତିଶୀଳତା ଓ ଅସ୍ତିତ୍ୱ ଏହିପରି ମହାନ ତ୍ୟାଗ, ଅନୁକମ୍ପା, ପ୍ରେମ, ବାତ୍ସଲ୍ୟ ପରି ମହନୀୟ ପରମ୍ପରାରେ ହିଁ ନିହିତ ରହିଛି। ଅନେକ କଥାରେ ସମ୍ବେଦନଶୀଳ ମଣିଷ ନିଜ ଅବସ୍ଥାକୁ ପଛକୁ ଠେଲି ଏବଂ ଦୁଃଖ, ଶୋକକୁ ମନରେ ଲୁଚାଇ କର୍ମ କରିଥାଏ। ନିଜର କର୍ତ୍ତବ୍ୟ ଉପରେ ଯତ୍ନଶୀଳ ହୋଇଥାଏ। ଆପଣାର ମଣିଷ, ସମାଜ କିମ୍ବା ଦେଶର ଭଲ ପାଇଁ ତା'ର ଥାଏ ପ୍ରାଥମିକତା। ଏମିତି କରିବାରେ ଯେଉଁ ବ୍ୟକ୍ତି ଯେତେ ନିପୁଣ ହୋଇଥା'ନ୍ତି, ସେ ସେତେ ଗ୍ରହଣୀୟ ଓ ଆଦର ଲାଭ କରନ୍ତି। ତାଙ୍କୁ ସମସ୍ତେ କହନ୍ତି ସ୍ଥିତପ୍ରଜ୍ଞ। ଏପରି ବ୍ୟକ୍ତି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଜର, ନିଜ ପରିବାରର ଏବଂ ସମାଜର ମଙ୍ଗଳ ହିଁ କରିଥାଏ। ଅପରପକ୍ଷେ ଏପରି ଅନେକ ଲୋକ ଥା'ନ୍ତି, ଯେଉଁମାନେ ନିଜର ଭାବନା ଉପରେ ଆଦୌ ନିୟନ୍ତ୍ରଣ ରଖିପାରନ୍ତି ନାହିଁ। ସେମାନେ ନିଜର ପ୍ରତିକ୍ରିୟାକୁ ତୁରନ୍ତ ଭିନ୍ନଭିନ୍ନ ଢଙ୍ଗରେ ପ୍ରକାଶ କରିଥା'ନ୍ତି। ଅନେକ ସମୟରେ ଏୟା ହୁଏ ଯେ, ଯାହା ପାଇଁ ସେହି ପ୍ରତିକ୍ରିୟା ରହିଥାଏ ସେ ବ୍ୟକ୍ତି ବା ବ୍ୟକ୍ତିସମୂହ ସେଥିରେ ଆଘାତ ପାଇଥା'ନ୍ତି କିମ୍ବା ପ୍ରତିକ୍ରିୟାଶୀଳ ରହିଥା'ନ୍ତି। ସେହି ସମୟରେ ମଣିଷ କ୍ରୋଧର ବଶବର୍ତ୍ତୀ ରହିଥାଏ। ତେଣୁ ଦୁଇ ବିରୋଧୀ ପକ୍ଷ ସାମ୍ନାସାମ୍ନି ହେଲେ ଅଘଟଣ ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥାଏ।

ଅନ୍ତରର ଦୁଃଖ ଦରଦୀ ମଣିଷ ଆଗରେ ପ୍ରକାଶ କରିଦେଲେ ମନ ହାଲୁକା ହୋଇଯାଏ। ବେଳେବେଳେ ସେହି କହିବା ପ୍ରକ୍ରିୟା ଭିତରେ ହିଁ ମନ ଭିତରେ ଆସିଥାଏ ଗଭୀର ପରିବର୍ତ୍ତନ। ଦୁଃଖ ଦୂରେଇ ଯାଏ ଏବଂ ଦିଶିଯାଏ ଆଲୋକିତ ପଥ। ମନରେ ଭରିଯାଏ ସାହସ। ତେଣୁ ଭିତରେ ଭିତରେ ଜଳୁଥିବା ମଣିଷ, ଜଳିଜଳି ଶୁଦ୍ଧରୁ ଅଧିକ ଶୁଦ୍ଧ ହୁଏ, ନଚେତ୍ ଜଳିଜଳି ଅଙ୍ଗାରରେ ପରିଣତ ହୁଏ।

କୁରୁବଂଶର ସିଂହାସନର ପ୍ରକୃତ ଉତ୍ତରାଧିକାରୀ ଥିଲେ ଧୃତରାଷ୍ଟ୍ର। କାରଣ ସେ ହିଁ ଥିଲେ ବଡ଼ ଭାଇ। ତେବେ ସେ ଅନ୍ଧ ଥିବାରୁ ସାନଭାଇ ପଣ୍ଡୁଙ୍କୁ ରାଜ୍ୟଭାର ଅର୍ପଣ ହୁଏ। କଥାଟି ଧୃତରାଷ୍ଟ୍ରଙ୍କୁ ସାରା ଜୀବନ କଷ୍ଟ ଦିଏ, ଯାହାକୁ ସେ କାହା ଆଗରେ ପ୍ରକାଶ କରିପାରନ୍ତି ନାହିଁ। ରାଜା ନ ହୋଇ ପାରିବାର ଦୁଃଖ, ଅନ୍ତର ତଳେ ଅହର୍ନିଶ ଜଳୁଥାଏ। ଯୁଧିଷ୍ଠିର ଯୁବରାଜ ପଦରେ ଅଭିଷିକ୍ତ ହେବା ତାଙ୍କର ଏ ଦୁଃଖକୁ ଅଧିକ ବଢ଼ାଏ। ଧୃତରାଷ୍ଟ୍ରଙ୍କ ହୃଦୟରେ କେହି ଯେମିତି କହୁଥାଏ, ସେ ନିଜେ ସିନା ଅନ୍ଧ, ହେଲେ ତାଙ୍କ ବଡ଼ ପୁଅ ଦୁର୍ଯ୍ୟୋଧନ ତ ସୁସ୍ଥ, ତେଣୁ ଏ ରାଜ ସିଂହାସନର ଏକମାତ୍ର ଉତ୍ତରାଧିକାରୀ ଦୁର୍ଯ୍ୟୋଧନ ହିଁ ହୋଇପାରେ! ଆଉ ତାଙ୍କର ଅନ୍ତହୀନ ନିରବତା ଓ ଅବ୍ୟକ୍ତ ଦୁଃଖ ଦୁର୍ଯ୍ୟୋଧନକୁ ପାଣ୍ଡବଙ୍କ ବିରୁଦ୍ଧରେ ଶକ୍ତି ଯୋଗାଏ, ଯାହା ବିଶାଳ ମହାଭାରତ ଯୁଦ୍ଧର ମୂଳ କାରଣ ପାଲଟେ।

ତେଣୁ ହସ ତଳର ଲୁହ, ନିରବତା ଭିତରର କୋହ କେତେବେଳେ ସୁପ୍ତ ଆଗ୍ନେୟଗିରି ତ କେତେବେଳେ ଛଳଛଳ ପବିତ୍ର ଝରଣାର ବିମୁଗ୍ଧ କୁଳୁକୁଳୁ ନିନାଦ। କେବଳ ଏତିକି ଆବଶ୍ୟକ ଯେ ମଣିଷ ତାକୁ କିପରି ବ୍ୟବହାର କରିବ।

ଅନୁଗୁଳ, ମୋ: ୭୬୮୪୯୮୯୫୬୭,

# ମହାପ୍ରଭୁଙ୍କ କୁଆଁର ନୀତି

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

କୁମାରପୂର୍ଣ୍ଣିମା ଦିନ ଖାଣ୍ଟି ଓଡ଼ିଆ ମହାପ୍ରଭୁ ପତ୍ନୀ ଲକ୍ଷ୍ମୀଙ୍କ ସାଙ୍ଗରେ କଉଡ଼ି ଖେଳନ୍ତି ଏବଂ ଥରେ ନୁହେଁ ସାତ ସାତ ଥର ପରାଜୟ ବରଣ କରନ୍ତି। ଜଗତର ନାଥ ଜଗନ୍ନାଥଙ୍କୁ ଖେଳରେ ହରେଇ ଦେବା ପରେ ମାତା ଲକ୍ଷ୍ମୀ ମୁରୁକି ମୁରୁକି ହସନ୍ତି। ପରମା ସୁନ୍ଦରୀ ମାଆ ମହାଲକ୍ଷ୍ମୀ ମୁରୁକି ହସିଲେ ଆହୁରି ଅଧିକ ସୁନ୍ଦର ମହାପ୍ରଭୁଙ୍କୁ ସୁନ୍ଦର ଦିଶନ୍ତି। ଏହା ହିଁ ମହାପ୍ରଭୁଙ୍କ ଜାଣିଶୁଣି ହାରିବା ପଛର ଉଦ୍ଦେଶ୍ୟ। ସ୍ତ୍ରୀ ମୁହଁର ହସକୁ ସେ ପୁରସ୍କାର ରୂପେ ଗ୍ରହଣ କରି ଖୁସି ହୁଅନ୍ତି କି ସେ କଥା ତାଙ୍କୁ ଜଣା। ଆଉ କେତେକଙ୍କ ମତରେ ରସିକିଆ ଜଗନ୍ନାଥଙ୍କର ଏଇଟା ଗୋଟେ ବାହାନା। ଜାଣି ଜାଣି ହାରୁଛନ୍ତି ଏବଂ ସର୍ତ୍ତ ଅନୁସାରେ ସାତଦିନ ଯାଇ ଲକ୍ଷ୍ମୀଙ୍କ ପାଖରେ ବନ୍ଧା ପଡ଼ି ରହୁଛନ୍ତି।

କୁମାର ପୂର୍ଣ୍ଣିମା ଦିନ ସନ୍ଧ୍ୟା ଧୂପ ପରେ ଶ୍ରୀଦେବୀ ଓ ମଦନମୋହନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ବିମାନରେ ଯାଇ ମହାଲକ୍ଷ୍ମୀଙ୍କ ଜଗମୋହନରେ ଏକ ସୁସଜ୍ଜିତ ଖଟରେ ବିରାଜମାନ କରନ୍ତି। ସେଠାରେ ପତିପତ୍ନୀଙ୍କୁ ବନ୍ଦାପନା ଓ ଶୀତଳ ଭୋଗ ସମର୍ପଣ ହୁଏ। ତା' ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରେ କଉଡ଼ି ଖେଳ ଆରମ୍ଭ ହୁଏ। ରୁପାରେ ନିର୍ମିତ ଏକୋଇଶଟି କଉଡ଼ି ଓ କାଠରେ ତିଆରି ଗୋଟି ଏହି ଖେଳ ପାଇଁ ବ୍ୟବହୃତ ହୁଏ। - 'ଶୁଦ୍ଧ ସୁବର୍ଣ୍ଣର ମଣ୍ଡପ ଚନ୍ଦନ କାଠ ଗୋଟି / ଲକ୍ଷ୍ମୀ ନାରାୟଣ ଖେଳନ୍ତି ହାତେ କଉଡ଼ି ମୁଠି।' ପତି ମହାପାତ୍ର ଜଗନ୍ନାଥଙ୍କ ତରଫରୁ ଏବଂ ଭିତରଚ୍ଛ ମହାପାତ୍ର/ ମୁଦିରସ୍ତ ଲକ୍ଷ୍ମୀଙ୍କ ତରଫରୁ ଖେଳରେ ଭାଗ ନିଅନ୍ତି। ସେଦିନ ସେଠାରେ ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରେ ସାତମୁଠା / ବାଜି କଉଡ଼ି ଖେଳ ହୁଏ ଏବଂ ସାତ ବାଜିଯାକ ମହାପ୍ରଭୁ ପତ୍ନୀଙ୍କଠାରୁ ଖେଳରେ ହାରି ଯାଆନ୍ତି। ପ୍ରତି ବାଜିରେ ମହାପ୍ରଭୁ ହାରିବା ପରେ ନିଜର କିଛି ନା କିଛି ଦୁର୍ମୂଲ୍ୟ ପଦାର୍ଥ ଲକ୍ଷ୍ମୀଙ୍କ ପାଖରେ ଦେବାକୁ ବାଧ୍ୟ ହୁଅନ୍ତି। ଖେଳ ଆରମ୍ଭ ଆଗରୁ ତାହା ହିଁ ସର୍ତ୍ତ ଥାଏ।

ପ୍ରଥମ ବାଜି ହାରିବା ପରେ ସୁବର୍ଣ୍ଣ ମୁକୁଟ, ଦ୍ୱିତୀୟ ବାଜି ପରେ ରତ୍ନ ହାର, ତୃତୀୟରେ ମକର କୁଣ୍ଡଳ, ଚତୁର୍ଥରେ ପିନ୍ଧି ଥିବା ପାଟ ବସନ, ପଞ୍ଚମରେ ରତ୍ନ ମୁଦି ଓ ଷଷ୍ଠରେ ରତ୍ନ ଖଚିତ ପାଦୁକା ହାରିବା ପରେ ତା' ପର ଖେଳ ପାଇଁ ମହାପ୍ରଭୁଙ୍କ ପାଖରେ ଆଉ କିଛି ନ ଥାଏ। ସପ୍ତମ ମୁଠା ଆରମ୍ଭ କରିବା ଆଗରୁ ମହାଲକ୍ଷ୍ମୀ ପଚାରନ୍ତି- 'ମହାପ୍ରଭୁ! ବର୍ତ୍ତମାନ ତ ବନ୍ଧା ଦେବା ପାଇଁ ଆଉ କିଛି ରହିଲା ନାହିଁ। ଯା' ପର ମୁଠା ଖେଳି ହାରିଲେ ଆପଣ ଦେବେ କ'ଣ?' ମହାପ୍ରଭୁ କହନ୍ତି- ବ୍ୟକ୍ତିର ଅତିପ୍ରିୟ ତା'ର ଶରୀର। ଏଥର ହାରିଲେ ମୁଁ ମୋର ଶେଷ ସମ୍ପତ୍ତି ଶରୀରକୁ ବନ୍ଧା ଦେଇ ଦେବି।' ସପ୍ତମ ବାଜି ମଧ୍ୟ ମହାପ୍ରଭୁ ହାରନ୍ତି। ଦେବୀ ଲକ୍ଷ୍ମୀ ବିଜୟୋଲ୍ଲାସର ସହ ହସି ହସି କହନ୍ତି- 'ବର୍ତ୍ତମାନ ସବୁ ବାଜି ହାରି ସର୍ତ୍ତ ଅନୁସାରେ ଆପଣ ମୋ ମନ୍ଦିରରେ ବନ୍ଧା ପଡ଼ିବେ ମହାପ୍ରଭୁ! ମହାପ୍ରଭୁ କହନ୍ତି- 'ଠିକ ଅଛି, ଲକ୍ଷ୍ମୀ! ମୁଁ ବନ୍ଧା ପଡ଼ିବାକୁ ରାଜି ଅଛି। କିନ୍ତୁ ତୁମେ ଯଦି ରାଜି ହୁଅନ୍ତ, ଅନ୍ତତଃ ଗୋଟେ ବାଜି ଜିଣିବାକୁ ଶେଷ ଚେଷ୍ଟା କରନ୍ତି।' ମହାଲକ୍ଷ୍ମୀ ସର୍ତ୍ତଭିତ୍ତିରେ ସମ୍ମତି ଜଣାଇବା ପରେ ମହାପ୍ରଭୁ କହନ୍ତି- 'ଖେଳ ତୁମ ମନ୍ଦିରରେ ହେଉ ଥିଲା ବୋଲି ମୁଁ ହାରି ଯାଉ ଥିଲି ବୋଲି ଭାବୁଛି। ଆଉ ଗୋଟେ ବାଜି ଆମ ବଡ଼ ଦେଉଳରେ ଖେଳିବା। ସେଥିରେ ମୁଁ ହାରିଗଲେ ତୁମ ମନ୍ଦିରରେ ନିଶ୍ଚୟ ବନ୍ଧା ପଡ଼ ରହିବି। ଏ କଥା ସତ୍ୟ।

ସେତେବେଳକୁ ଖେଳରେ ସାତ ସାତ ଥର ଜିଣି ସାରିଥିବାରୁ ଅଷ୍ଟମ ଥର ବି ସହଜରେ ଜିଣିଯିବେ ବୋଲି ବିଶ୍ୱାସ କରି ମାତା ଲକ୍ଷ୍ମୀ ମହାପ୍ରଭୁଙ୍କ ପ୍ରସ୍ତାବରେ ରାଜି ହୋଇ ଯାଆନ୍ତି। ତା' ପରେ ମଦନମୋହନ ଓ ଶ୍ରୀଦେବୀ ବଡ଼ଦେଉଳକୁ ବାହୁଡ଼ା ବିଜେ କରି ଯାଆନ୍ତି। ସେଦିନ ବଡ଼ସିଂହାର ବେଶ ଓ ଧୂପପରେ ଅଷ୍ଟମ ବାଜି କଉଡ଼ି ଖେଳ ପୋଖରୀଆରେ ଅନୁଷ୍ଠିତ ହୁଏ। ଏଥର ମଦନମୋହନଙ୍କ ଯାଗାରେ ନିଜେ ମହାପ୍ରଭୁ ଶ୍ରୀଦେବୀଙ୍କ ସହ କଉଡ଼ି ଖେଳନ୍ତି ଏବଂ ସେଥର ମଧ୍ୟ ପରାଜୟ ବରଣ କରନ୍ତି। - 'ସାତ ମୁଠି ଯୁଆ ଖେଳିଣ ପ୍ରଭୁ ହୋଇଲେ ବନ୍ଧା, ହାରି ଯାଇ ନିଜେ ନିଜକୁ ଦେଲେ ଲକ୍ଷ୍ମୀଙ୍କୁ ବନ୍ଧା।' ସର୍ତ୍ତ ଅନୁସାରେ ମହାପ୍ରଭୁଙ୍କ କୁନି ସ୍ୱରୂପ ବାଳପୁରୁଷୋତ୍ତମ ଲକ୍ଷ୍ମୀଙ୍କ ମନ୍ଦିରରେ ସାତଦିନ ପାଇଁ ବନ୍ଧକ ଭାବରେ ରହି ତା' ପର ଦିନ ଶ୍ରୀମନ୍ଦିରକୁ ବାହୁଡ଼ନ୍ତି। ଲକ୍ଷ୍ମୀଙ୍କ ଜଗମୋହନରେ ହେଉ ଥିବା କଉଡ଼ି ଖେଳକୁ 'ବାହାର କୁଆଁର' ଏବଂ ପୋଖରୀଆରେ ହେଉଥିବା ଖେଳକୁ 'ଭିତର କୁଆଁର' କୁହାଯାଏ। ଏହିପରି ଭାବରେ ମହାପ୍ରଭୁଙ୍କ 'କୁଆଁର ନୀତି' ସମ୍ପନ୍ନ ହୁଏ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସରକାରୀ ପ୍ରୋତ୍ସାହନରେ ଚାକିରି ବିକ୍ରି: ଛାତ୍ର ସଙ୍ଗଠନ

ଭୁବନେଶ୍ୱର, ୩୦।୯ (ସମିସ): ସରକାରଙ୍କ ପ୍ରୋତ୍ସାହନରେ ରାଜ୍ୟରେ ସରକାରୀ ଚାକିରି ବିକ୍ରି ହେଉଛି। ଆବଶ୍ୟକ ଭିତ୍ତିଭୂମି ନ ଥିବା ଅନାମଧେୟ ସଂସ୍ଥାକୁ ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ଟେଣ୍ଡର ଦିଆଯାଉଛି। ସେହି କମ୍ପାନୀ ପୁଣି ଆଉ ଏକ କମ୍ପାନୀକୁ ପରୀକ୍ଷା ପରିଚାଳନା କରିବାକୁ ଭଡ଼ାରେ ଦେଉଥିବାରୁ ବାରମ୍ବାର ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ, ବ୍ୟାପକ ଅନିୟମିତା ଓ ଚାକିରି ବିକ୍ରି ପରି ଘଟଣା ଘଟୁଛି। ଓଡ଼ିଶା ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷାର

- ■ ଘଟଣାର ସିବିଆଇ ତଦନ୍ତ ନିମନ୍ତେ ସୁପାରିସ କରନ୍ତୁ ସରକାର
- ■ ଧରାପଡ଼ିଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ପରୀକ୍ଷାରୁ ବାସନ୍ଦ କରାଯିବାକୁ ଦାବି

ମାତ୍ର ୪ ଦିନ ପୂର୍ବରୁ ପ୍ରଶ୍ନପତ୍ର ଦେଖି ପ୍ରସ୍ତୁତି କରିବା ପାଇଁ ହାଇଦ୍ରାବାଦ୍ ଯାଉଥିବା ଶତାଧିକ ଆଶାୟୀ ଏବଂ ଏଜେଣ୍ଟଙ୍କୁ ପୁଲିସ୍ ଧରିବା ଘଟଣା ରାଜ୍ୟରେ ଚାକିରି ବିକ୍ରି ହେଉଥିବା ଘଟଣାରେ ମୋହର ମାରିଥିବା ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ ପୂର୍ବରୁ ଏହି ପରୀକ୍ଷା ଗତ ମାର୍ଚ୍ଚ ୮ ଓ ୯ ତାରିଖରେ ହେବାକୁ ସ୍ଥିର ହୋଇଥିଲା। ପରୀକ୍ଷା ପରିଚାଳନା କରିବାକୁ ଆଇଟିଆଇ ଟେକ୍ନୋଲୋଜୀ ନାମକ ଏକ କମ୍ପାନୀ ଟେଣ୍ଡର ନେଇଥିଲା। ସେହି କମ୍ପାନୀ ପୁଣି ପୂର୍ବରୁ କଳା ତାଲିକା ଭୁକ୍ତ ହୋଇଥିବା ରିଚ୍‌ମାଇଣ୍ଡ ନାମକ ଏକ କମ୍ପାନୀକୁ ପରୀକ୍ଷା ପରିଚାଳନା ପାଇଁ ଭଡ଼ାରେ ଦେଇଥିଲା। ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ହେବା ପରେ ଗତ ମାର୍ଚ୍ଚରେ ହେବାକୁ ଥିବା ପରୀକ୍ଷାକୁ ବାତିଲ୍ କରାଯାଇଥିଲା। ଏହାପରେ ରିଚ୍‌ମାଇଣ୍ଡ କମ୍ପାନୀକୁ ବାଦ୍ ଦିଆଯାଇ ତାହା ସ୍ଥାନରେ ସିଲିକନ୍ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ହେଲେ ଅନିୟମିତତାର ମୂଳରେ ଥିବା ଆଇଟିଆଇ କମ୍ପାନୀ ପ୍ରତି ଅହେତୁକ ଅନୁକମ୍ପା ପୂର୍ବକ ତାହା ବିରୋଧରେ ସରକାର କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ। ଫଳରେ ପରୀକ୍ଷା ପରିଚାଳନା କରୁଥିବା କମ୍ପାନୀର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିଁ ଚାକିରି ବିକ୍ରି ଯୋଜନା ଧରାପଡ଼ିଛି।

ଚାକିରି ବିକ୍ରିରେ ସମ୍ପୃକ୍ତ ଅଧିକାରୀ ଓ ଦଲାଲ୍ ଏବଂ ଚାକିରି କିଣୁଥିବା ପ୍ରାର୍ଥୀଙ୍କ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଦୁର୍ନୀତି ଓ ବିଭ୍ରାଟ ବଢ଼ୁଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ପୂର୍ବରୁ ଜେଇ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପାଇବା ସହ ପ୍ରସ୍ତୁତି କରିବା ସମୟରେ ରାଜ୍ୟ ବାହାରୁ ୮୬ଜଣ ପ୍ରାର୍ଥୀଙ୍କ ସମେତ କିଛି ଦଲାଲ୍ ଧରା ପଡ଼ିଥିଲେ। ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଏହାର ପୁନରାବୃତ୍ତି ଘଟିଛି। ଏହି ଘଟଣାକୁ ସରକାର ଗୁରୁତ୍ୱର ସହ ନେଇ ଧରାପଡ଼ିଥିବା ପ୍ରାର୍ଥୀଙ୍କୁ ସମସ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତି ପରୀକ୍ଷାରୁ ବାସନ୍ଦ କରିବାକୁ ଶ୍ରୀ ମହାପାତ୍ର ଦାବି କରିଛନ୍ତି। ପୂର୍ବରୁ ଆର୍ଆଇ-ଅମିନ, ଫରେଷ୍ଟର-ଫରେଷ୍ଟଗାର୍ଡ ଏବଂ ଏବେ ଏସ୍ଆଇ ପରୀକ୍ଷାର ସିବିଆଇ ବା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟରତ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ କରିବାକୁ ଦାବି କରିଛନ୍ତି।

# ଶାଗମାଛ ଦରରେ ଠାକୁରଙ୍କ ଜମି ବିକ୍ରିକୁ ବିରୋଧ

ସାକ୍ଷୀଗୋପାଳ, ୩୦।୯ (ସମିସ): ସତ୍ୟବାଦୀରେ ପ୍ରତିଷ୍ଠିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ କରାଯିବ। ଏଥିନିମନ୍ତେ ସାକ୍ଷୀଗୋପାଳର ଶ୍ରୀଶ୍ରୀଗୋପାଳଜିଉଙ୍କ ମୂଲ୍ୟବାନ ଭୂ-ସମ୍ପତ୍ତି ବେଞ୍ଚମାର୍କ ଭାଲୁଏସନ୍ ଦରରେ ବିକ୍ରି କରିବାକୁ ଉଦ୍ୟମ ହେଉଛି। କିନ୍ତୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଠାକୁରଙ୍କ ସ୍ୱାର୍ଥକୁ ଅଣଦେଖା କରି ଏଭଳି ଆଦେଶର ପୁନର୍ବିଚାର କରିବା ସହ ବେଞ୍ଚମାର୍କ ବଦଳରେ ସ୍ଥାନୀୟ ଅଞ୍ଚଳରେ ଚାଲିଥିବା ବଜାର ଦର ଅନୁସାରେ ବିକ୍ରି କରିବା ନିମନ୍ତେ ଦାବି ହେଉଛି।

ଦେବୋତ୍ତର ଆଇନର ୧୯ ଧାରା ବଳରେ ଉକ୍ତ ଜମି ବିକିବାକୁ ଆଦେଶ କରାଯାଇଥିବାରୁ ଠାକୁର ଅଧିକ କ୍ଷତି ସହିବା ନିଶ୍ଚିତ ହୋଇଛି। ବଜାର ଦରଠାରୁ କମ୍ ମୂଲ୍ୟରେ ବିକ୍ରି କରାଯାଉଥିବା ଏହି ଜମି ସାକ୍ଷୀଗୋପାଳ ମନ୍ଦିରଠାରୁ ମାତ୍ର ୫ଶହ ମିଟର ଦୂରରେ ରହିଛି। ୬.୪୭ ଏକରର ଏହି ଜମି ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରାଚୀର ଓ ମନ୍ଦିର ବାଇପାସ୍ ରାସ୍ତାକୁ ଲାଗି ରହିଛି। ସତ୍ୟବାଦୀ ତହସିଲ, ବୀରରାମଚନ୍ଦ୍ରପୁର ମୌଜାର ଖାତା ନଂ- ୩୭୩, ପ୍ଲଟ ନଂ- ୫୦୦୯, ୪୯୭୨, ୪୯୭୩, ୪୯୭୪, ୪୯୭୫ ପାଞ୍ଚଟି ପ୍ଲଟ୍, ମୋଟ ରକବା ୬. ୪୭ ଏକର ମଧ୍ୟରୁ ଅର୍ଦ୍ଧାଧିକ ଜମିର କିସମ ବଗାୟତ ରହିଛି। ୩୩ ଲକ୍ଷ ଟଙ୍କାରେ ବିକ୍ରି ପାଇଁ ସ୍ଥିରୀକୃତ ଏହି ଜମିର ବଜାର ଦର ୧୫ କୋଟିରୁ ଅଧିକ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ନାବାଳକ ଠାକୁରଙ୍କ ସ୍ଥିତିବାନ ସମ୍ପତ୍ତିକୁ ସର୍ବସାଧାରଣଙ୍କ ଅଗୋଚରରେ ବିକ୍ରି ପ୍ରକ୍ରିୟା ବନ୍ଦ କରିବା ସହ ଉଚିତ ଦରରେ ଠାକୁରଙ୍କ ସମ୍ପତ୍ତି ହସ୍ତାନ୍ତର କରିବାକୁ ପବ୍ଲିକ୍ ପିଟିସନ ଜରିଆରେ ରାଜ୍ୟ ଦେବୋତ୍ତର କମିସନରଙ୍କୁ ନିବେଦନ କରାଯାଇଛି। ଅନ୍ୟଥା ଏଭଳି ଷଡ଼ଯନ୍ତ୍ର ବିରୋଧରେ ଆନ୍ଦୋଳନ କରିବାକୁ ଆଇନଜୀବୀ ଗୋବିନ୍ଦ

- ■ ବେଞ୍ଚ ମାର୍କ ଭାଲୁଏସନ୍ ଅନୁସାରେ କିଣିଥା'ନ୍ତା ଓଡ଼ିଆ ବିଶ୍ୱବିଦ୍ୟାଳୟ
- ■ ଉଚ୍ଚ ନ୍ୟାୟାଳୟରେ ମାମଲା, ଆଗକୁ ଆନ୍ଦୋଳନ ଚେତାବନୀ
- ■ ୨୦୧୯ରେ ସ୍ଥାନୀୟ ବଜାର ଦର ଅନୁସାରେ କିଣିଥିଲା ବିଶ୍ୱବିଦ୍ୟାଳୟ

ମହାପାତ୍ର ଚେତାବନୀ ଦେଇଛନ୍ତି। ଅପରପକ୍ଷେ, ମନ୍ଦିର ସେବାୟତ ନରହରି ମହାପାତ୍ର ଠାକୁରଙ୍କ ଜମିକୁ ବଜାର ଦର ଅନୁସାରେ ବିକ୍ରି ପାଇଁ ଆଦେଶ ନିମନ୍ତେ ଚଳିତ ମାସ ୨୪ ତାରିଖରେ ଉଚ୍ଚ ନ୍ୟାୟାଳୟ, କଟକଙ୍କ ଇଜିଲାସରେ ପ୍ରାର୍ଥନା କରିଛନ୍ତି।

ପ୍ରକାଶ ଥାଉ କି, ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ ୨୦୧୯ ମସିହାରେ ୯. ୬୦ ଏକର ସାକ୍ଷୀଗୋପାଳ ଠାକୁରଙ୍କ ଜମିକୁ ୧୧ କୋଟି ୩୩ ଲକ୍ଷ ଟଙ୍କାରେ ବିକ୍ରୟ କରାଯାଇଥିଲା। ଏବେ ପୁଣି କେଉଁ ଆଧାରରେ ନାମକୁ ମାତ୍ର ଏକର ପିଛା ମାତ୍ର ୫ ଲକ୍ଷ ଟଙ୍କା ଦରରେ ଜମି ବିକ୍ରୟ କରାଯିବ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେବାୟତ ନରହରି ମହାପାତ୍ର କହିଛନ୍ତି ଯେ ୨୦୧୯ ମସିହାରେ ଠାକୁରଙ୍କର ଭୂ-ସମ୍ପତ୍ତି ବେଞ୍ଚମାର୍କ ଭାଲୁଏସନ୍ ପରିବର୍ତ୍ତେ ବଜାର ଦର ଅନୁସାରେ ବିକ୍ରି ହୋଇଥିଲା। ଏବେ ସେହି ଆଧାରରେ ଠାକୁରଙ୍କ ଭୂ-ସମ୍ପତ୍ତି ବିକ୍ରୟ କରାଯିବା ଆବଶ୍ୟକ। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ କହିଛନ୍ତି, ସଂପୃକ୍ତ ଜମିର ବେଞ୍ଚ ମାର୍କ ଭାଲୁଏସନ୍ ଅନୁସାରେ ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି। ସାକ୍ଷୀଗୋପାଳଙ୍କ ଭୂ-ସମ୍ପତ୍ତି କମ୍ ମୂଲ୍ୟରେ ବିକ୍ରୟ ହୋଇଥିବା ଅଭିଯୋଗ ସମ୍ପର୍କରେ ସେ କୁହନ୍ତି ଯେ ପୂର୍ବରୁ ବିକ୍ରୟ ହୋଇଥିବା ଭୂ-ସମ୍ପତ୍ତି ଫୁଲ ଅଳସା ମୌଜାରେ ରହିଥିଲା। ଏହାର ବେଞ୍ଚ ମାର୍କ ଭାଲୁଏସନ୍ ଅଧିକ ଥିଲା। ବେଞ୍ଚମାର୍କ ଭାଲୁଏସନ୍ ଅନୁସାରେ ମୂଲ୍ୟ ମିଳିଥିଲା। ବର୍ତ୍ତମାନ ବିକ୍ରୟ ହେବାକୁ ଥିବା ଭୂସମ୍ପତ୍ତି ବୀରରାମଚନ୍ଦ୍ରପୁର ମୌଜାରେ ରହିଛି। ଏହା ଚକଭୁକ୍ତ ଭୂ-ସମ୍ପତ୍ତି ହୋଇଥିବାରୁ ଏହାର ବେଞ୍ଚ ମାର୍କ ଭାଲୁଏସନ୍ କମ୍ ରହିଛି। ଦେବୋତ୍ତର କମିସନରଙ୍କ ନିର୍ଦ୍ଦେଶ ଅନୁସାରେ ବେଞ୍ଚ ମାର୍କ ଭାଲୁଏସନର ୧୦ ପ୍ରତିଶତ ବୃଦ୍ଧି କରାଯାଇ ୨୭ଲକ୍ଷ ୫୦ହଜାର ଟଙ୍କା ହୋଇଛି। ଏ ସମ୍ପର୍କରେ ଅଭିଯୋଗ ମିଳିଥିବାରୁ ଅଭିଯୋଗ ସମ୍ପର୍କରେ ଦେବୋତ୍ତର କମିସନରଙ୍କୁ ଅବଗତ କରାଯାଇଛି। ଦେବୋତ୍ତର କମିସନଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମାକୁ ଅପେକ୍ଷା କରାଯାଉଛି ବୋଲି ତହସିଲଦାର ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ।

# ପରୀକ୍ଷା ବାତିଲରେ ରାଜ୍ୟ ସରକାରଙ୍କ ନୂଆ କୀର୍ତ୍ତିମାନ: ବିଜେଡି

ଭୁବନେଶ୍ୱର,୩୦।୯ (ସମିସ): ଓଡିଶା ପୁଲିସ ଏସଆଇ ନିଯୁକ୍ତି ପାଇଁ ଅକ୍ଟୋବର ୫ ଓ ୬ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଆଜି ସ୍ଥଗିତ ରଖାଯିବା ପରେ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଛାତ୍ର ବିଜୁ ଜନତା ଦଳର ସଭାନେତ୍ରୀ

- ■ ୧୫ମାସରେ ବାତିଲ ହୋଇଛି ୧୫ଟି ନିଯୁକ୍ତି ପରୀକ୍ଷା
- ■ ରାଜରାସ୍ତାକୁ ଓହ୍ଲାଇବାକୁ ଛାତ୍ର ବିଜେଡିର ଚେତାବନୀ

ଇପ୍ସିତା ସାହୁ କହିଛନ୍ତି ଯେ ଗତ ପନ୍ଦର ମାସର ବିଜେପି ଶାସନରେ ପନ୍ଦର ଥର ନିଯୁକ୍ତି ପାଇଁ ହେଉଥିବା ବିଭିନ୍ନ ପରୀକ୍ଷାକୁ ବାତିଲ କରା ଯାଇଛି। ଏହା ରାଜ୍ୟ ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଓ ପରୀକ୍ଷା ବାତିଲ କରିବାରେ ସରକାର ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି।

ସେ ଆହୁରି କହିଛନ୍ତି, ଗତ ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ହେବାକୁ ଥିବା ପୁଲିସ ଏସଆଇ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷାକୁ ପ୍ରଶ୍ନପତ୍ର ପ୍ରଘଟ କାରଣରୁ



ବାତିଲ କରା ଯାଇଥିଲା। ଏହାକୁ ଅକ୍ଟୋବର ୫ ଓ ୬ରେ କରାଯିବ ବୋଲି ଘୋଷଣା କରା ଯାଇଥିଲା। ପରୀକ୍ଷା ହେବାକୁ ଏକ ସପ୍ତାହରୁ କମ ସମୟ ଥିବା ବେଳେ ଆଜି ପରୀକ୍ଷା ପୂର୍ବରୁ ପୂର୍ବ ପ୍ରସ୍ତୁତି ପାଇଁ ଅନେକ ପରୀକ୍ଷାର୍ଥୀଙ୍କୁ ଜାଲିଆତି ପାଇଁ ହାଇଦ୍ରାବାଦ ନିଆ ଯାଉଥିବା ବେଳେ ଧରା ପଡିଥିଲା। ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ଦ୍ୱାରା ୧୦୦ରୁ ଅଧିକ ଆଶାୟୀଙ୍କୁ ନେଇ ହାଇଦ୍ରାବାଦ ଠାରେ କୋଚିଂ ଦେବା ନାମରେ ନିଆ ଯାଉଥିବା ବେଳେ ଆଜି ତାଙ୍କୁ ବ୍ରହ୍ମପୁର ପୁଲିସ ଧରିଛି। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା ବିଶେଷ କୋଚିଂ ପ୍ରଦାନ ଜାଲିଆତି କାର୍ଯ୍ୟକ୍ରମ କରିବାକୁ ସାହସ ଜୁଟାଇ ପାରିଲା କିପରି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିରେ ସରକାରଙ୍କ କୌଣସି ମନ୍ତ୍ରୀଙ୍କ ସମ୍ପୃକ୍ତି ନାହିଁ ତ? ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ନିଜେ ଗୃହ ମନ୍ତ୍ରାଳୟର ଦାୟିତ୍ୱରେ ଅଛନ୍ତି। ତେଣୁ ସେ ଏ ପ୍ରସଙ୍ଗରେ ରାଜ୍ୟବାସୀଙ୍କ ସମ୍ମୁଖରେ ଉତ୍ତର ରଖିବା ଦରକାର। ଏହି ଘଟଣାରୁ ରାଜ୍ୟର ହଜାର ହଜାର ଚାକିରୀ ଆଶାୟୀ ଯୁବକ ଯୁବତୀ ମାନେ ନିଯୁକ୍ତି ପାଇଁ ଥିବା ବ୍ୟବସ୍ଥା ଉପରେ ସନ୍ଦେହ ଉପୁଜିଛି। ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ କରିବା ପାଇଁ ସେ ଦାବି କରିଥିବା ବେଳେ ନିଯୁକ୍ତି ବ୍ୟବସ୍ଥା ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ହେଲେ ବିଜୁ ଛାତ୍ର ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀମତୀ ସାହୁ ଚେତାବନୀ ଦେଇଛନ୍ତି।

# ସ୍ୱର୍ଗତ ପ୍ୟାରୀମୋହନଙ୍କ ପତ୍ନୀ ପ୍ରତିଭା ମହାପାତ୍ରଙ୍କ ପରଲୋକ

**ଶୋକ ପ୍ରକାଶ କଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ**

ଭୁବନେଶ୍ୱର,୩୦।୯ (ସମିସ): ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ ପତ୍ନୀ ପ୍ରତିଭା ମହାପାତ୍ରଙ୍କ ପରଲୋକ ହୋଇଛି। ୭୯ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ଦିନ ହେବ ଶ୍ରୀମତୀ ମହାପାତ୍ର କର୍କଟ ରୋଗରେ ପୀଡ଼ିତ ଥିଲେ। ଆଜି ସକାଳୁ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହିତ ତାଙ୍କର ବାନ୍ତି ହୋଇଥିଲା। ଚିକିତ୍ସା ପାଇଁ ତାଙ୍କୁ ହସ୍ପିଟାଲ ନେବା ବାଟରେ ତାଙ୍କର ଦେହାନ୍ତ ହୋଇଛି। ବୁଧବାର ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।

ତାଙ୍କ ଦେହାନ୍ତ ବିଷୟରେ ଜାଣି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ନବୀନ ଏକ୍ସ ଯୋଗେ ସ୍ୱର୍ଗତ ପ୍ରତିଭା ମହାପାତ୍ରଙ୍କ ପରଲୋକରେ ଦୁଃଖିତ ବୋଲି ଉଲ୍ଲେଖ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଏହାସହ ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରର ସଦସ୍ୟଙ୍କ ପ୍ରତି ନବୀନ ଗଭୀର ସମବେଦନା ଜଣାଇଛନ୍ତି। ସେହିପରି ବିଭିନ୍ନ ଦଳର ରାଜନେତାମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିବା ବେଳେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶ୍ରୀମତୀ ମହାପାତ୍ରଙ୍କ ଦେହାନ୍ତରେ ଶୋକବ୍ୟକ୍ତ କରିଛନ୍ତି।

# ସାଇବର ଠକେଇ: ଶ୍ରେଷ୍ଠ ୧୦ରେ ଓଡ଼ିଶା


**ଏନ୍‌ସିଆରବି ରିପୋର୍ଟ**

ଭୁବନେଶ୍ୱର,୩୦।୯ (ସମିସ): ସାଇବର ଠକେଇ ମାମଲାରେ ଦେଶର ୧୦ ରାଜ୍ୟ ମଧ୍ୟରେ ରହିଛି ଓଡ଼ିଶା। ଏନ୍‌ସିଆର୍‌ବି ରିପୋର୍ଟରେ ପ୍ରକାଶିତ ହୋଇଛି ଏହି ତଥ୍ୟ। ଗତକାଲି(ସୋମବାର) ପ୍ରକାଶିତ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଏନସିଆରବି ରିପୋର୍ଟରେ ମୋଟ୍ ୩ଟି ଭଲ୍ୟୁମ୍ ରହିଛି। ଏହି ରିପୋର୍ଟ ଅନୁସାରେ ମହିଳାଙ୍କ ବିରୋଧରେ ଅପରାଧରେ ଓଡ଼ିଶା(ଓଡ଼ିଶା) ସମଗ୍ର ଦେଶରେ ତୃତୀୟ ସ୍ଥାନରେ ରହିଛି । ଅନୁରୂପ ଭାବରେ ଅନୁସୂଚିତ ଜନଜାତିଙ୍କ ବିରୋଧରେ ମାମଲାରେ ଓଡ଼ିଶା ୪ର୍ଥ, ଅନୁସୂଚିତ ଜାତିଙ୍କ ବିରୋଧରେ ଦେଶରେ ୫ମ, ପକ୍‌ସୋ ମାମଲାରେ ୪ର୍ଥ ଓ ଶିଶୁମାନଙ୍କ ବିରୋଧରେ ସାମଗ୍ରିକ ଅପରାଧରେ ୬ଷ୍ଠ ସ୍ଥାନରେ ରହିଛି। ଓଡ଼ିଶା ସାଇବର ଅପରାଧରେ ମଧ୍ୟ ୧୦ମ ସ୍ଥାନରେ ଥିଲା। ରାଜ୍ୟରେ ଅପରାଧ ପଞ୍ଜୀକରଣ ଓ ଚାର୍ଜସିଟ୍ ଦାଖଲ ହାର ସନ୍ତୋଷ ଜନକ ଥିବାସତ୍ତ୍ୱେ ଦୋଷୀ ସାବ୍ୟସ୍ତ ହାର ଅତ୍ୟନ୍ତ ନିରାଶାଜନକ ରହିଛି। ୨୦୨୩ ମସିହାରେ ଚାର୍ଜସିଟ୍ ଦାଖଲ ହାର ୮୫ପ୍ରତିଶତ ଥିବାବେଳେ ଦୋଷୀ ସାବ୍ୟସ୍ତ ହାର ମାତ୍ର ୧୧.୬ ପ୍ରତିଶତ ରହିଛି। ମହିଳାଙ୍କ ବିରୋଧରେ ଅପରାଧରେ ୯.୩ପ୍ରତିଶତ, ଶିଶୁଙ୍କ କ୍ଷେତ୍ରରେ ୮.୧ପ୍ରତିଶତ ଏବଂ ଅନୁସୂଚିତ ଜାତି ଓ ଜନଜାତି କ୍ଷେତ୍ରରେ ୬ପ୍ରତିଶତରୁ କମ୍ ଦୋଷୀ ସାବ୍ୟସ୍ତ ହାର ଥିବା ରିପୋର୍ଟରେ ଉଲ୍ଲେଖ ଅଛି। ଓଡ଼ିଶାରେ ୨୦୦୦ ମସିହାରେ ୪୭,୮୧୨ ଆଇପିସି ମାମଲା ରେକର୍ଡ ହୋଇଥିବାବେଳେ ୨୦୨୩ରେ ଏହା ୧,୩୨,୭୧୩ କୁ ବୃଦ୍ଧି ପାଇଛି । ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ୨୦୦୦ ମସିହାରେ ୮୨୧୪ ମାମଲାରୁ ୨୦୨୩ ରେ ୩୬୪୩୨କୁ ବୃଦ୍ଧି ପାଇଛି

# ପୂର୍ଣ୍ଣଗର୍ଭା ହୀରାକୁଦ, ୧୦ ଗେଟ୍ ଖୋଲା

ସମ୍ବଲପୁର, ୩୦।୯ (ସମିସ): ହୀରାକୁଦ ଜଳଭଣ୍ଡାର ମଙ୍ଗଳବାର ଅପରାହ୍ଣ ୩ଟା ବେଳେ ପୁଣି ପୂର୍ଣ୍ଣଗର୍ଭା ହୋଇଛି। ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ରେ ପହଞ୍ଚିଥିବା ବେଳେ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜଳସ୍ତରକୁ ବଜାୟ ରଖିବା ପାଇଁ ମଙ୍ଗଳବାର ଆଉ ୨ଟି ଗେଟ୍ ଖୋଲାଯାଇଛି।

ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୭ଟି ଓ ଡାହାଣ ପାର୍ଶ୍ୱର ୩ଟି ଏହିଭଳି ମୋଟ ୧୦ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପିଛା ୧,୯୯,୦୫୩ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୬୪,୪୦୦ ଘନଫୁଟ୍



ଜଳ ନିଷ୍କାସିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୦୯୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ଘନଫୁଟ୍, କେନାଲ ପାଇଁ ୩,୩୧୫ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୩୬,୪୦୦ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୭୫,୦୭୩ ଘନଫୁଟ, ଖଇରମାଲଠାରେ ୨,୬୮,୫୦୦ ଘନଫୁଟ୍, ବାରମୁଲଠାରେ ୨,୨୭,୫୦୦ ଘନଫୁଟ୍ ଏବଂ ମୁଣ୍ଡଳୀଠାରେ ୩,୩୭,୧୩୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ଗତ ୨୪ ଘଣ୍ଟାରେ ନଦୀବନ୍ଧର ଉପରମୁଣ୍ଡରେ ୦.୨୫ ମିମି ବର୍ଷା ହୋଇଥିବା ବେଳେ ତଳ ମୁଣ୍ଡରେ ୦.୭୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୮୧ ଫୁଟ୍ ରହିଥିଲା।

# ବଳିରେ ରକ୍ତରଞ୍ଜିତ ଛତର୍ ଯାତ୍ରା

**୪ ଲକ୍ଷ ଭକ୍ତଙ୍କ ସମାଗମ**

ଭବାନୀପାଟଣା,୩୦।୯ (ସମିସ): କଳାହାଣ୍ଡି ଜିଲ୍ଲାର ଅଧିଷ୍ଠାତ୍ରୀ ମା' ମାଣିକେଶ୍ୱରୀଙ୍କ ବିଶ୍ୱପ୍ରସିଦ୍ଧ ଛତର୍ ଯାତ୍ରା ଆଜି ଲକ୍ଷଲକ୍ଷ ଭକ୍ତଙ୍କ ସମାଗମରେ ଅନୁଷ୍ଠିତ ହୋଇଯାଇଛି। ଜେନାଖାଲ ରାସ୍ତାଠାରୁ ମାଁ ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ପାଖାପାଖି ୪ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସଂସ୍କୃତିର ମହାନୀୟତାରେ ଅନୁପ୍ରାଣିତ ଭକ୍ତ ଛତର୍ ଯାତ୍ରା ସମୟରେ ବଳି ଚଢ଼ାଇଥିଲେ। ହଜାର ହଜାର ପଶୁ ବଳିରେ ଭବାନୀପାଟଣା ସହରର ମୁଖ୍ୟରାସ୍ତା ସମେତ ଗଳିକନ୍ଦି ଏପରିକି ସହର ସଂଲଗ୍ନ ଗ୍ରାମ୍ୟ ରାସ୍ତାସବୁ ରକ୍ତରଞ୍ଜିତ ହୋଇଯାଇଥିଲା। ମହାଷ୍ଟମୀ ରାତିରେ ଗୁପ୍ତ ପୂଜା ପରେ ମା' ମାଣିକେଶ୍ୱରୀଙ୍କ ଛତର ମନ୍ଦିରରୁ ଭୋର ପ୍ରାୟ ୩ଟାରେ ବାହାରି ଜେନା ଖାଲ୍ ଅଭିମୁଖେ ଯାଇଥିଲେ। ଜେନାଖାଲ ନିକଟରେ ନୀତି କାନ୍ତି ତଥା ଗୁପ୍ତ ପୂଜାପରେ ଭୋର ୫ଟା ସମୟରେ ଜେନାଖାଲଠାରୁ ମା'ଙ୍କ ଛତର ଯାତ୍ରା ମନ୍ଦିର ଅଭିମୁଖେ ବାହାରିଥିଲା। ମା'ଙ୍କ ଛତର ୧୧ଟା ୫୦ମିନିଟ୍‌ରେ ମନ୍ଦିର ମଧ୍ୟକୁ ପ୍ରବେଶ କରିବାର ଥିଲା। ସେଠାରୁ କଳାହାଣ୍ଡି ରାଜା ଅନନ୍ତ ପ୍ରତାପ ଦେଓ ସ୍ୱାଗତ କରି ପାଛୋଟି ନେଇ ପୂଜାର୍ଚ୍ଚନା କରିଥିଲେ। ଅନ୍ୟାନ୍ୟ ବର୍ଷ ଭଳି ଛତର ଯାତ୍ରା ସମୟରେ ୨୨ଟି ଘଣ୍ଟ ବାଦ୍ୟ, ଘୁମୁରା, ବଜାସାଲ, ନିଶାନ୍‌ର ଛାତିଥରା ଘୁମ୍ ଘୁମ୍ ଶବ୍ଦରେ ପ୍ରକମ୍ପିତ ହେଉଥିଲା ଭବାନୀପାଟଣା ସହର।


**AFFIDAVIT**

I, Mamatarani Biswal, D/O- Jagabandhu Biswal, W/O- Bhaskar Chandra Paikaray resident of Vill: Baghamunda, Post: Nuagaon Badabhuin, Ps: Brahmagiri, Dist: Puri, Pin- 752011, Odisha declare by this affidavit No.19, dated: 19/09/2025, that now onwards I shall be known as **MAMATA PAIKARAY** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Bhaskar Chanra Paikaray, S/O- Late Surendra Kumar Paikaray, resident of Vill: Baghamunda, Po: Nuagaon Badabhuin, Ps: Brahmagiri, Dist: Puri, Pin- 752011, Odisha declare by this affidavit No.3, dated: 29/09/2025, that now onwards I shall be known as **BHASKAR CHANDRA PAIKARAY** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Banpur, bearing no.-3585, dated 19/09/2025 I, Sandeep Behera, Address S/o- Hemanta Kumar Behera, At- Bhagabatisahi, Po/Ps- Banpur, Dist.- Khordha, Odisha, Pin- 752031 declare that I have changed my name from **Sandeep Kumar Behera** to **Sandeep Behera**. Henceforth, I shall be known as **Sandeep Behera** for all purposes.

**Sandeep Behera**

**AFFIDAVIT**

By virtue of an affidavit (CF No. 25) sworn before The Executive Magistrate, Bhubaneswar on dated- 26/09/2025. I, **Sagar Bijay Panda,** S/o Bijay Panda, Address: Vill- Subalayapalli, G.P./Town: Dhanantara, PS: Saragada, Dist: Ganjam, PIN: 761106, Odisha declare that I have changed my name from **Sagar Panda** (old name) To **Sagar Bijay Panda** (new name). Henceforth, I shall be known as Sagar **Bijay Panda** (new name) for all purposes.

**Bijay Panda**

**LOST**

ମୁଁ ବଦ୍ୟନାଥ ପୁଟେଲ (ବୟସ-୬୩) ପିତା - ସୁରୁ ପୁଟେଲ, ମୌଜା- ବଞ୍ଚପାଲି, ପୋଷ୍ଟ / ଥାନା-କଣ୍ଟାମାଳ, ଥାନା ନଂ-୨୧, ଜିଲ୍ଲା-ବୌଦ୍ଧ, ଗତ ତା୧୦.୦୯.୨୫ରିଖରେ ମୁଁ ଏକ ଜରୁରୀ କାର୍ଯ୍ୟ ସମାପ୍ତକରି ବଲାଙ୍ଗୀର ଠାରୁ ଏକ ଘରୋଇ ବସ ଯୋଗେ କଣ୍ଟାମାଳ ଫେରୁଥିଲି, ବସ ଭିତରେ ବହୁତ ଭିଡ଼ ଥିବାରୁ ସେଠାରେ ମୋର କବଲା (Sale Deed) ନଂ- ୪୭/୨୦୦୧ ତା୨୪.୦୧.୨୦୦୧ ଥିବା ବ୍ୟାଗଟି ହଜିଯାଇଛି, ପରେ ଆସି ଆମ ଅଞ୍ଚଳର ପୋଲିସ ଷ୍ଟେସନରେ ଏ ବିଷୟରେ ଲିଖିତ ଅଭିଯୋଗପତ୍ର ଦାଖଲ କରିଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଛନ୍ତି ଦୟାକରି ଏହି ନମ୍ବର ରେ ଯୋଗାଯୋଗ କରନ୍ତୁ। ମନୋଜ କୁମାର ଦାଶ (ଓକିଲ) ୯୫୫୬୧୦୫୬୨୧ ପୂର୍ଣ୍ଣଚନ୍ଦ୍ର ପୁଟେଲ -୭୩୨୫୯୬୯୦୭୬

**LOST**

I, **Smt Biswabandita Samal,** W/O- Karan Kumar Samal, GkG, House No. 169, Ranga Bazar, P/S- Balianta, Dist- Khordha, Odisha declare that while traveling from Rangbazar Chhak on date 28.09.2025, I have lost the Original Sale Deed No 11821703364 Dt 27.12.2017 ROR Name of Rahasya Manjari Sahoo. Khata No. 27/486. Sale Deed No. 11821900608, Dt 27.02.2019 ROR Name of Kailash Chandra Muduli Khata No. 277/605 along with original ROR. If anyone found, please contact- 9114320991.

**AFFIDAVIT**

By virtue of an affidavit sworn before the Notary Public, Jajpur on 19.09.2025 that I, Prasanta Kumar Parida, S/o- Basanta Kumar Parida, resident of At: Badasuar, Po: Markandapur, Dist/PS-Jajpur, Odisha-755062 declare that as per the order of honourable court of the Civil Judge (Junior Division), Jajpur, vide order/judgement dated 29.10.2015 of C.S. No.18 of 2009, my name has been changed from "Prasanta Kumar Biswal" to "Prasanta Kumar Parida", my father's name has been changed from "Surendra Kumar Biswal" to "Basanta Kumar Parida" and my mother's name has been changed from "Gitanjali Biswal" To "Sisirabala Parida". Henceforth, I shall be known as "Prasanta Kumar Parida", my father is "Basanta Kumar Parida" and my mother is "Sisirabala Parida" for all future purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟଙ୍କା ଦିଅ...

ନେଇ ପ୍ରଶ୍ନ ଉଠିଛି । ସେହିପରି ୯୩୩ଟି ପଦ ଲାଗି ଆବେଦନ କରିଥିବା ୧ ଲକ୍ଷ ୫୩ ହଜାର ୭୩୪ ଜଣ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ପୁଲିସ ଏସ୍ଆଇ ପରୀକ୍ଷାରେ ଏତେବଡ଼ ଜାଲିଆତି ସମ୍ପର୍କରେ ପୁଲିସ ନିକଟରେ ବି ସୂଚନା ନ ଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଏହି ପରୀକ୍ଷାର୍ଥୀମାନଙ୍କୁ ତିନିଦିନ ଧରି ଭୁବନେଶ୍ୱରରେ ରଖାଯାଇଥିଲା। ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ୧୧୦ ପରୀକ୍ଷାର୍ଥୀ ଏକାଠି ହୋଇଥିଲେ। ଏମାନଙ୍କୁ ତିନୋଟି ବସ୍‌ରେ ହାଇଦ୍ରାବାଦ ପଠାଯାଇଥିଲା। ତେବେ ଆସନ୍ତା ୫ ଓ ୬ ତାରିଖରେ ହେବାକୁଥିବା ଲିଖିତ ପରୀକ୍ଷା ନିମନ୍ତେ ହାଇଦ୍ରାବାଦରେ ହେବାକୁଥିବା 'ଘୋଷା' (ଅଭ୍ୟାସ)ରୁ ଶେଷ ମୁହୂର୍ତ୍ତରେ ବଞ୍ଚିତ ହୋଇଥିବା ଜଣେ ଆଶାୟୀଙ୍କ ସମ୍ପର୍କୀୟଙ୍କ ଯୋଗୁଁ ଏହି ନିଯୁକ୍ତି ଜାଲିଆତିର ଗୁମର ଖୋଲି ଦେଇଥିଲେ। ଏ ସମ୍ପର୍କରେ ସେ ରାଜଧାନୀର ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ତାଙ୍କଠାରୁ ସୂଚନା ପାଇବା ପରେ ବ୍ରହ୍ମପୁର ପୁଲିସକୁ ଅବଗତ କରାଯାଇଥିଲା। ୩ଟି ବସ୍‌ରେ ହାଇଦ୍ରାବାଦ ଯିବାବେଳେ ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ, ୨ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି ଓ ୪ ଥାନାଧିକାରୀ ବସ୍‌ଗୁଡ଼ିକୁ ଶ୍ରୀକାକୁଲମ୍ ପୁଲିସ ସହାୟତାରେ ଅଟକାଇ ଯାଞ୍ଚ କରିଥିଲେ। ସେମାନେ ସମସ୍ତେ ଏସ୍ଆଇ ପରୀକ୍ଷାର୍ଥୀ ବୋଲି ଜଣା ପଡ଼ିବା ପରେ ସେଠାରୁ ୧୧୦ ପରୀକ୍ଷାର୍ଥୀ, ଦୁଇଜଣ ଏଜେଣ୍ଟଙ୍କ ସହ ମୋଟ ୧୧୭ ଜଣଙ୍କୁ ବ୍ରହ୍ମପୁର ନିକଟସ୍ଥ ଆମ୍ବପୁଆ ରିଜର୍ଭ ପୁଲିସ କାର୍ଯ୍ୟାଳୟକୁ ଅଣାଯାଇଛି। ଅନ୍ୟପକ୍ଷରେ ଘଟଣାର ଅନୁସନ୍ଧାନ ପାଇଁ କ୍ରାଇମବ୍ରାଞ୍ଚର ୫ରୁ ଊର୍ଦ୍ଧ୍ୱ ଜଣିଆ ଟିମ୍ ବ୍ରହ୍ମପୁରରେ ପହଞ୍ଚିଛନ୍ତି। କ୍ରାଇମବ୍ରାଞ୍ଚ ଡ଼ିଜି ବିନୟତୋଷ ମିଶ୍ର ଅଟକ ରଖାଯାଇଥିବା ଆଶାୟୀଙ୍କୁ ଜେରା କରିଛନ୍ତି ଓ ପ୍ରାୟ ୧୦ ଘଣ୍ଟା ଜେରା ପରେ ପୁଲିସ ହାତରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାତରେ ଲାଗିଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପୁଲିସ ରିକ୍ରୁଟମେଣ୍ଟ ବୋଡର୍ ଏଥିପାଇଁ ଏକ ସହାୟତା ନମ୍ବର ଜାରି କରାଯାଇଛି।

### ପରୀକ୍ଷା ପୁଣି ସ୍ଥଗିତ...

ପରିଚାଳନା କରୁଥିବା ଓଡ଼ିଶା ପୁଲିସ୍ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି) ପକ୍ଷରୁ ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନ ଥିଲା।

### ବ୍ୟବସ୍ଥିତ ବିଫଳତା...

ଆଜି ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ ବାତିଲ କରିଛି। ଜୁଲାଇ ୨୦୨୫ ପରଠାରୁ ଏହା ମଧ୍ୟରେ ୪ଟି ନିଯୁକ୍ତି ପରୀକ୍ଷା ବାତିଲ ହୋଇଛି। ସ୍ୱତନ୍ତ୍ର ଓଟିଇଟି ପ୍ରଶ୍ନପତ୍ର ଲିକ୍ ଯୋଗୁଁ ପରୀକ୍ଷା ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ଏହାକୁ ବାତିଲ କରାଯାଇଥିଲା। ସେହିପରି ଜୁଲାଇ ୩୦-୩୧ରେ ଓଏସଏସଏସସି ପକ୍ଷରୁ ଆର୍ଆଇ, ଏଆର୍ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର, ଏସ୍ଏଫ୍ଏସ୍ ଭଳି ନିଯୁକ୍ତି ପାଇଁ ପରୀକ୍ଷାରେ ପ୍ରାରମ୍ଭିକ ପ୍ରକ୍ରିୟାରେ ଅନିୟମିତତା ଦର୍ଶାଇ ଏହାକୁ ବାତିଲ କରାଯାଇଥିଲା। ଅଗଷ୍ଟ ୧ ରୁ ସେପ୍ଟେମ୍ବର ୪ ମଧ୍ୟରେ ଏହି ପରୀକ୍ଷା ହେବା ନେଇ ଧାର୍ଯ୍ୟ ହୋଇଥିଲା। ଏହା ବ୍ୟତୀତ ଅଗଷ୍ଟ ୨୨ରେ ପୁନଃନିର୍ଦ୍ଧାରିତ ସ୍ୱତନ୍ତ୍ର ଓଟିଇଟି-୨୦୨୫କୁ ପୁନର୍ବାର ସ୍ଥଗିତ ରଖାଯାଇଥିଲା। ମାଧ୍ୟମିକ ଶିକ୍ଷା ବୋର୍ଡ "ଅନିବାର୍ଯ୍ୟ ପରିସ୍ଥିତି' ଦର୍ଶାଇ ପରୀକ୍ଷା ବାତିଲ କରୁଥିବା ବେଳେ ଏହା ଆଶାୟୀମାନଙ୍କୁ ନିରାଶ କରିଚାଲିଛି। ପରୀକ୍ଷାରେ ବାରମ୍ବାର ବାଧାବିଘ୍ନ ଓଡ଼ିଶାର ନିଯୁକ୍ତି ବ୍ୟବସ୍ଥାରେ ଏକ ଅସୁବିଧାଜନକ ଢାଞ୍ଚାକୁ ଦର୍ଶାଉଛି। ଏଭଳି ଘଟଣାମାନ ପରୀକ୍ଷାର୍ଥୀଙ୍କ ବିଶ୍ୱାସ ହରାଉଥିବା ବେଳେ ସାରା ରାଜ୍ୟରେ ଲକ୍ଷ ଲକ୍ଷ ଚାକିରି ଆଶାୟୀଙ୍କୁ ପ୍ରଭାବିତ କରୁଛି। ଏସବୁ ଶାସନର ବ୍ୟବସ୍ଥିତ ବିଫଳତାକୁ ସୂଚାଉଛି। ତେଣୁ ଜନସାଧାରଣଙ୍କ ବିଶ୍ୱାସ ଫେରାଇ ଆଣିବା ପାଇଁ ବିଜେପି ନେତୃତ୍ୱାଧୀନ ଓଡ଼ିଶା ସରକାର ତୁରନ୍ତ ସମାଧାନର ବାଟ ବାହାର କରିବାର ଆଶ୍ୟକତା ରହିଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

### ଶାରୀରିକ ପରୀକ୍ଷାରେ...

ଲମ୍ବୁଡିଆଁ ଓ ଅବଶିଷ୍ଟ କାର୍ଯ୍ୟ ହୋଇଯିବ ବୋଲି ଆଶ୍ୱାସନା ବି ମିଳିଛି। ଏଥିପାଇଁ ପରୀକ୍ଷାର୍ଥୀମାନଙ୍କ ସହ ୨୫ରୁ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଡ଼ିଲ୍ ହୋଇଥିଲା ଓ ପ୍ରଥମ ପର୍ଯ୍ୟାୟରେ ଆଶାୟୀମାନଙ୍କଠାରୁ ୫ରୁ ୧୦ ଲକ୍ଷ ଟଙ୍କା ଲେଖାଏଁ ନିଆଯାଇଛି। ଶ୍ରୀକାକୁଲମ୍‌ରୁ ପୁଲିସ ଧରିଥିବା ପିଲାମାନେ ୩ ଦିନ ପୂର୍ବରୁ ଭୁବନେଶ୍ୱରରେ ପହଞ୍ଚିଥିଲେ। ସେମାନଙ୍କଠାରୁ ମୋବାଇଲ୍ ପରି ସମସ୍ତ ପ୍ରକାର ଇଲେକଟ୍ରୋନିକ୍ସ ସାମଗ୍ରୀ ନିଆ ଯାଇଥିଲା ଓ ଗତକାଲି ସଂଧ୍ୟାରେ ସେମାନଙ୍କୁ ଭୁବନେଶ୍ୱରରୁ ହାଇଦ୍ରାବାଦ ପଠାଯାଇଥିଲା।

### ୬୯ ଲକ୍ଷ ଭୋଟର୍...

ଦ୍ୱାରସ୍ଥ ହୋଇଥିବା ବେଳେ କୋର୍ଟ ଏହି ଆଶ୍ୱାସନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଗତବର୍ଷ ଜୁନ ମାସରେ ଭାରତର ନିର୍ବାଚନ କମିସନ ପକ୍ଷରୁ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର ପ୍ରକ୍ରିୟା ଆରମ୍ଭ ହୋଇଥିଲା। କମିସନଙ୍କ ପକ୍ଷରୁ ଆଜି ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ ଜୁନ୍ ୨୦୨୪ରେ ବିହାରରେ ମୋଟ୍ ଭୋଟର ସଂଖ୍ୟା ୭ କୋଟି ୮୯ ଲକ୍ଷ ଥିଲା। ଏସ୍ଆଇଆର ବେଳେ ୬୫ ଲକ୍ଷ ଅଯୋଗ୍ୟ ଭୋଟରଙ୍କୁ ତାଲିକାକୁ ବାଦ୍ ଦିଆଯାଇଥିଲା। ଏହି ୬୫ ଲକ୍ଷଙ୍କୁ ବାଦ ଦେଇ ଗତ ଅଗଷ୍ଟ ମାସରେ କମିସନ ଯେଉଁ ଅସ୍ଥାୟୀ ତାଲିକା ବା ଡ୍ରାଫ୍ଟ ରାଲ୍ ପ୍ରକାଶ କରିଥି।ଲେ ସେଥିରେ ଭୋଟର ସଂଖ୍ୟା ୭ କୋଟି ୨୪ ଲକ୍ଷକୁ ହ୍ରାସ ପାଇଥିଲା। ଏହାପରେ ପୁଣି ୩ ଲକ୍ଷ ୬୬ ହଜାର ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଇଛି। ଏହାସହିତ ଭୋଟର ତାଲିକାରୁ କଟିଥିବା ଭୋଟରମାନଙ୍କ ମୋଟ୍ ସଂଖ୍ୟା ହେଉଛି ୬୮ ଲକ୍ଷ ୬୬ ହଜାର। ତେବେ ଏହି ପ୍ରକ୍ରିୟାରେ ୨୧ ଲକ୍ଷ ୫୩ ହଜାର ନୂଆ ଭୋଟରଙ୍କୁ ସାମିଲ କରାଯାଇଛି। ଫଳରେ ଆଜି ଯେଉଁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି, ସେଥିରେ ମୋଟ୍ ଭୋଟର ସଂଖ୍ୟା ୭ କୋଟି ୪୨ ଲକ୍ଷକୁ ହ୍ରାସ ପାଇଛି।

କମିସନ କହିଛନ୍ତି ଯେ ଡ୍ରାଫଟ ରୋଲ ପ୍ରକାଶ ପାଇବା ପରେ ୨ ଲକ୍ଷ ୧୭ ହଜାର ଲୋକ ସେମାନଙ୍କର ନାମ କାଟିବା ଲାଗି ଆବେଦନ କରିଥିବା ବେଳେ ୧୬ ଲକ୍ଷ ୯୩ ହଜାର ଲୋକ ନାମ ଯୋଡ଼ିବା ଲାଗି ଆବେଦନ କରିଥିଲେ। କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ଭୋଟର ତାଲିକାରୁ ଯେଉଁମାନେ ବାଦ୍ ପଡ଼ିଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ମୃତ ବ୍ୟକ୍ତି, ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ହୋଇଥିବା ବ୍ୟକ୍ତି, ଏକାଧିକ ସ୍ଥାନରେ ନାମ ପଞ୍ଜୀକରଣ କରିଥିବା ବ୍ୟକ୍ତି ଏବଂ ଯେଉଁମାନେ ଭାରତୀୟ ନାଗରିକ ନୁହନ୍ତି। କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ନିଜ ନାମ ଯୋଡ଼ିବା ଲାଗି ଭୋଟରମାନଙ୍କ ପାଖରେ ଏବେ ବି ସମୟ ରହିଛି। ପ୍ରାର୍ଥୀଙ୍କ ମନୋନୟନପତ୍ର ଦାଖଲର ଶେଷ ତାରିଖର ୧୦ ଦିନ ପୂର୍ବ ପର୍ଯ୍ୟନ୍ତ ନାମ ଯୋଡ଼ିବା ଲାଗି ଆବେଦନ କରିପାରିବେ।

ସୂଚନାଯୋଗ୍ୟ ଯେ ଏସ୍ଆଇଆରକୁ ବିରୋଧ କରି ବିଭିନ୍ନ ଦଳ ଓ ସଂଗଠନ ସୁପ୍ରିମ କୋର୍ଟରେ ଦ୍ୱାରସ୍ଥ ହେବା ସହିତ ଅଭିଯୋଗ କରିଥିଲେ ଯେ ଶାସକ ବିଜେପି ସରକାର କଥାରେ ପଡ଼ି କମିସନ ଭୋଟର ତାଲିକାରେ ବେଆଇନ ଭାବେ ସଂଶୋଧନ କରୁଛନ୍ତି। ସଂଶୋଧନ ବେଳେ ଗରିବ ଓ ସଂଖ୍ୟାଲଘୁ ଭୋଟରଙ୍କ ନାମକୁ କାଟି ଦିଆଯାଉଛି। ଭାରତର ନାକରିକ କିଏ, ତାହା କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ସ୍ଥିର କରୁଥିବା ବେଳେ କମିସନ ପାଖରେ ଏହି କ୍ଷମତା ନାହିଁ। ଏହାସତ୍ତ୍ୱେ କମିସନ ଏହି ଆଳରେ ଲକ୍ଷ ଲକ୍ଷଙ୍କ ନାମ କାଟିବାରେ ଲାଗିଛି। ପୁଣି ସଂଶୋଧନ ବେଳେ କମିସନ ଆଧାର କାର୍ଡକୁ ଗ୍ରହଣ କରିବାକୁ ମନା କରିଥିଲେ। ତେବେ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ପରେ ଆଧାର କାର୍ଡକୁ ପରିଚୟ ପତ୍ର ରୂପେ ଗ୍ରହଣ କରିଥିଲେ।

# ଦୁର୍ଗାପୂଜା ପାଇଁ ପଟ୍ଟାମୁଣ୍ଡାଇ ଉତ୍ସବମୁଖର

## ଆକର୍ଷଣୀୟ ସାଜସଜ୍ଜା, ତୋରଣ ଓ ଆଲୋକମାଳାରେ ଝଲସୁଛି ସହର









ପଟ୍ଟାମୁଣ୍ଡାଇ,୩୦।୯ (ସମିସ)

ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନନ୍ୟ ଗଣପର୍ବ ଶାରଦୀୟ ଦୁର୍ଗାପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ପ୍ରାୟ ୬୦/୭୦ ବର୍ଷର ପୁରୁଣା ଏହି ଶାରଦୀୟ ଉତ୍ସବର ଲମ୍ବା ଇତିହାସ ରହିଛି। ସାମ୍ପ୍ରଦାୟିକ ସଂପ୍ରୀତିର ସହର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆୟୋଜିତ ଦୁର୍ଗାପୂଜାରେ ଉଭୟ ହିନ୍ଦୁ ଓ ମୁସଲମାନ ଭାଗ ନେବାର ବିରଳ ପରମ୍ପରା ରହିଛି। ଚଳିତବର୍ଷ ଦୁର୍ଗାପୂଜା ଉତ୍ସବକୁ ଯାକଯମକରେ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ପଟ୍ଟାମୁଣ୍ଡାଇ ବଣିକ ସଂଘ, ବିଭିନ୍ନ ପୂଜା କମିଟି ଓ ପ୍ରଶାସନ ପୁରା ଦମରେ ଲାଗିପଡିଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିବାବେଳେ ପୋଖରୀଆପଡା ଦୁର୍ଗା, ବଙ୍ଗାଳି ଦୁର୍ଗା, ନୀଳମାଧବ, ଦଶ ଅବତାର, ମହାବୀର ପ୍ରଭୃତି ମେଢ଼ ସାଜସଜ୍ଜା ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ପଟ୍ଟାମୁଣ୍ଡାଇ ଦୁର୍ଗାପୂଜାର ସାରା ଓଡ଼ିଶାରେ ସ୍ୱତନ୍ତ୍ର ସୁନାମ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ପଟ୍ଟାମୁଣ୍ଡାଇ ଦୁର୍ଗାପୂଜାର ନିଆରା ଆକର୍ଷଣ ସମସ୍ତଙ୍କୁ ପଟ୍ଟାମୁଣ୍ଡାଇ ମୁଁହା କରିଛି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ପ୍ରତ୍ୟେକ ଘରେ ଉତ୍ସବ ଲାଗି ରହିବା ସହିତ ବନ୍ଧୁ ପରିଜନକୁ ନେଇ ଘର ପୂରି ଉଠିଛି। ସହରରେ ବଙ୍ଗାଳୀ ଦୁର୍ଗା, କଚେରୀ ଦୁର୍ଗା, ଗୃହଲକ୍ଷ୍ମୀ, ପୋଖରୀଆପଡା ଦୁର୍ଗା, ମା ଶାରଳା ମହାବୀର, ନୀଳକଣ୍ଠେଶ୍ୱର ଲକ୍ଷ୍ମୀନାରାୟଣ, ରାମଓଭିଷେକ, ନିତାଇ ଗୌର, ହରଗୌରୀ, ଲକ୍ଷ୍ମୀବରାହ, ମା' ଗାୟତ୍ରୀ, ମା' ସନ୍ତୋଷୀ, ଦଶ ଅବତାର, ମା' ଅନ୍ନପୂର୍ଣ୍ଣା, ହରିହର ଭେଟ, ନୀଳମାଧବ, ସୂର୍ଯ୍ୟଦେବତା, ନୃସିଂହନାଥ, କୃଷ୍ଣ ବଳରାମ, ବାଳ ହନୁମାନ, ବନଦୁର୍ଗା, ରାଧାକୃଷ୍ଣ, ଗଙ୍ଗାମାତା, ପୋଖରୀଆପଡା ମଙ୍ଗଳା ଆଦି ୨୬ଟି ମେଢ଼ ପୂଜା ଉତ୍ସବର ଶୋଭା ମଣ୍ଡନ କରିଛନ୍ତି। ଆଜି ଅଷ୍ଟମୀ ପୂଜା ଥିବାରୁ ବିଭିନ୍ନ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପଟ୍ଟାମୁଣ୍ଡାଇ ସହରର ଦୁର୍ଗା ପୂଜା ଉତ୍ସବକୁ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନେତୃତ୍ୱରେ ସଶସ୍ତ୍ର ପୁଲିସ ବାହିନୀ ପଇଁତରା ମାରିବା ସହିତ ଆଇନଶୃଙ୍ଖଳା ଉପରେ କଡା ନଜର ରଖିଛି। ସେହିପରି ପଟ୍ଟାମୁଣ୍ଡାଇ ଶାନ୍ତି କମିଟି ସଦସ୍ୟ ପୂଜା ଉତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପଟ୍ଟାମୁଣ୍ଡାଇ ପ୍ରଶାସନକୁ ସହଯୋଗ କରୁଛନ୍ତି। ଏହାଛଡ଼ା ପଟ୍ଟାମୁଣ୍ଡାଇ ବ୍ଲକର ଅଳପୁଆ, ତରଡ଼ିପାଳ, ଅମୃତମଣୋହି, ଚୌଦକୁଳାଟ, ନୀଳକଣ୍ଠପୁର, ମାଳିପୁର, କଣ୍ଟାବଣ, ମଦନପୁର ଆଦି ବିଭିନ୍ନ ସ୍ଥାନରେ ଶାରଦୀୟ ଦୁର୍ଗାପୂଜାର ମାହୋଲ ସମଗ୍ର ଅଞ୍ଚଳକୁ ଉତ୍ସବ ମୁଖର କରିଦେଇଛି। ଦୁର୍ଗାପୂଜା ଅବସରରେ ବିଭିନ୍ନ ମେଢ଼ ମଧ୍ୟରେ ସାଜସଜ୍ଜାକୁ ନେଇ ପ୍ରତିଯୋଗିତା ଚାଲିଥିବାବେଳେ ବିଭିନ୍ନ ରାଜନୈତିକ ଦଳ ଓ ନେତାଙ୍କ ମଧ୍ୟରେ ଶୁଭେଚ୍ଛା ବ୍ୟାନରକୁ ନେଇ ରୀତିମତ ପ୍ରତିଯୋଗିତା ଚାଲିଛି। ଦୁର୍ଗାପୂଜା ଅବସରରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ କିଶୋର ତରାଇ, ଅଂଶୁମାନ ମହାନ୍ତି, ଡ ଅଲେଖ ଜେନା, ବିଜେପି ନେତା ଲଳିତ ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ପୌର ଅଧ୍ୟକ୍ଷ ହେମନ୍ତ ସାହୁ ପଟ୍ଟାମୁଣ୍ଡାଇବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।



ମହାକାଳପଡ଼ା ଖରିନାସି ୟୁଏନଏସ୍ କ୍ଲବ୍ ଦୁର୍ଗାପୂଜା




ଗରଦପୁର ହୁରାସାହି ଦୁର୍ଗାପୂଜା

## ୪୪ ବର୍ଷରେ ହଳଦିଆପାଟଣା ଦୁର୍ଗାପୂଜା



ପଞ୍ଚୁପାଣ୍ଡବ,୩୦।୯ (ସମିସ): ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମ ଦୁର୍ଗାପୂଜା ୪୪ ବର୍ଷରେ ପଦାର୍ପଣ କରିଛି। ଆଜି ଅଷ୍ଟମୀରେ ମଣ୍ଡପରେ ହଜାର ହଜାର ସଂଖ୍ୟକ ଭକ୍ତ ଭିଡ଼ ଜମାଇଥିଲେ। କମିଟି ପକ୍ଷରୁ ମଣ୍ଡପ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରବଚନ ଓ ଭଜନ ସମାରୋହ ଅନୁଷ୍ଠିତ ହେଉଥିବା ବରିଷ୍ଠ ଉପଦେଷ୍ଟା ସୁବାସ ସାହୁ କହିଛନ୍ତି। ଏହି ପୂଜା ଦେଖିବା ପାଇଁ ଦୂରଦୁରାନ୍ତରୁ ଲୋକେ ଆସୁଥିବାବେଳେ ବେଣୀପୁର, ଛୋଟି, ମଙ୍ଗଳପୁର, ରଘୁଦେଇପୁର ଓ କୁରୁଜଙ୍ଗା ପଞ୍ଚାୟତରେ ଲୋକେ ଭିଡ଼ ଜମାଉଛନ୍ତି। ଲୋକଙ୍କ ବିଶ୍ୱାସ ରହିଛି ମାନସିକ କଲେ ପୂରଣ କରନ୍ତି ମା' ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ପୂଜା ପରିଚାଳନାରେ ଗ୍ରାମବାସୀଙ୍କ ସହ ପୂଜା କମିଟି ସହଯୋଗ କରୁଛନ୍ତି।

## ମା' ବୁଢ଼ୀଜାଗୁଲାଇଙ୍କ ବାର୍ଷିକ ପୂଜା ଉତ୍ସବ



ଡେରାବିଶ, ୩୦।୯ (ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁର ଗ୍ରାମ ଦେବତୀ ମା' ବୁଢ଼ୀ ଜାଗୁଲାଇଙ୍କ ପୀଠରେ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଦୁର୍ଗାଷ୍ଟମୀ ତିଥିରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ପ୍ରତ୍ୟୁଷରୁ ପାରମ୍ପରିକ ରୀତିରେ ମା'ଙ୍କ ସ୍ନାନ କରାଯାଇ ମା'ଙ୍କ ଆଜ୍ଞାମାଳ ଗ୍ରାମ ପରିକ୍ରମା କରାଯାଇଥିଲା। ପୀଠରେ ସୂର୍ଯ୍ୟପୂଜା, ଗୋ-ପୂଜା ଓ ହୋମାଦି କରାଯାଇ ଷୋଡ଼ଷ ଉପଚାରରେ ମା'ଙ୍କ ପୂଜା କରାଯାଇଥିଲା। ଶ୍ରଦ୍ଧାଳୁ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ମା'ଙ୍କ କୃପାଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ପରିଚାଳନା କରିଥିଲେ। ସେହିପରି ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମଦେବତୀ ଓ ଶକ୍ତି ପୀଠରେ ପାର୍ବଣ ଉତ୍ସବ ପାଳନ କରାଯାଇଥିଲା।

● ପୂଜା ତୋରଣ ଉପରେ ଛିଣ୍ଡି ପଡ଼ିଲା ବିଦ୍ୟୁତ୍ ତାର

## ଜଳିଲା ସିଲିଂ, ବର୍ତ୍ତିଲେ ଶ୍ରଦ୍ଧାଳୁ



ରାଜନଗର, ୩୦।୯ (ସମିସ): ରାଜନଗରର ମୁଖ୍ୟ ପର୍ବ ଦଶହରାରେ ବିଦ୍ୟୁତ୍ ତାର ତୋରଣ ଉପରେ ଛିଣ୍ଡିପଡ଼ିଛି। ତୋରଣ ଜଳିଥିବାବେଳେ ଶତାଧିକ ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ରାଜନଗର ବଜାରର ଲକ୍ଷ୍ମୀନାରାୟଣ ବଜାର ନିକଟରେ ଆଜି ରାତି ପ୍ରାୟ ୭ଟା ସମୟରେ ହଠାତ ବିଦ୍ୟୁତ ଖୁଣ୍ଟରୁ ନିଆଁ ବାହାରିବା ଆରମ୍ଭ କରିଥିଲା। ନିଆଁ ବାହାରି ନିକଟରେ ବଜାର କମିଟି ପକ୍ଷରୁ ହୋଇଥିବା ତୋରଣ ଉପରେ ପଡିଥିଲା। ଏଥିସହିତ ବିଦ୍ୟୁତ ତାର ଛିଣ୍ଡି ତୋରଣ ଉପରେ ପଡିଥିଲା। ତୋରଣ ଜଳିବା ପରେ ତୋରଣ ତଳେ ଓ ନିକଟରେ ଥିବା ଦୋକାନ ନିକଟରେ ଥିବା ଲୋକେ ଦୌଡିବା ଆରମ୍ଭ କରିଥିଲେ। କିଛି ସମୟ ମଧ୍ୟରେ ନିଆଁକୁ ସ୍ଥାନୀୟ ଲୋକେ ଆୟତ୍ତ କରିଥିଲେ। ଫଳରେ ବଡ଼ଧରଣର ଅଘଟଣ ଟଳିଯାଇଛି। ବିଦ୍ୟୁତ୍ ବିଭାଗ ସମସ୍ତ ପୂଜା ମଣ୍ଡପ ଓ ବାହାରେ ପଡିଥିବା ବ୍ୟବସାୟୀ ପ୍ରତିଷ୍ଠାନଠାରୁ ରସିଦ ଦେଇ ଟଙ୍କା ନେଇଥିଲେ ମଧ୍ୟ ସେହି ଅନୁସାରେ ଅଧିକ ଟ୍ରାନ୍ସଫର୍ମର ବ୍ୟବସ୍ଥା କରିନାହିଁ। ପୂଜା ଆରମ୍ଭରୁ ଆଜି ମହାଷ୍ଟମୀ ତିଥିରେ ପ୍ରତି ୧୦ ମିନିଟରେ ଅଧଘଣ୍ଟା ବିଦ୍ୟୁତ କାଟ କରାଯାଉଛି। ଫଳରେ ଲୋକେ ଗରମରେ ହୀନସ୍ତା ଭୋଗିଛନ୍ତି।

## ପୋଖରୀରେ କୁମ୍ଭୀର; ଲୋକେ ଭୟଭୀତ

ପଟ୍ଟାମୁଣ୍ଡାଇ, ୩୦।୯ (ସମିସ): ବ୍ରାହ୍ମଣୀ ନଦୀରେ ବାରମ୍ବାର ବନ୍ୟା ଆସିବା ଫଳରେ ବନ୍ୟା ବିପନ୍ନ ଧୋୟାଞ୍ଚଳର ବିଭିନ୍ନ ଅଞ୍ଚଳରେ କୁମ୍ଭୀର ଦେଖିବାକୁ ମିଳିଥିଲା। ବନ୍ୟା ଛାଡ଼ିବା ପରେ ପ୍ରାୟତଃ କୁମ୍ଭୀର ଦେଖିବାକୁ ମିଳିଲା ନାହିଁ। ତେବେ ଆଜି ରାତି ୮ଟା ସମୟରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୭ନଂ ୱାର୍ଡର ତଳବାଲିପଡ଼ା ପୋଖରୀ ନିକଟ ରାସ୍ତାରେ ଏକ ୧୪ ଫୁଟ ଲମ୍ବର କୁମ୍ଭୀର ଶୋଇଥିବା ଦେଖି ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଲୋକମାନେ ହୋହାଲ୍ଲା କରିବାରୁ କୁମ୍ଭୀରଟି ଏକ ଡ୍ରେନ ମଧ୍ୟରେ ପଶିଯାଇଥିବା ଜଣାପଡିଛି। ୭ନଂ ୱାର୍ଡ କାଉନସିଲର ମଳୟ ଓଝା ତୁରନ୍ତ କୁମ୍ଭୀର ଧରିବା ପାଇଁ ରାଜନଗର ବନ ବିଭାଗକୁ ଜଣାଇଛନ୍ତି। ବନ୍ୟା ପାଣିରେ ଭାସିଆସିଥିବା କୁମ୍ଭୀରଟି ବନ୍ୟା ଛାଡ଼ିବା ପରେ ତଳବାଲିପଡ଼ା ପୋଖରୀ ମଧ୍ୟରେ ରହି ଯାଇଥିବା ଅନୁମାନ କରାଯାଉଛି।




## ବିଭିନ୍ନ ଖାଦ୍ୟ ସାମଗ୍ରୀ ଦୋକାନ ଉପରେ ଚଢ଼ଉ



ପଟ୍ଟାମୁଣ୍ଡାଇ, ୩୦।୯ (ସମିସ): ସଂପ୍ରତି ପଟ୍ଟାମୁଣ୍ଡାଇରେ ଶାରଦୀୟ ଦୁର୍ଗାପୂଜା ଚାଲିଥିବାରୁ ବହୁ ଅସାଧୁ ବ୍ୟବସାୟୀ ଅଧିକ ଲାଭ ଆଶାରେ ବାସୀ ଗନ୍ଧିଆ ଓ ରୋଗ ସୃଷ୍ଟିକାରୀ ଖାଦ୍ୟ ବିକ୍ରି କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏ ସମ୍ପର୍କରେ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଜିଲ୍ଲା ଓ ସ୍ଥାନୀୟ ଟିମ୍ ମିଳିତ ଭାବେ ବିଭିନ୍ନ ଜଳଖିଆ ଓ ଠେଲା ଗାଡ଼ିରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀର ମାନ ପରୀକ୍ଷା କରିବା ସହିତ କୌଣସି ଅପ୍ରମିଶ୍ରିତ ବାସୀ ଗନ୍ଧିଆ ଖାଦ୍ୟ ବିକ୍ରି କଲେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ରାଜନଗରରେ ଶାରଦୀୟ ଦୁର୍ଗାପୂଜା ମାହୋଲ







## ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ରାଜକନିକାରେ ରହଣୀ ଦାବି

ରାଜକନିକା,୩୦।୯ (ସମିସ): ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଶ୍ରୀକ୍ଷେତ୍ର ପୁରୀକୁ ଯିବା ଆସିବା ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଯୋଜନାରେ ଭଲଭୋ ବସ୍‌ରେ ଯାତ୍ରୀ ଯାତାୟତ ଜାରି ରହିଛି। ଏହି ଯୋଜନାରେ ଦୈନିକ ଭଦ୍ରକ ଜିଲ୍ଲାର ଧାମରାଠାରୁ ଜଗନ୍ନାଥ ଧାମ ପୁରୀକୁ ଯାତାୟାତ କରୁଥିବା ବସ୍ ରାଜକନିକାରେ ରହଣି ନ ହେବା ଦୁର୍ଭାଗ୍ୟଜନକ। ଏହି ବାଟ ଦେଇ ଦୈନିକ ଚାନ୍ଦବାଲିରୁ ସକାଳ ୬. ୪୪ ମିନିଟରେ ଛାଡ଼ି ପୁଣି ଆଳିରେ ସକାଳ ୭.୦୩ରେ ପହଞ୍ଚୁଛି। ମାତ୍ର ଦୁଇ ମିନିଟ୍ ପାଇଁ ଏହି ବସ୍ ରାଜକନିକା ବସଷ୍ଟାଣ୍ଡ, ଚନ୍ଦନପୋଖରୀ ଛକରେ ଅଟକିଲେ, ଦୈନିକ ବହୁ ଯାତ୍ରୀ ସିଧା ପୁରୀକୁ ଯିବାରେ ସୁବିଧା ପାଆନ୍ତେ। ଏହି ସରକାରୀ ବସ୍ ଦୈନିକ ସକାଳ ୬ ଟାରୁ ବାହାରି ଚାନ୍ଦବାଲି, ଆଳି, ପଟ୍ଟାମୁଣ୍ଡାଇ କେନ୍ଦ୍ରାପଡ଼ା, ସାଲେପୁର, କଟକ, ଭୁବନେଶ୍ୱର, ମାଳତିପାଟପୁର ଦେଇ ପୁରୀରେ ସକାଳ ୧୦. ୩୦ରେ ପହଞ୍ଚି ପୁଣି ପୁରୀରୁ ଅପରାହ୍ନ ୫ଟାରେ ଫେରି ଏସବୁ ଷ୍ଟପେଜ ଦେଇ ଧାମରା ଷ୍ଟାଣ୍ଡରେ ରାତି ୯. ୩୧ ସମୟରେ ପହଞ୍ଚୁଛି। ହେଲେ ସରକାରୀ ଘୋଷଣା କ୍ରମରେ ଥିବା ଏହି ରୁଟ ଦେଇ ଯାଉଥିବା ଶ୍ରୀଜଗନ୍ନାଥ ଏକ୍ସପ୍ରେସ ରାଜକନିକାବାସୀଙ୍କୁ ସୁବିଧା ଦେବାକୁ ବହୁ ବୟସ୍କ ଓ ଶ୍ରଦ୍ଧାଳୁ ଉପକୃତ ହେବେ ବୋଲି ଆଶା ବଢ଼ିଛି। ସରକାରୀ ଯୋଜନାର ଏଭଳି ସୁବିଧାକୁ ସାଧାରଣରେ ପହଞ୍ଚାଇବାକୁ ରାଜକନିକାର ବହୁ ବୁଦ୍ଧିଜୀବୀ ଦାବି କରିବା ସହ ଏ ବିଷୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ପରିବହନ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।









ମା' ଶାରଳାଙ୍କ ସନ୍ଧି ପୂଜା ବେଶ

## ବାଲିକୁଦାରେ ଦୁର୍ଗାପୂଜା



କାଠଗୋଲା ଛକ ମୁକ୍ତେଶ୍ୱର ମହାଦେବ ପୂଜା କମିଟି



ବାଲିକୁଦା ବସ୍ଷ୍ଟାଣ୍ଡ ଦୁର୍ଗାପୂଜା କମିଟି



ମାଛଗାଁ ଦୁର୍ଗା ବଜାର ପୂଜା କମିଟି



ମାଛଗାଁ ଶିବ ପାର୍ବତୀ ପୂଜା କମିଟି



## ଦୁର୍ଗାପୂଜାରେ ତିର୍ତ୍ତୋଲ ଉତ୍ସବମୁଖର

ତିର୍ତ୍ତୋଲ,୩୦।୯ (ସମିସ): ଦୁର୍ଗାପୂଜାରେ ତିର୍ତ୍ତୋଲ ଉତ୍ସବମୁଖର ହୋଇଉଠିଛି। ତିର୍ତ୍ତୋଲ ଜନସାଧାରଣଙ୍କ ସହଯୋଗରେ ତିର୍ତ୍ତୋଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ସାର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ଶୋଭା ପାଉଛି। ଗତକାଲି ସପ୍ତମୀ ପୂଜା ପୂଜକ ମିହିର ରଞ୍ଜନ ପଣ୍ଡା ଓ ବୈଦିକ ପଣ୍ଡିତଙ୍କ ଦ୍ୱାରା ସମ୍ପନ୍ନ ହୋଇଥିବାବେଳେ ଆଜି ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ପୂଜା ମଣ୍ଡପ ସୁଉଚ୍ଚ ତୋରଣ ଓ ଆକର୍ଷଣୀୟ ମେଢ଼, ରଙ୍ଗୀନ ଆଲୋକମାଳାରେ ସଜ୍ଜିତ ହୋଇଛି। ମା' ଦୁର୍ଗାଙ୍କ ସ୍ତୋତ୍ର ପାଠ ଓ ଘଣ୍ଟ ଘଣ୍ଟା ହୁଳହୁଳିରେ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ସନ୍ଧ୍ୟାରେ ପୂଜା ମଣ୍ଡପରେ ଜନସାଧାରଣଙ୍କ ଭିଡ଼ ଲାଗି ରହିଛି। ପୂଜା କମିଟି ପକ୍ଷରୁ ଭଜନ ସନ୍ଧ୍ୟା, ନୃତ୍ୟ ଓ ସଙ୍ଗୀତ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

### ସ୍ଥାଣୁ ପାଲଟିଛି ପ୍ରଶାସନ; ଦୁର୍ଦ୍ଦଶା ଭୋଗୁଛନ୍ତି ସାଧାରଣ ଜନତା

# ଯୋଜନାର ସମୀକ୍ଷା ଚାଲିଛି, ହେଉନି କାର୍ଯ୍ୟାନୁଷ୍ଠାନ

ଜଗତସିଂହପୁର,୩୦।୯ (ସମିସ): ଜଗତସିଂହପୁର ଜିଲ୍ଲା ଏକ ଶିକ୍ଷିତ ଓ ସଚେତନ ଜିଲ୍ଲା ଭାବେ ସମଗ୍ର ଓଡ଼ିଶାରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଆସିଛି। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ଓଡ଼ିଶାର ରାଜନୀତି, କଳା, ସାହିତ୍ୟ, ସଂସ୍କୃତି ଓ ବିଜ୍ଞାନ କ୍ଷେତ୍ରକୁ ଜଗତସିଂହପୁର ଜିଲ୍ଲାର ବଡ଼ ଅବଦାନ ରହିଛି। ତେବେ ସାମ୍ପ୍ରତିକ ସମୟରେ ଜିଲ୍ଲାର ପ୍ରଶାସନିକ ବ୍ୟବସ୍ଥା ସ୍ଥାଣୁ ପାଲଟିଥିବାବେଳେ ଜନପ୍ରତିନିଧିଙ୍କ ନିଷ୍କ୍ରିୟତା କାରଣରୁ ଜିଲ୍ଲାର ବିକାଶ ପ୍ରକ୍ରିୟାରେ ଏକପ୍ରକାର ବ୍ରେକ୍ ଲାଗିଲା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଯୋଜନାର ସମୀକ୍ଷା ଚାଲିଥିଲେ ହେଁ କାର୍ଯ୍ୟାନୁଷ୍ଠାନ ହେଉନି। ଫଳରେ ସାଧାରଣ ଜନତା ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହେଉଛି।

ଜିଲ୍ଲାର ୪ ଜଣ ବିଧାୟକଙ୍କ ମଧ୍ୟରୁ ୨ ଜଣ ଶାସକ ବିଜେପିର ହୋଇଥିବାବେଳେ ୨ ଜଣ ବିରୋଧୀ ବିଜେଡିର। ସେହିପରି ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଅନ୍ୟପକ୍ଷରେ ଜଗତସିଂହପୁର ଲୋକସଭା ଆସନରେ ଶାସକ ବିଜେପିର ବିଭୂପ୍ରସାଦ ତରାଇ ସାଂସଦ ଅଛନ୍ତି। ତେବେ ଶାସକ ଦଳ ନେତାଙ୍କ ମଧ୍ୟରେ ବିଭେଦ କାରଣରୁ ସରକାରୀ ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ବିଭିନ୍ନ ବିଭାଗର କାର୍ଯ୍ୟକ୍ରମକୁ ନେଇ ସଭା ଓ ସମୀକ୍ଷା ବୈଠକ ମଧ୍ୟ ପ୍ରଶାସନ ପକ୍ଷରୁ କରାଯାଉଛି। ପ୍ରାୟ ସମସ୍ତ ବୈଠକରେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରିବାକୁ ଦଳମତ ନିର୍ବିଶେଷରେ ଆହ୍ୱାନ ଦିଆଯାଉଛି। ତେବେ ଜିଲ୍ଲାର ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ କାରଣରୁ ବିକାଶ ପ୍ରକ୍ରିୟା ଏକପ୍ରକାର ଶିଥିଳ ହୋଇପଡିଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଖୋଦ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ ଓ ରାସ୍ତାର ଦୁରବସ୍ଥା, ଜିଲ୍ଲା ସଦର ମହକୁମା ଅଞ୍ଚଳରେ ବିପର୍ଯ୍ୟସ୍ତ ରାସ୍ତାଘାଟକୁ ଦେଖିଲେ କିପରି ବିକାଶ ଚାଲିଛି, ତାହା ସହଜେ ଅନୁମେୟ। ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଥିବାରୁ ଅସରାଏ ବର୍ଷାରେ ଜଗତସିଂହପୁର ସହରର ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇ ଲୋକଙ୍କ ଦୁର୍ଦ୍ଦଶାର କାରଣ ପାଲଟୁଛି। ବିଦ୍ୟାଳୟରେ ଆବଶ୍ୟକତା ଅନୁସାରେ ଶିକ୍ଷକ ନାହାନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ଅନ୍ୟ ଚିକିତ୍ସାଳୟରେ ଡାକ୍ତର ମରୁଡ଼ି ପରିସ୍ଥିତି ଲାଗି ରହିଛି। ଫଳରେ ଦୁଇଟି ମୌଳିକ ଆବଶ୍ୟକତା ଶିକ୍ଷାଦାନ ଓ ରୋଗୀ ସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ସେହିପରି ଜଗତସିଂହପୁର ସଦର ଥାନା ସମେତ ଅନ୍ୟ ଥାନାମାନଙ୍କରେ ପୁଲିସ ଅଧିକାରୀ ଓ କର୍ମଚାରୀ ସଂଖ୍ୟା ମଧ୍ୟ ଆବଶ୍ୟକତାକୁ ପୂରଣ କରିପାରୁନାହିଁ। ଅବକାରୀ ବିଭାଗ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ମଧ୍ୟ ସମାନ ପରିସ୍ଥିତି। ଫଳରେ ବିଭାଗୀୟ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି। ଶାସକ ଦଳ ନେତାଙ୍କ ମଧ୍ୟରେ ଫାଟ ଓ ପ୍ରଶାସନିକ ବ୍ୟବସ୍ଥାରେ ତାଳମେଳ ଅଭାବ ଯୋଗୁଁ ଜଳସେଚନ, ଜଳ ନିଷ୍କାସନ ଓ ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଏପରିକି ଖୋଦ୍ ଶାସକ ଦଳ ବିଧାୟକଙ୍କ ଚିଠିକୁ ମଧ୍ୟ ଜିଲ୍ଲା ପ୍ରଶାସନ ଅଣଦେଖା କରୁଥିବା ଉଦାହରଣ ରହିଛି। ତେଣୁ ଖାଲି କଥାରେ ନୁହେଁ, ରାଜନେତା ଓ ପ୍ରଶାସନିକ ଅଧିକାରୀ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ଜିଲ୍ଲାର ବିକାଶ ଦିଗରେ କାମ କରିବାକୁ ଜିଲ୍ଲାବାସୀ ଦାବି କରିଛନ୍ତି।

## ହୃଦ୍‌ଘାତରେ ଧର୍ମପ୍ରାଣ ମହିଳାଙ୍କ ପରଲୋକ

ରଘୁନାଥପୁର,୩୦।୯ (ସମିସ): ଅଢେଇକୂଳ ପଞ୍ଚାୟତର ସମିତିସଭ୍ୟା ଶ୍ରୀମତୀ ଗୀତାଞ୍ଜଳି ପଣ୍ଡାଙ୍କ ଶାଶୂ ଶ୍ରୀମତୀ ଆଶାଲତା ପଣ୍ଡା(୬୮)ଙ୍କ ହୃଦଘାତରେ ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଛି। ସେ ଜଣେ ଧର୍ମପରାୟଣ, ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ଅଢେଇକୂଳ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବହୁ ମାନ୍ୟଗଣ୍ୟ ଓ ରାଜନୈତିକ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ମର ଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଜ୍ୟୋତିରଞ୍ଜନ ପଣ୍ଡା ମୁଖାଗ୍ନି ଦେଇଥିଲେ।

## ଶିଖର ଦେବୀ ନଦୀ ବନ୍ଧ ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

ନାଉଗାଁ,୩୦।୯ (ସମିସ):ନାଉଗାଁ ଥାନା ଅନ୍ତର୍ଗତ ଶିଖର ଦେବୀନଦୀ ବନ୍ଧର ବାଇଁଆପଡ଼ା ଗ୍ରାମ ନିକଟରୁ ଯୁବକଙ୍କ ଗଳିତ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଏହି ମୃତଦେହ ଦେଖି ଗ୍ରାମବାସୀ ନାଉଗାଁ ଅଗ୍ନିଶମ ବାହିନୀ ଓ ନାଉଗାଁ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ନାଉଗାଁ ପୁଲିସ ପହଞ୍ଚି ମୃତ ଦେହକୁ ନିଜ ହେପାଜତକୁ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଦୁର୍ଗାପୂଜାରେ ଉତ୍କଳ ସୁପୁତ୍ର ସଂଗଠନ ପକ୍ଷରୁ ଦହିପଣା ବଣ୍ଟନ



ନାଉଗାଁ,୩୦।୯ (ସମିସ):ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ନାଉଗାଁ ବ୍ଲକ୍‌ରେ ଉତ୍କଳ ସୁପୁତ୍ର ସଂଗଠନ ସଭାପତି ଆଶୁତୋଷ ଲେଙ୍କାଙ୍କ ନେତୃତ୍ୱରେ ଭକ୍ତଙ୍କୁ ଦହିପଣା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟ ଦୀପକ କାଳିଆ, ବିଶ୍ୱରଞ୍ଜନ ରାଉଳ, ଅଚ୍ୟୁତ ମୁଦୁଲି, ଦେବସ୍ମାନ ସ୍ୱାଇଁ, ଅଶୋକ ଓଝା, ଆଶୁତୋଷ ପରିଡା, ପ୍ରଦୀପ ରାଉତ, ନିହାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## କୁଜଙ୍ଗ ପାଇଁ ଗୌରବ ଆଣିଲେ ଆକାଶ

କୁଜଙ୍ଗ,୩୦।୯ (ସମିସ): କୁଜଙ୍ଗର ଆକାଶ ନାୟକ ଓଡ଼ିଶା ପ୍ରାଶାସନିକ ସେବା ପରୀକ୍ଷାରେ ସମଗ୍ର ରାଜ୍ୟରେ ୨୫ତମ ସ୍ଥାନ ଅଧିକାର କରି ନିଜ ପାଇଁ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। କୁଜଙ୍ଗ ଜଳଧରପୁର ନିବାସୀ ରମେଶ ଚନ୍ଦ୍ର ନାୟକ ଓ ବିନୋଦିନୀ ସ୍ୱାଇଁ ପୁଅ ଆକାଶ ଓସିଏସ୍ ପରୀକ୍ଷାରେ ୨୫ତମ ସ୍ଥାନ ହାସଲ କରି ସଫଳତା ପାଇଛନ୍ତି। ଜିଲ୍ଲାରେ ଲୋକାଲ ଫଣ୍ଡ ଅଡିଟ୍ ରୂପେ କାର୍ଯ୍ୟରତ ଏହି ଯୁବ ପ୍ରତିଭା ସଫଳତା ପାଇଁ ପିତାମାତାଙ୍କ ଆଶୀର୍ବାଦ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ସମ୍ଭବ ବୋଲି କହିଛନ୍ତି। ତାଙ୍କର ଏହି ସଫଳତା ଫଳରେ କୁଜଙ୍ଗ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ସତ୍ୟସାଇ ସେବା ସଂଗଠନ ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ, ଫ୍ରେଣ୍ଡସ ଫର୍ମ ଏଭର ପକ୍ଷରୁ ଶିବ କୁମାର ସାହୁ, ମଡେଲ ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷ ଅଶୋକ ମହାନ୍ତି ପ୍ରମୁଖ ଆକାଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ଅଶୋକଝରରେ ସମ୍ବର୍ଦ୍ଧନା ଉତ୍ସବ

ସୁକିନ୍ଦା, ୩୦।୯ (ସମିସ): ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଲେମ୍ବୋ ପଞ୍ଚାୟତ ସ୍ଥିତ ଅଶୋକଝର ଉଚ୍ଚବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ଏକ ମିଳିତ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୧୯୮୬ ମସିହା ଠାରୁ ଆଜି ପର୍ଯ୍ୟନ୍ତ ଅବସର ଗ୍ରହଣ କରିଥିବା ଏହି ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ଗୋଟିଏ ମଞ୍ଚରେ ଏକାଠି କରି ସମ୍ବର୍ଦ୍ଧନା ଜଣାଇବା ଲକ୍ଷ୍ୟରେ ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ଏହି ନିଆରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବତନ ସରପଞ୍ଚ ତଥା ପୂର୍ବତନ ଛାତ୍ର ଉଦୟ ନାରାୟଣ ସିଂ ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସୁକିନ୍ଦା ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରି ଗୋବର୍ଦ୍ଧନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ରାମ ଚନ୍ଦ୍ର ଖିଲାର, ସତ୍ୟ ନାରାୟଣ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚାସିନ ଅତିଥି ମାନେ ବିଦାୟୀ ଶିକ୍ଷକ ବୃନ୍ଦାବନ ସାହୁ, ବିଜୟ କୁମାର ସାହୁ, ମୋହନଲାଲ ମହାନ୍ତ, ନନ୍ଦମଣି ମହାନ୍ତ, ମିହିର ରଞ୍ଜନ ପଟ୍ଟନାୟକ, ଗୋପାଳ ନାୟକ, ଦୁର୍ଗାପ୍ରସାଦ ମହାନ୍ତ, ଗିରିଧାରୀ ପ୍ରଧାନ ଓ ବିଦାୟୀ କର୍ମଚାରୀ ଉଦୟନାଥ ଦାସ, ଲକ୍ଷ୍ମୀଧର ମହାନ୍ତି, ହରେକୃଷ୍ଣ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ବିଦ୍ୟାଳୟରୁ ପ୍ରଥମ ମାଟ୍ରିକ ପାସ କରିଥିବା ଛାତ୍ର ସାଧୁ ଚରଣ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଳ୍ପନା ମହାନ୍ତ ଓ ଜୟଶ୍ରୀ ଜ୍ୟୋତି ମହାନ୍ତ ସ୍ୱାଗତ ସଙ୍ଗୀତ ଓ ବିଦାୟୀ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ର ପିକୁଲ ସାର ସଙ୍ଗୀତ ରଚନା ଓ ସ୍ୱର ସଂଯୋଜନା କରିଥିବା ବେଳେ ନନ୍ଦରାମ ମହାନ୍ତ ସଭାପରିଚାଳନା କରିଥିଲେ ଓ ଶେଷରେ ଛାତ୍ର କୃଷ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ, ପୂର୍ବତନ ଛାତ୍ର ଛାତ୍ରୀ, କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତି ଥିଲେ।

## ଗୀତିକାର ସୁଦର୍ଶନ ସ୍ୱାଇଁଙ୍କ ଏକାଦଶାହରେ ସ୍ମୃତିସଭା



ଜଗତସିଂହପୁର,୩୦।୯ (ସମିସ): ଜଗତସିଂହପୁର ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ବଡ଼ଲହଙ୍ଗା ଗ୍ରାମର ଗୀତିକାର ତଥା ବେହେଲା ବାଦକ ସୁଦର୍ଶନ ସ୍ୱାଇଁଙ୍କ ଏକାଦଶାହରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କଳାକାର ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କ ଅନନ୍ୟ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସୁଦର୍ଶନଙ୍କ ପେଶା ଥିଲା ସରକାରୀ ଚାକିରି। ତେବେ ନିଶା ଥିଲା ଗୀତ ରଚନା ଓ ସଙ୍ଗୀତ ସାଧନା। ସୁମଧୁର ବେହେଲା ବାଦନ ସହିତ ଗ୍ରାମଫୋନ ରେକର୍ଡ, ପୁରୁଣା ରେଡ଼ିଓ ଓ ବାଦ୍ୟଯନ୍ତ୍ର ସଂଗ୍ରହ କରି ସାଇତି ରଖିବା ଥିଲା ତାଙ୍କର ଅନ୍ୟଏକ ରୁଚି। ସୁଦର୍ଶନଙ୍କ ରଚିତ ଗୀତ ଓଡ଼ିଶାର ବହୁ ସୁନାମଧନ୍ୟ କଣ୍ଠଶିଳ୍ପୀ ସୁବାସ ଦାଶ, ଶୈଳଭାମା, ବାଦଲ କୁମାର, ସୌରଭ ନାୟକ, ରୁଦ୍ରନାରାୟଣ ଓ ସୁଧୀର ପାଲ ପ୍ରମୁଖ ଗାଇଛନ୍ତି। ପିଲାଟି ଦିନରୁ ସଙ୍ଗୀତ ପ୍ରତି ଅହେତୁକ ରୁଚି ଓ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବଜାଇବାର ସଉକ ସହିତ ଗ୍ରାମଫୋନ ପ୍ରତି ତାଙ୍କର ରହିଥିଲା ଅହେତୁକ ଦୁର୍ବଳତା। ପରବର୍ତ୍ତୀ ସମୟରେ ୧୯୭୮ରେ କଟକସ୍ଥ ମତ୍ସ୍ୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଚାକିରି କରି ୨୦୧୫ରେ ଅବସର ଗ୍ରହଣ କରିଥିଲେ। ନିଜର କର୍ମମୟ ଜୀବନ ଓ ଝଞ୍ଜାଳମୟ ପାରିବାରିକ ଜୀବନ ମଧ୍ୟ ପରାଜିତ ହୋଇଥିଲା ତାଙ୍କର ଏହି ସଙ୍ଗୀତ ନିଶା ଆଗରେ। ସୁଦର୍ଶନ ସ୍ୱାଇଁଙ୍କ ବଡ଼ଝିଅ ମନସ୍ମିତା ସ୍ୱାଇଁ(ଡେଜି) ମଧ୍ୟ ଓଡ଼ିଶାର ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ଭାବେ ପରିଚିତ ହୋଇ ପାରିଛନ୍ତି। ସ୍ମୃତିସଭା ପରେ ଆୟୋଜିତ ହୋଇଥିଲା ଭଜନ ସନ୍ଧ୍ୟା। ଏଥିରେ କଣ୍ଠଶିଳ୍ପୀ କୃଷ୍ଣଚନ୍ଦ୍ର ସାହୁ, ବିଷ୍ଣୁଚରଣ ମହାରଣା, ଦେଜି ସ୍ୱାଇଁ, ଗାୟତ୍ରୀ ଏବଂ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଯୋଗଦେଇ ଭଜନ ପରିବେଷଣ କରିଥିଲେ। ସେହିପରି ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀନିବାସ ବିଶ୍ୱାଳ, ନିରଞ୍ଜନ ତ୍ରିପାଠୀ ଓ ଜିତୁ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।

### ଦୋକାନ ମାଲିକାଣୀଙ୍କ ଦାଦାଗିରି

# ଭଡ଼ାଟିଆ ମିଠା ଦୋକାନୀ ହନ୍ତସନ୍ତ; ରାସ୍ତାକୁ ଫିଙ୍ଗିଦେଲେ ମିଠା



ପାରାଦୀପ, ୩୦।୯ (ସମିସ): ବଡ଼ପଡ଼ିଆରେ ଜଣେ ଲଜ୍ ମାଲିକଙ୍କ ଦାଦାଗିରି ସମସ୍ତଙ୍କୁ ବ୍ୟଥିତ କରିଛି। ଲଜ୍ ମାଲିକ ଜଣେ ବ୍ୟବସାୟୀଙ୍କୁ ଲଜ୍ ତଳ ଦେକାନ ଭଡ଼ା ଦେଇ ଜବରଦସ୍ତ ଦେକାନରେ ମିଠା ଓ ଅନ୍ୟାନ୍ୟ ସାମଗ୍ରୀକୁ ବାହାରକୁ ଫୋପାଡି ଦେବା ଘଟଣା ସମଗ୍ର ପାରାଦୀପ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ସୂଚନା ମୁତାବକ, ପାରାଦୀପ ବଡ଼ପଡିଆ ମାର୍କେଟରେ ଥିବା ସନ୍ତୋଷ ପ୍ଲାଜା ନାମକ ଏକ ଲଜ୍‌ର ମାଲିକ ସନ୍ତୋଷ ପଟ୍ଟନାୟକ ଲଜ୍ ତଳେ ଥିବା ଏକ ଦୋକାନ ଘରକୁ ଭୁବନେଶ୍ୱର ଅଞ୍ଚଳର ପବିତ୍ର ସ୍ୱାଇଁ ନାମକ ବ୍ୟକ୍ତିଙ୍କୁ ଭଡ଼ା ସୂତ୍ରରେ ଦେଇଥିଲେ। ଏଥିପାଇଁ ପବିତ୍ର ତାଙ୍କୁ ଅଗ୍ରୀମ ଏକ ଲକ୍ଷ ଟଙ୍କା ଦେବା ସହିତ ପାଣି ଓ ବିଦ୍ୟୁତ ଛାଡି ତିରିଶ ହଜାର ଟଙ୍କା ମାସିକ ଭଡା ଦେଉଥିଲେ। ଘର ମାଲିକଙ୍କଠାରୁ ଦୋକାନ ଘର ଦୁଇବର୍ଷିଆ ଚୁକ୍ତିରେ ଭଡ଼ା ନେବା ପରେ ପବିତ୍ର ସନ୍ତୋଷୀ ସୁଇଟ୍ସ ନାମରେ ଏହି ଦୋକାନ ଖୋଲିଥିଲେ। ଦୋକାନ ନେବା ପରଠାରୁ ଦୋକାନ ଘର ମାଲିକ ସନ୍ତୋଷ ପଟ୍ଟନାୟକଙ୍କ ପତ୍ନୀ ନଳିନୀ ପଟ୍ଟନାୟକ ପବିତ୍ରଙ୍କ ଉପରେ ଅନେକ ସମୟରେ ଆସି ଦୋକାନ ଘର ଭଡ଼ା ବଢାଇବା ନେଇ ଜାମେଲା କରୁଥିବା ନେଇ ପବିତ୍ର ଅଭିଯୋଗ କରିଛନ୍ତି। ପାର୍ବଣ ଚାଲିଥିବା ସମୟରେ ପବିତ୍ରଙ୍କୁ ପାରାଦୀପର ବହୁ ବ୍ୟକ୍ତି, ଅନୁଷ୍ଠାନ ପକ୍ଷରୁ ମିଠାର ଅଡର ମିଳିଥିଲା। ସେହି ହିସାବରେ ପବିତ୍ର ମିଠା ତିଆରି ପାଇଁ ସାମଗ୍ରୀ ଆଣି ପ୍ରସ୍ତୁତ କରିବା ବେଳକୁ ଘର ମାଲିକ ସନ୍ତୋଷ ପଟ୍ଟନାୟକଙ୍କ ପତ୍ନୀ ନଳିନୀ ଆସି ମିଠା ଦୋକାନର ଲାଇନ୍ ଓ ପାଣି କନେକସନ ବନ୍ଦ କରି ଦେଇଥିଲେ। ଏପରିକି ମଙ୍ଗଳବାର ଦିନ ସକାଳେ ଦୋକାନରେ ପଶି ମିଠା, ଲଡୁ, ରସଗୋଲା, ଛେନାପୋଡ, ରସମଲେଇ, ସିଙ୍ଗଡା ଆଦି ବାହାରକୁ ଫୋପାଡି ଦେଇଥିଲେ। ଫଳରେ ବ୍ୟବସାୟୀ ପବିତ୍ରଙ୍କ ସାମଗ୍ରୀ ରାସ୍ତାରେ ଫୋପାଡି ଦେଉଥିବା ଦେଖି ପବିତ୍ରଙ୍କ ସମେତ ତାଙ୍କ ପତ୍ନୀ ଓ ଅନ୍ୟ କର୍ମଚାରୀ ଭୋଭୋ ହୋଇ କାନ୍ଦିବା ଦୃଶ୍ୟ ବେଶ୍ ହୃଦୟ ବିଦାରକ ହୋଇପଡିଥିଲା। ମାଲିକ ଘର ଭଡ଼ା ଦେଇଥିବାବେଳେ ତାଙ୍କ ପତ୍ନୀଙ୍କ ଏଭଳି ଦାଦାଗିରି ଘଟାଇବା ପରେ ମିଠା ବ୍ୟବସାୟୀ ପବିତ୍ର ଆତଙ୍କିତ ହୋଇପଡିଥିଲେ। ଏହି ଘଟଣା ପୂର୍ବରୁ ମଧ୍ୟ ଲଜ୍ ମାଲିକଙ୍କ ପତ୍ନୀ ଦାଦାଗିରି ଦେଖାଇବା ନେଇ ପବିତ୍ର ପାରାଦୀପ ପୋର୍ଟ ବଣିକ ସଂଘରେ ଅଭିଯୋଗ କରିଥିଲେ। ମଙ୍ଗଳବାରର ଏହି ଘଟଣା ପରେ ପବିତ୍ର ପାରାଦୀପ ପୋର୍ଟ ବଣିକ ସଂଘରେ ଅଭିଯୋଗ କରିବା ସହିତ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପାରାଦୀପ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦାଦାଗିରି ଦେଖାଉଥିବା ଲଜ୍ ମାଲିକ ସନ୍ତୋଷ ପଟ୍ଟନାୟକଙ୍କ ପତ୍ନୀଙ୍କୁ ଥାନାକୁ ନେଇଥିବା ଜଣାପଡିଛି। ସନ୍ଧ୍ୟା ପର୍ଯ୍ୟନ୍ତ ଦୋକାନ ସମ୍ମୁଖରେ ମିଠା ଏଣେତେଣେ ପଡିଥିବା ଦେଖିବାକୁ ମିଳିଛି। ପୂର୍ବରୁ ମଧ୍ୟ ଶ୍ରୀମନ୍ଦିର ନାମକ ଏକ ମିଠା ଦୋକାନ ଏଠାରେ ଚାଲିଥିଲା। ଏହାର ମାଲିକଙ୍କୁ ଅକଥନୀୟ ନିର୍ଯାତନା ଦେବା ପରେ ସେ ମଧ୍ୟ ବାଧ୍ୟ ହୋଇ ବ୍ୟବସାୟ ବନ୍ଦ କରି ଚାଲିଯାଇଥିଲେ। ଏଭଳି ମାଲିକ ଓ ମାଲିକାଣୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସେଠାରେ ଉପସ୍ଥିତ ଦେଖଣାହାରୀ ଦାବି କରିଛନ୍ତି।

### ଦିହୁଡ଼ିପୁର ଷଣ୍ଢ ଛକଠାରୁ ବଡପଡ଼ା ହାଟ ରାସ୍ତାରେ ପାଣି

# ଯାତାୟାତ ବାଧାପ୍ରାପ୍ତ, କାର୍ଯ୍ୟାନୁଷ୍ଠାନ ଦାବି

ପଟ୍ଟାମୁଣ୍ଡାଇ,୩୦।୯ (ସମିସ):

ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଦିହୁଡ଼ିପୁର ପଞ୍ଚାୟତର ଷଣ୍ଢ ଛକଠାରୁ ବଡ଼ପଡା ହାଟ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ଦୀର୍ଘ ବର୍ଷ ଧରି ପାଣି ଜମି ରହିବା ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ବିଶେଷକରି ବର୍ଷାଦିନେ ରବୀନ୍ଦ୍ର ମହାନ୍ତି ଘରଠାରୁ ବିଚିତ୍ର ନାୟକ ଘର ପର୍ଯ୍ୟନ୍ତ ୨୫୦ ଫୁଟରୁ ଊର୍ଦ୍ଧ୍ୱ ରାସ୍ତା ଉପରେ ୧. ୫ ଫୁଟ ଉଚ୍ଚତାର ବର୍ଷାପାଣି ଜମି ରହୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାରେ ଦୈନିକ ଶହ ଶହ ଗାଡ଼ି ଯାତାୟାତ କରୁଥିବାବେଳେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛି।

ଏହି ରାସ୍ତା ଉପରେ ପଟ୍ଟାମୁଣ୍ଡାଇ ବ୍ଲକର ବଡପଡା, ବଡ଼ମୋହନପୁର, ସାନଜରିଆ, ଦିହୁଡିପୁର, ଦୋଷିଆ, ବିଲିକଣା ଓ ମହାକାଳପଡା ବ୍ଲକର ଗଗୁଆ ଓ ସୁନୀତି ପଞ୍ଚାୟତର ହଜାର ହଜାର ଲୋକ ଯାତାୟାତ ପାଇଁ ନିର୍ଭର କରୁଛନ୍ତି। ବର୍ଷର ପ୍ରାୟ ସମୟ ରାସ୍ତାରେ ପାଣି ଜମି ରହୁଥିବାରୁ ଲୋକେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ବିଶେଷକରି ଦିହୁଡିପୁର, ମାଟିଆପଡ଼ା, ଖଦାଳସାହି, ସୁଜନପୁର ଗ୍ରାମର ଜନସାଧାରଣଙ୍କ ସବୁଦିନିଆ ରାସ୍ତା



ହୋଇଥିବାରୁ ଜନସାଧାରଣ ଓ ଛାତ୍ରଛାତ୍ରୀ ବାଧ ହୋଇ ଦୂଷିତ ପାଣିରେ ପଶି ଯିବା ଆସିବା କରୁଛନ୍ତି। ଫଳରେ ଅଧିକାଂଶ ସାଧାରଣ ଲୋକ ଓ ଛାତ୍ରଛାତ୍ରୀ ଚର୍ମରୋଗରେ ଶିକାର ହେବା ଦେଖାଯାଉଛି। ଏତଦ୍‌ବ୍ୟତୀତ ରାସ୍ତାରେ ବର୍ଷା ପାଣି ଜମି ରହିବା ଫଳରେ ରାସ୍ତା ପାର୍ଶ୍ୱରେ ଘର କରିଥିବା ଦୋଳଗୋବିନ୍ଦ ନାଥ, କାଳନ୍ଦୀ ନାଥ ଚୈତନ୍ୟ ନାଥ, ସୁବାସ ନାଥ, ରବୀନ୍ଦ୍ର ମହାନ୍ତି, କାଳନ୍ଦୀ ମହାନ୍ତି, କାର୍ତ୍ତିକ ତ୍ରିପାଠୀ, ବିଚିତ୍ର ନାୟକ ଓ ଚନ୍ଦ୍ରଭାନୁ ଦାସ ଆଦି ପରିବାର ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହି ଗୁରୁତର ସମସ୍ୟାକୁ ଉପଲବ୍‌ଧି କରି ଏହାର ଆଶୁ ସମାଧାନ ପାଇଁ ଦିହୁଡିପୁର ପଞ୍ଚାୟତ ସରପଞ୍ଚ ନରେଶ ଚନ୍ଦ୍ର ମଳିକ ପଞ୍ଚାୟତ ଏସଏଫସି ପାଣ୍ଠିରୁ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପାଇଁ ଫାଇଲ ପ୍ରସ୍ତୁତି କରିଥିଲେ। ବ୍ଲକ୍ ସହକାରୀ ଯନ୍ତ୍ରୀ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗର ହୋଇଥିବାରୁ ପଞ୍ଚାୟତ ଫଣ୍ଡରୁ ଅର୍ଥ ଖର୍ଚ୍ଚ ହୋଇପାରିବନାହିଁ ବୋଲି କହିଥିଲେ। ଫଳରେ ପଞ୍ଚାୟତ ସ୍ତରରେ ଏହି ସମସ୍ୟାର ସମାଧାନ ହୋଇପାରିଲାନାହିଁ। ପୂର୍ବରୁ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଏହି ଗୁରୁତର ସମସ୍ୟାର ସମାଧାନ ପାଇଁ ଲିଖିତ ଅଭିଯୋଗ କରିଥିଲେ। ତେବେ ସମସ୍ୟାର ସମାଧାନ ହେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଲେ, ଏ ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

## ଦୁର୍ଗାପୂଜା ପାଇଁ ବଅଁରପାଳ ଉତ୍ସବମୁଖର



ବଅଁରପାଳ,୩୦।୯ (ସମିସ): ଶାରଦୀୟ ଦୁର୍ଗା ପୂଜା ପାଇଁ ବଅଁରପାଳ ଉତ୍ସବ ମୁଖର ହୋଇଛି। ମା'ଙ୍କ ପୂଜା ୪ ଦିନ ଧରି ଅନୁଷ୍ଠିତ ହୋଇ ୩ ତାରିଖ ଶୁକ୍ରବାର ଦିନ ଭସାଣି ଉତ୍ସବ ହେବ। ବଅଁରପାଳ ବଜାରରେ ସିମିଳି ସାହି ଦୁର୍ଗା ବଜାରର ଓ କଲେଜ ଛକଠାରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ରଙ୍ଗବେରଙ୍ଗର ଲାଇଟ ସଜା ସାଙ୍ଗକୁ ତୋରଣ ସଜା ଭକ୍ତମାନଙ୍କୁ ଆକୃଷ୍ଟ କରିଥିଲା। ସନ୍ଧ୍ୟାରେ ଶହ ଶହ ଭକ୍ତ ମା'ଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ଦୁର୍ଗା ବଜାର ମେଢ଼କୁ ୪୯ ବର୍ଷ ଚାଲିଥିବା ବେଳେ ଆସନ୍ତା ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ପୁଲିସ ବ୍ୟବସ୍ଥା କରାଯାଇଛି। ସେହିପରି ବୁଢ଼ାପଙ୍କ, ନୂଆହଟା ସନ୍ତ୍ରୀ, ତୁଳସୀ ପାଳ ଗ୍ରାମରେ ଦୁର୍ଗା ପୂଜା ଅନୁଷ୍ଠିତ ହୋଇଛି।

## ବେଙ୍ଗାଲୁରୁରେ ଠିକାଦାର ଓଡ଼ିଆ ଶ୍ରମିକଙ୍କୁ ମାରି ଗଛରେ ଟାଙ୍ଗିଦେଇଥିବା ଅଭିଯୋଗ

ରାଜନଗର,୩୦।୯ (ସମିସ): ରାଜନଗର ବ୍ଲକ୍ କଣ୍ଡିରା ପଞ୍ଚାୟତ ନଳଯୋଡ଼ି ଗ୍ରାମର ମହନ୍ତ ଜେନାଙ୍କ ସାନପୁଅ ବଳିଆ ଜେନା (୨୧) ବେଙ୍ଗାଲୁରୁରେ କାମ କରୁଥିଲେ। ସେଠାରେ ଠିକାଦାର ତାଙ୍କୁ ମାରି ଗଛରେ ଟାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ବଳିଆଙ୍କୁ ସେହି ଗାଁର ଠିକାଦାର ଗୁନୁ ପ୍ରଧାନ ଓ ଜଗବନ୍ଧୁ ଜେନା ଶ୍ରମିକ ଭାବେ କାମ କରାଇବାକୁ ନେଇଥିଲେ। ସେଠାରେ ସେ କାମ କରୁଥିଲେ। ଦଶହରା ଥିବାରୁ ତିନିଦିନ ପୂର୍ବେ ବଳିଆ ଘରକୁ ଆସିବାକୁ ଠିକାଦାରଙ୍କୁ ଟଙ୍କା ମାଗିଥିଲେ। ସେମାନେ ଟଙ୍କା ନ ଦେଇ ଘରେ ପୂରାଇ ମାଡ଼ ମାରୁ ମାରୁ ଜୀବନରେ ମାରି ଦେଇ ନିକଟରେ ଥିବା ଏକ ଗଛରେ ଟାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ବଳିଆଙ୍କ ବାପା ମହନ୍ତ



ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ମୋ' ପୁଅକୁ ମାରି ଦେଇଥିବା ଠିକାଦାର ଦ୍ୱୟ ମୋତେ ଖବର ଦେଇନାହାନ୍ତି। ମୋର ଅନ୍ୟଏକ ପୁଅ କିଛି ଦୂରରେ କାମ କରୁଛି। ସେ ଖବର ପାଇ ଆସି ଦେଖିବା ପରେ ମୋତେ ଜଣାଇଥିଲା। ମୋ ପୁଅଠାରୁ ଖବର ପାଇବା ପରେ ଥାନାକୁ ଆସି ଅଭିଯୋଗ କରିଛି। ପ୍ରଶାସନ ବେଙ୍ଗାଲୁରୁରୁ ମୃତଦେହ ଆଣିବା ସହ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ରାସ୍ତାରେ ଜଳିଗଲା ବାଇକ୍



ଡେରାବିଶ,୩୦।୯ (ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଚଷାଖଣ୍ଡ ଗ୍ରାମ ନିକଟରେ ଆଜି ଏକ ବାଇକ୍ ହଠାତ୍ ଜଳିଉଠିଥିଲା। ଚାଳକ ବାଇକ୍ ଛାଡ଼ିଦେଇ ଦଉଡ଼ି ପଳାଇବାରୁ ସେ ବର୍ତ୍ତିଯାଇଥିଲେ। ବାଲିଆ ପଞ୍ଚାୟତ ଅନ୍ତର୍ଗତ ଦେଶପୁର ଗ୍ରାମର ଜଣେ ବ୍ୟକ୍ତି ବାଇକ୍ ଧରି ଚାନ୍ଦୋଳ-ଗୋଲରାହାଟ ରାସ୍ତାରେ ଯାଉଥିବାବେଳେ ଚଷାଖଣ୍ଡ ନିକଟରେ ହଠାତ୍ ବାଇକରୁ ନିଆଁ ବାହାରିଥିଲା। ଚାଳକ ବାଇକ୍ ଅଟକାଇ ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଘରୁ ପାଣି ଆଣି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ତେବେ ବାଇକ୍ ଟାଙ୍କିରେ ନିଆଁ ଧରିବାରୁ ଯେତେ ପାଣି ପକାଇଲେ ଲିଭି ନ ଥିଲା। ତୁରନ୍ତ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଡେରାବିଶ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ■ ଦଧିବାମନଜୀଉଙ୍କ ମନ୍ଦିର ଉନ୍ନତିକରଣ କାମ

## ଯେତେ ଅଭିଯୋଗ କଲେ ବି ଶୁଣୁନି ପ୍ରଶାସନ

ଡେରାବିଶ, ୩୦।୯ (ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଦଧିବାମନଜୀଉଙ୍କ ମନ୍ଦିରର ଉନ୍ନତିକରଣ କାମ ଚାଲିଛି। ବିଜେଡି ସରକାରଙ୍କ ସମୟରେ '୫-ଟି' ଯୋଜନାରେ ଦଧିବାମନଜୀଉଙ୍କ ମନ୍ଦିରର ଉନ୍ନତିକରଣ ପାଇଁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର

### ନିମ୍ନମାନର ଇଟାରେ ହେଉଛି ନିର୍ମାଣ କାର୍ଯ୍ୟ

ବ୍ୟୟବରାଦ କରାଯାଇଥିଲା। ଏଥିରେ ମନ୍ଦିର ଭିତରେ ଓ ବାହାରର ବିଭିନ୍ନ ଉନ୍ନତିକରଣ କାମ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର ମାଧ୍ୟମରେ ଜଣେ ଠିକାଦାର ଏହି କାମକୁ ହାସଲ କରି କାମ ଜାରି ରଖିଛନ୍ତି। ଠିକାଦାର ଜଣକ ମଧ୍ୟ ଅର୍ଦ୍ଧାଧିକ କାମ ସାରିଲେଣି। ଏହି ନିର୍ମାଣରେ ଠିକାଦାର ନିମ୍ନମାନର ଇଟା ବ୍ୟବହାର କରୁଥିବା ନେଇ ବହୁ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା।



ଏପରିକି ଦୁଇମାସ ପୂର୍ବେ ଠିକାଦର ନିର୍ମାଣ ପାଇଁ ମନ୍ଦିର ସମ୍ମୁଖରେ ଗଦା କରିଥିବା ଇଟା ବର୍ଷା ପାଣିରେ ଧୋଇଯାଇଥିଲା । ଏ ସମ୍ପର୍କରେ ସେତେବେଳେ ଶ୍ରଦ୍ଧାଳୁ ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ତେବେ ଯେତେ ଅଭିଯୋଗ କଲେ ମଧ୍ୟ ଫଳଶୂନ। ଠିକାଦାର ମନମାନୀ କରି ସେହି ନିମ୍ନମାନର ଇଟାରେ ମନ୍ଦିରର ବିଭିନ୍ନ କାର୍ଯ୍ୟ ଚଳାଇଛନ୍ତି। ଗତ ଦୁଇଦିନ ତଳେ ମନ୍ଦିରର ପାଚେରି ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଠିକାଦର ପୂର୍ବପରି ସେହି ନିମ୍ନମାନର ଇଟାରେ ନିର୍ମାଣ କରୁଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରିବାକୁ ଭକ୍ତ ମହଲରୁ ଦାବି ହୋଇଛି।

## ପ୍ରଫୁଲ୍ଲ ଦାସଙ୍କ ଜୟନ୍ତୀ ପାଳିତ



ରାଜକନିକା, ୩୦।୯ (ସମିସ): ଆଜି ରାଜକନିକା ବ୍ଲକ୍ ସମ୍ମିଳନୀ କକ୍ଷରେ କନିକାର ବିପ୍ଳବୀ ଐତିହାସିକ ଡଃ ପ୍ରଫୁଲ୍ଲ ଦାସଙ୍କ ୯୯ତମ ଜୟନ୍ତୀ ପାଳିତ ହୋଇଯାଇଛି। କନିକା ପୂଜ୍ୟପୂଜା ପରିଷଦ ଓ ଡଃ ପ୍ରଫୁଲ୍ଲ ଦାସ ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ ଏହି ଜୟନ୍ତୀରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଡଃ ବ୍ରଜମୋହନ ମିଶ୍ର ଯୋଗଦେଇ ବାମ ଆନ୍ଦୋଳନ ଓ ଡଃ ପଫୁଲ୍ଲ ଦାସଙ୍କ ବିପ୍ଳବୀ ଚେତନାର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରି ଫାସିବାଦର ବିଲୋପ ପାଇଁ ଉଗ୍ର ରାଜନୈତିକ ପରିବର୍ତ୍ତନର ଆହ୍ୱାନ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ 'ଅକ୍ଷର'ର ସମ୍ପାଦକ ତଥା ବିଶିଷ୍ଟ ସ୍ତମ୍ଭକାର ଅମୀୟ ପାଣ୍ଡବ ଡଃ ଦାସଙ୍କ ତମାମ ଜୀବନର ସଂଘର୍ଷମୟ ଗାଥା ଅବତାରଣା କରିଥିଲେ। ପରିଷଦର ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ସଭାପତିତ୍ୱ ଓ ସମ୍ପାଦକ କପିଳ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ମାଟ୍ରିକରେ ଏ-୧ ଛାତ୍ରଛାତ୍ରୀ ଓ ଓଡିଶା ପ୍ରଶାସନିକ ସେବାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥଲା। ପ୍ରାରମ୍ଭରେ ଡଃ ପ୍ରଫୁଲ ଦାସ ସ୍ମୃତି ସଂସଦର ସମ୍ପାଦକ ବିଧାନ ଦାସ ପ୍ରଫୁଲ୍ଲ ଦାସଙ୍କ ଜୀବନୀ ଓ ଶିକ୍ଷକ ନେତା କାଳୀପ୍ରସାଦ ନାୟକ କନିକାର ଜନମାନସରେ ବିପ୍ଳବର ଅଗ୍ନିସ୍ଫୁଲିଙ୍ଗ ଆଣିଥିବା ସ୍ୱର୍ଗତ ଦାସଙ୍କ ତମାମ ଉତ୍ସର୍ଗୀକୃତ ଜୀବନ ଉତ୍ତରପିଢ଼ି ପାଇଁ ପ୍ରେରଣା ପାଲଟିଥିବା ସୂଚାଇ ଜାଗରଣ ତୋଳିଥିଲେ।

## ଓସିଏସ୍ ପାଇଥିବା ଜୟପ୍ରକାଶଙ୍କୁ ବନ୍ଧପଡା ଗ୍ରାମରେ ସମ୍ବର୍ଦ୍ଧନା



ମହାକାଳପଡ଼ା,୩୦।୯ (ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓସିଏସ) ୨୦୨୩-୨୪ ପରୀକ୍ଷାରେ ୨୦୦ତମ ସ୍ଥାନ ହାସଲ କରିଥିବା ଜୟପ୍ରକାଶ ବେହେରାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ବନ୍ଧପଡ଼ା ଗ୍ରାମରେ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଗ୍ରାମର ଚାଷୀ ତ୍ରିଲୋଚନ ବେହେରାଙ୍କ ପୁଅ ଜୟପ୍ରକାଶ ମଙ୍ଗଳବାର ନିଜ ଗ୍ରାମ ବନ୍ଧପଡାକୁ ଫେରିଥିବା ବଳେ ତାଙ୍କୁ ଅଞ୍ଚଳ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ରାଜସ୍ୱ ନିରୀକ୍ଷକ ବିଶ୍ୱବିଜୟୀ ପରିଡ଼ାଙ୍କ ନେତୃତ୍ୱରେ ଗ୍ରାମର ଲୋକେ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ବନ୍ଧୁ ପରିଜନ ମଙ୍ଗଳପୁର ଛକରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ରାଜେଶଙ୍କୁ ପାଛୋଟି ନେଇଥିଲେ। ବଳଦେବଜୀଉ ଚଷା ସଂଗଠନ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ପକ୍ଷରୁ ଜୟପ୍ରକାଶଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର; ୬୨ୟୁନିଟ୍ ସଂଗ୍ରହ



କଣିହାଁ,୩୦।୯ (ସମିସ): କଣିହାଁ ପଞ୍ଚାୟତ ଆନୁକୂଲ୍ୟରେ ସ୍ଥାନୀୟ ହଟିଂ ୟୁପି ସ୍କୁଲ୍ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଂସମୁଣ୍ଡା ଗ୍ରାମ୍ୟ ବିକାଶ ଟ୍ରଷ୍ଟ, ଶିବ ଶକ୍ତି ଟ୍ରଷ୍ଟ, କଣିହାଁ ଶ୍ରୀ ଗଣେଶ ଏକାଡେମୀ ଓ କଂସମୁଣ୍ଡା ଯୁବ ସମାଜସେବୀ ସଂଗଠନ ଆଦି ମିଳିତ ସହଭାଗିତାରେ ଶିବିର ଆୟୋଜନ କରାଯାଇଥିଲା। ଅନୁଗୋଳ ରକ୍ତ ଭଣ୍ଡାର ପକ୍ଷରୁ ୬୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଣିହାଁ ସରପଞ୍ଚ ରଂଜିତା ବେହେରା, ଶିକ୍ଷାବିତ ପ୍ରମୋଦ ପ୍ରଧାନ, କଣିହାଁ ଗ୍ରାମ ସଭାପତି କେଶବ ସାହୁ, କଂସମୁଣ୍ଡା ଗ୍ରାମ୍ୟ ସଭାପତି ମୃତ୍ୟୁଞ୍ଜୟ ପ୍ରଧାନ, ଟାକୁଆ ଗ୍ରାମ ସଭାପତି ରୁଷି କୁମାର ସାହୁ, ପଟାଖମଣ ଗ୍ରାମ ସଭାପତି ରମେଶ ସାହୁ, ଟୋଲେକବେଡା ଗ୍ରାମ ସଭାପତି ଲୋଚନ ସାହୁ, ମସୁଣିହତା ଗ୍ରାମ ସଭାପତି ମନମୋହନ ସାହୁ, ଭୂଇଁପୁର ସଭାପତି ଗଣେଶ୍ୱର ସାହୁ, ପ୍ରାକ୍ତନ ସମିତିସଭ୍ୟ ଦେବେନ୍ଦ୍ର ବାରିକ୍, କଣିହାଁ ମଣ୍ଡଳ ବିଜେପି ସଭାପତି ଶୁଶାନ୍ତ ସାମଲ, ବରିଷ୍ଠ ବିଜେପି ନେତା ଲୋକନାଥ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ।

## ମା'ଙ୍କ ଆବିର୍ଭାବ; କୋଇଲା ନଗରୀ ଚଳଚଞ୍ଚଳ

ତାଳଚେର,୩୦।୯ (ସମିସ): ନବରାତ୍ରୀ ଅବସରରେ ଆଜି ଶିଳ୍ପନଗରୀ ତାଳଚେର ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। ତାଳଚେର ଲିଙ୍ଗରାଜ କୋଇଲା ଖଣିଠାରୁ ଆରମ୍ଭକରି ଦେଉଳବେଡ଼ା, ଭୁବନେଶ୍ୱରୀ, ଡେରା, ଅନନ୍ତ, ସେଣ୍ଟ୍ରାଂଲକଲୋନୀ, ଜଗନ୍ନାଥ, ସାଉଥବଲଣ୍ଡା, ନନ୍ଦିରା, ଭରତପୁର, ବଳରାମ, ହିଙ୍ଗୁଳା ଖଣିଗୁଡ଼ିକରେ ଧୂମଧାମରେ ପୀଠେ ଅଷ୍ଟମୀ ନବରାତ୍ର ପୂଜା ଅବସରରେ ଚଳଚଞ୍ଚଳ ହୋଇପଡ଼ିଛି। ମା'ଙ୍କ ଦର୍ଶନ କରିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। କୋଇଲା ଖଣି ପକ୍ଷରୁ ବିରାଟ ତୋରଣ ସହିତ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି ତାଳଚେର କୋଇଲା ନଗରୀ ଅଞ୍ଚଳ। ବାଦ୍ୟ, ଶଙ୍ଖ, ଘଣ୍ଟରେ ପ୍ରକମ୍ପିତ ହେଉଥିବା ବେଳେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଛି। ପ୍ରାତଃ ସମୟରୁ ପୁରୋଧାମାନେ ନିଜର ନିତ୍ୟକର୍ମ ସାରି ମା'ଙ୍କ ଷୋଡ଼ଷ ଉପଚାରରେ ବିଧିବିଧାନ ଅନୁସାରେ ପୂଜା ଆରମ୍ଭ କରିଦେଇଛନ୍ତି। ଭକ୍ତମାନଙ୍କୁ



ଆକୃଷ୍ଟ କରିବାନେଇ ବିଭିନ୍ନ ଖଣି ପକ୍ଷରୁ ନାମୀଦାମୀ ଯାତ୍ରାପାର୍ଟି ସହିତ ଅଞ୍ଚଳରେ ରାଜ୍ୟ ତଥା ରାଜ୍ୟ ବାହାରୁ ମନୋହରି ସାମଗ୍ରୀ ସହ ଘରଉପକରଣ ସାମଗ୍ରୀ, ବିଭିନ୍ନ ରୁଚିକର ଖାଦ୍ୟପଦାର୍ଥର ଆସର ଜମିଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ପୂଜାକମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ପୂଜାମାହୋଲକୁ କିପରି ଆହୁରି ଆକର୍ଷଣୀୟ କରାଯାଇପାରିବ ତାକୁ ନେଇ ପ୍ରସ୍ତୁତି ଆରମ୍ଭ କରି ଦେଇଥିବା ଦେଖିବାକୁ ମିଳିଛି। ପୁଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା କରିବା ସହିତ ପ୍ରତିଛକ, ପୂଜାମଣ୍ଡପ ଗୁଡ଼ିକରେ ବ୍ୟାପକ ପୁଲିସ ମୂତୟନ କରାଯାଇଥିବା ଦେଖିବାକୁ ମିଳିଛି। ସେହିପରି ତାଳଚେର ଟାଉନ ପାଇକ ସାହି ଏବଂ ରେମୁଆଁଠାରେ ମା'ଙ୍କ ଅଷ୍ଟମୀ ପିଠେ ପୂଜା ଅନୁଷ୍ଠିତ ହୋଇଯାଇଛି।

## ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ



ଡେରାବିଶ,୩୦।୯ (ସମିସ): ଡେରାବିଶ ବ୍ଲକ୍ ଗୋଲରହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟ ପରିସରରେ ଆଜି ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଯୋଜନାର ପ୍ରୋଗ୍ରାମିଂ ଅଫିସର ରଘୁନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ୭ଦିନିଆ ବର୍ଷାକାଳୀନ ଶିବିରରେ ଯୋଗ ଦେଇଥିବା ସ୍ୱେଚ୍ଛାସେବୀ ବୃକ୍ଷରୋପଣ, ପରିବେଶ ସୁରକ୍ଷା, ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ଇତ୍ୟାଦି କାର୍ଯ୍ୟକ୍ରମ ଉତ୍ସାହର ସହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶେଖ ଦବିରଉଦ୍ଦିନ ଯୋଗଦେଇ ଶିବିରାର୍ଥୀ ସେବା କାର୍ଯ୍ୟକୁ କିପରି ନିଜ ଜୀବନରେ ଲଗାଇବେ ଓ ଏହି ସେବା କାର୍ଯ୍ୟ ଦ୍ୱାରା କିପରି ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିବେ, ସେ ସମ୍ପର୍କରେ ବୁଝାଇ କହିଥିଲେ। ଯୁବ ରେଡ୍‌କ୍ରସର କନସେଲର ଡ. ଶଶୀକାନ୍ତ ମଲ୍ଲିକା ଧନ୍ୟବାଦ ଅର୍ପଣ କରିଥିଲେ।

### ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ନିର୍ଯାତନା

# ଅଭିଯୋଗର ତଦନ୍ତ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

କେନ୍ଦ୍ରାପଡ଼ା,୩୦।୯ (ସମିସ):

କର୍ମକ୍ଷେତ୍ରରେ ମହିଳାଙ୍କୁ ନିର୍ଯ୍ୟାତନା ରୋକିବାକୁ ସମସ୍ତ ପଦକ୍ଷେପ ନିଆଗଲେ ବି ମହିଳାଙ୍କୁ ଶୋଷଣ ଜାରି ରହିଛି। ଏପରିକି ପ୍ରତ୍ୟେକ ଅଫିସରେ ମହିଳାଙ୍କୁ ସୁରକ୍ଷା ପାଇଁ ଇଣ୍ଟରନାଲ କମ୍ପ୍ଲେନ କମିଟି (ଆଇସିସି) ଥିବାବେଳେ ବି ଏହି କମିଟିରୁ ସେମିତି କିଛି ଫଳ ମିଳୁ ନ ଥିବାରୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବୀରନୀଳକଣ୍ଠପୁର ପିଏଚସିର ଫାର୍ମାସିଷ୍ଟ, ଏଏନଏମ, ଆଟେଣ୍ଡାଣ୍ଟ ଭଳି ୩ ଜଣ ମହିଳା କର୍ମଚାରୀଙ୍କୁ ସମ୍ପୃକ୍ତ ମେଡିକାଲ ଅଫିସର ନିର୍ଯାତନା ଦେବାର ଲିଖିତ ଅଭିଯୋଗ ଓ ତଦନ୍ତ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ବାସ୍ତବରେ ସରକାରଙ୍କ ନିୟମର ଧଜିଆ ଉଡ଼ିଛି।

କର୍ମଜୀବୀ ମହିଳାଙ୍କୁ କର୍ମକ୍ଷେତ୍ରରେ ସୁରକ୍ଷା ଦେବାକୁ ସ୍ୱତନ୍ତ୍ର କମିଟି ଗଠନ ହେବା ପରେ ଯଦି ମହିଳାମାନେ ଶାରୀରିକ ଓ ମାନସିକ ଭାବେ ଶୋଷଣର ସମ୍ମୁଖୀନ ହେଉଛନ୍ତି, ତେବେ ଏଥିରେ ରକ୍ଷକ ଭକ୍ଷକ ସାଜିବା ଭଳି ସ୍ଥିତି ଉପୁଜିଛି। ଏହି ବର୍ଗର ମହିଳା କର୍ମଚାରୀ ସେମାନଙ୍କ ଉପରେ ସମ୍ପୃକ୍ତ ଅଫିସର ବିରୋଧରେ ଲିଖିତ ଅଭିଯୋଗ କରିବାର ବହୁଦିନ ପରେ ଜିଲ୍ଲା ସିଡିଏମଓ ଡିପିଏଚଓଙ୍କୁ ଗତ ୨୫ ତାରିଖ ସନ୍ଧ୍ୟାରେ ଏହି ଘଟଣାର ତଦନ୍ତ କରାଯାଇଥିଲା। ତଦନ୍ତ ସରିବାର ୫ ଦିନ ପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେହି ମେଡିକାଲ ଅଫିସର ଏବେ ଆହୁରି ଅଧିକ ନିର୍ଯାତନା ଦେବା ସହ ପ୍ରତିଦିନ ୧୧ଟା ବେଳେ ନିଜ ଅଫିସକୁ ସ୍ଥାନୀୟ କେତେକ ଯୁବକଙ୍କ ସହ ଆସି ଗପ ଜମାଇବା ଦ୍ୱାରା ରୋଗୀସେବା ବ୍ୟାହତ ହେଉଥିବା ସାଧାରଣ ଲୋକେ ଚିକିତ୍ସାରେ ଅବହେଳା ହେଉଥିବା ଦେଖିବାକୁ ମିଳିଛି। ଆମ ଦେଶରେ ଏବେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ସୁସ୍ଥ ନାରୀ ସଶକ୍ତ ପରିବାର ନାମରେ ସ୍ୱାସ୍ଥ୍ୟସେବାକୁ ବେଶ ଗୁରୁତ୍ୱ ଦେଇ ଅଭିଯାନ ବଳବତ୍ତର ଥିବାବେଳେ ଖୋଦ ସ୍ୱାସ୍ଥ୍ୟକର୍ମୀ ନିର୍ଯାତନାର ଶିକାର ହେବା ଆମ ସରକାରୀ ଘୋଷଣାନାମାର ଖୋଲା ଉଲ୍ଲଙ୍ଘନ ହୋଇଛି। ଜଣେ ନିର୍ଯାତିତ ମହିଳା ନିଜକୁ ଅସୁରକ୍ଷିତ ମନେ କରି ନିଜ ଲଜ୍ଜା ସଂକୋଚ ଭୁଲି ଉପରିସ୍ଥ ଅଧିକାରୀଙ୍କ ବିରୋଧରେ ଲିଖିତ ଅଭିଯୋଗ ପରେ ବି ଏହି ଘଟଣାରେ ନାମକୁ ମାତ୍ର ତଦନ୍ତ ହୋଇ ଚୁପ ରହିବା ଦ୍ୱାରା ଅଭିଯୋଗକାରୀ ଓ ଶୋଷିତ ମହିଳା କର୍ମଚାରୀ ଏବେ ମାନସିକ ଭାରସାମ୍ୟ ହରାଇ ବେଶ ଅଶାନ୍ତିରେ ରହୁଛନ୍ତି। କର୍ମକ୍ଷେତ୍ରରେ ଆଦୌ ସୁରକ୍ଷିତ ନ ଥିବା ଏହି ପିଏଚସିର ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଜୀବନର ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାପାଳ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୬୯ ● ପାଉଣ୍ଡ ୧୧୯.୩୫
- ୟୁରୋ ୧୦୩.୮୫ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୪ କ୍ୟାରେଟ୍)


- ସୁନା: ୧,୧୮,୦୦୦ (ନୂଆଦିଲ୍ଲୀ)
- ରୁପା : ୧,୫୧,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୦,୨୬୭.୦୦
- ନିଫ୍ଟି ୨୪,୬୧୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



● ଜିଏସ୍‌ଟି ହ୍ରାସରେ ବଢ଼ିଲା କାର୍ ବିକ୍ରି

## ସପ୍ତାହକରେ ୧୩୩% ବୁକିଂ ରେକର୍ଡ

ନୂଆଦିଲ୍ଲୀ,୩୦।୯ (ଏଜେନ୍ସି): ନବରାତ୍ରୀ ଏବଂ ଦଶହରା ପୂର୍ବରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହ୍ରାସ କାରଣରୁ ଲୋକମାନେ ବେଶ୍ କିଣାକିଣି କରୁଛନ୍ତି। ବିଶେଷ କରି ପାର୍ବଣରେ ଗାଡ଼ି କିଣିବାରେ ଦେଖିବାକୁ ମିଳିଛି ଲୋକଙ୍କ ଆଗ୍ରହ। କାରଣ ବିଭିନ୍ନ କମ୍ପାନୀ ଦେଇଥିବା ତଥ୍ୟ ଅନୁସାରେ ନବରାତ୍ରି ଆରମ୍ଭରୁ ଅର୍ଥାତ୍ ସେପ୍ଟେମ୍ବର ୨୨ରୁ ୨୮ ମଧ୍ୟରେ ଦେଶରେ କାର୍ ବିକ୍ରିରେ ୧୩୩% ପର୍ଯ୍ୟନ୍ତ ବୃଦ୍ଧି ହୋଇଛି।




ଖାଲି ସେତିକି ନୁହେଁ କାର୍‌କୁ ଛାଡ଼ିଦେଲେ ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ବଜାରରେ ମୋଟରସାଇକେଲ, ଟିଭି, ପ୍ରସାଧନ ସାମଗ୍ରୀ ଏବଂ ପ୍ରିମିୟମ ଘଣ୍ଟାର ବିକ୍ରି ଦୁଇଗୁଣା ହୋଇଛି। ସାବୁନ, ପେଷ୍ଟ, ବିସ୍କୁଟ ଭଳି ଦୈନନ୍ଦିନ ସାମଗ୍ରୀ ମଧ୍ୟ ୨୦% ପର୍ଯ୍ୟନ୍ତ ଅଧିକ ବିକ୍ରି ହୋଇଛି। ଗ୍ରାମାଞ୍ଚଳରେ ମଧ୍ୟ ଅଧିକ ଉତ୍ସାହ ଦେଖିବାକୁ ମିଳିଛି। ମାରୁତି ସୁଜୁକି, ହ୍ୟୁଣ୍ଡାଇ ଏବଂ ଟାଟା ମୋଟର୍ସର କହିବା ଅନୁସାରେ ନବରାତ୍ରୀରେ ଏ ପର୍ଯ୍ୟନ୍ତ ବିକ୍ରି ୧୦୦-୧୩୩% ବଢ଼ିଛି। ମାରୁତି ସୁଜୁକିର ସିନିୟର ଏକ୍ଜିକ୍ୟୁଟିଭ ଅଫିସର (ସେଲ୍ସ-ମାର୍କେଟିଂ) ପାର୍ଥୋ ବାନାର୍ଜୀ କହିଛନ୍ତି ଟପ୍-୧୦୦ ସହରରେ କମ୍ପାନିର ବୁକିଂ ପ୍ରାୟ ୧୦୦% ବଢ଼ିଛି। ହ୍ୟୁଣ୍ଡାଇ ମୋଟର ଇଣ୍ଡିଆର ନିର୍ଦ୍ଦେଶକ ଏବଂ ସିଓଓ ତରୁଣ ଗର୍ଗ କହିଛନ୍ତି ସେପ୍ଟେମ୍ବର ୨୨-୨୫ ମଧ୍ୟରେ ଗ୍ରାମାଞ୍ଚଳ ବଜାରରେ ୧୩୩% ଅଧିକ ବୁକିଂ ହୋଇଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୨ରୁ ଛୋଟ କାର୍ ଉପରେ GST ୨୯-୩୧%ରୁ ୧୮%କୁ ହ୍ରାସ କରାଯାଇଛି। ଏହା ଗ୍ରାହକଙ୍କୁ ୮.୫-୯.୯% ଲାଭ ଦେଇଥିବାବେଳେ ଅଟୋମେକର ଏବଂ ଡିଲରମାନଙ୍କ ପକ୍ଷରୁ ମିଳୁଥିବା ପାର୍ବଣ ଅଫର ଫଳରେ ମୂଲ୍ୟ ୧୨-୧୫%କୁ ଖସିଛି।

### ମୋର୍ଗାନ୍ ଷ୍ଟେନ୍‌ଲେ ରିପୋର୍ଟ

## ଦକ୍ଷିଣ ଏସିଆରେ ସବୁଠୁ ଅଧିକ ବେକାର ଯୁବକ ଭାରତରେ

ନୂଆଦିଲ୍ଲୀ,୩୦।୯ (ଏଜେନ୍ସି): ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି, କିନ୍ତୁ ଦେଶର ଯୁବପିଢ଼ି ନିଯୁକ୍ତି ବଜାରରେ ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଦେଶରେ ଯୁବ ବର୍ଗରେ ବେକାରି

- ଯୁବବର୍ଗରେ ବେକାରି ହାର ୧୭.୬%
- ସଙ୍କଟରୁ ମୁକୁଳିବାକୁ ବାର୍ଷିକ ୧୨.୨% ହାରରେ ଅଭିବୃଦ୍ଧି ଆବଶ୍ୟକ




ହାର ବର୍ତ୍ତମାନ ୧୭.୬%ରେ ପହଞ୍ଚିଛି, ଯାହା ଦକ୍ଷିଣ ଏସିଆରେ ସର୍ବାଧିକ ରହିଥିବା ମୋର୍ଗାନ୍ ଷ୍ଟେନ୍‌ଲେ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ କୁହାଯାଇଛି। ସେହି ସମୟରେ କୃଷି କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ସଂଖ୍ୟା ୧୭ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ଶିଳ୍ପ ଏବଂ ସେବା କ୍ଷେତ୍ରରେ ପର୍ଯ୍ୟାପ୍ତ ଚାକିରି ଉପଲବ୍ଧ ନାହିଁ ଏବଂ ଲୋକମାନେ ସେମାନଙ୍କ ଦକ୍ଷତା ସହିତ ସମାନ କାମ ପାଇପାରୁନାହାଁନ୍ତି। ତେବେ ମୋର୍ଗାନ୍ ଷ୍ଟେନ୍‌ଲେର ଅର୍ଥନୀତିଜ୍ଞମାନେ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଭାରତର ଅର୍ଥନୀତିରେ ଦେଖାଦେଇଥିବା ନିଯୁକ୍ତି ସମସ୍ୟାର ସମାଧାନ ପାଇଁ ବାର୍ଷିକ ୧୨.୨% ହାରରେ ଅଭିବୃଦ୍ଧି ହେବା ଆବଶ୍ୟକ। ଯଦି ଏହା ନ ହୁଏ, ତେବେ ଲକ୍ଷ ଲକ୍ଷ ଯୁବକ ବେକାର ରହିପାରନ୍ତି, ଯାହା ,ସମାଜରେ ଉତ୍ତେଜନା ବୃଦ୍ଧି କରିପାରେ।

ଭାରତରେ କାମ ଆକଳନ କରିବା କଷ୍ଟକର କାରଣ ଜଣେ ବ୍ୟକ୍ତି ପୂର୍ବ ସପ୍ତାହରେ ଅତି କମ୍‌ରେ ଗୋଟିଏ ଘଣ୍ଟା କାମ କଲେ ତାଙ୍କୁ ନିଯୁକ୍ତିପ୍ରାପ୍ତ ବୋଲି ବିବେଚନା କରାଯାଏ। ଏଥିରେ ପାରିବାରିକ କାମ ଅନ୍ତର୍ଭୁକ୍ତ। ଏହା ଦେଶରେ ପ୍ରକୃତ ନିଯୁକ୍ତି ପରିସ୍ଥିତିକୁ ଅସ୍ପଷ୍ଟ କରେ। ସରକାରଙ୍କ ମତରେ, ଭାରତର ଆର୍ଥିକ ଅଭିବୃଦ୍ଧି ହାର ୬.୩%–୬.୮%। କିନ୍ତୁ, ଏହି ଅଭିବୃଦ୍ଧି ନିଯୁକ୍ତି ସୃଷ୍ଟି କରିବା ପାଇଁ ଯଥେଷ୍ଟ ନୁହେଁ। ଆଗାମୀ ୧୦ ବର୍ଷ ମଧ୍ୟରେ ପ୍ରାୟ ୮୪ ନିୟୁତ ଲୋକ କାର୍ଯ୍ୟ କରିବା ବୟସରେ ପହଞ୍ଚିବେ। ଯଦି ଭାରତର ଅର୍ଥନୀତିରେ ଅତି ଶୀଘ୍ର ଅଭିବୃଦ୍ଧି ନ ହୁଏ, ତେବେ ଲକ୍ଷ ଲକ୍ଷ ଯୁବକ ଯୁବତୀ ଉପଯୁକ୍ତ ନିଯୁକ୍ତିରୁ ବଞ୍ଚିତ ହେବେ। ଏହି କାମର ଅଭାବ ସାମାଜିକ ଉତ୍ତେଜନା ବୃଦ୍ଧି କରିପାରେ ଏବଂ ବିଦେଶରେ ଚାକିରି ଖୋଜୁଥିବା ଯୁବକ ଯୁବତୀମାନଙ୍କ ଉପରେ ଚାପ ପକାଇପାରେ। ବିଶେଷକରି ଏଥିଯୋଗୁ ଏଚ୍-୧ବି ଭିସା ମହଙ୍ଗା ହୋଇପାରେ।

ଭାରତରେ ପ୍ରାୟ ୬୦୦ ନିୟୁତ ଲୋକ ଏବେ ବି ପ୍ରତିଦିନ ୩୨୪ ଟଙ୍କା ରୁ କମ୍ ରୋଜଗାରରେ ବଞ୍ଚୁଛନ୍ତି। ସମ୍ପ୍ରତି, ବିଶ୍ୱ ବ୍ୟାଙ୍କ ଦାରିଦ୍ର୍ୟ ସୀମାକୁ ୩୭୩ ଟଙ୍କା କୁ ବୃଦ୍ଧି କରିଛି। ଏହାର ଅର୍ଥ ହେଉଛି ଯେ ଏବେ ଅଧିକ ଲୋକଙ୍କୁ ଗରିବ କିମ୍ବା ଦୁର୍ବଳ ଭାବରେ ଗଣନା କରାଯିବ। ଦାରିଦ୍ର୍ୟ ବୃଦ୍ଧି ଲୋକଙ୍କ କ୍ରୟ ଶକ୍ତିକୁ ହ୍ରାସ କରିବ, ଯାହା ନୂତନ ନିଯୁକ୍ତି ସୃଷ୍ଟି ଉପରେ ନକାରାତ୍ମକ ପ୍ରଭାବ ପକାଇବ।

## ଦଶରାରେ ସୁନା ଦର ଉପରମୁହାଁ

ନୂଆଦିଲ୍ଲୀ,୩୦।୯ (ଏଜେନ୍ସି): ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଦର। ଦୁର୍ଗାପୂଜା ଓ ଦଶହରାରେ ଦୌଡୁଛି ସୁନା ବଜାର। ମୂଲ୍ୟ ବୃଦ୍ଧିରେ ଆଉ ଲାଗୁନି ଲଗାମ୍। ଇତିମଧ୍ୟରେ ଘରୋଇ ବଜାରରେ ସୁନା ମୂଲ୍ୟ ପୁଣି ଥରେ ଏହାର ସବୁ ରେକର୍ଡ ଭାଙ୍ଗି ୧୦ ଗ୍ରାମ ପିଛା ୧.୧୭ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି। ସେହିଭଳି ରୁପା ଦର ମଧ୍ୟ

### ୧୦ ଗ୍ରାମ ପିଛା ୧.୧୭ ଲକ୍ଷ ଟପିଲା

କିଲୋଗ୍ରାମ ପିଛା ୧.୫୧ ଲକ୍ଷ ଟଙ୍କା ଟପି ଇତିହାସ ରଚିଛି। ଆଜି ଦିନକରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୫୦୦ ଟଙ୍କା ବୃଦ୍ଧି ଘଟିଛି। ଅପରପକ୍ଷେ ଚଳିତବର୍ଷ ସୁନା ମୂଲ୍ୟ ୩୯ ଥର ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧.୧୮ ଲକ୍ଷ ଟଙ୍କା ଟପିଯାଇଛି।



ବିଶ୍ୱ ଅନିଶ୍ଚିତତା ସହ ଡଲାର ତୁଳନାରେ ଟଙ୍କା ଅଧିକ ଦୁର୍ବଳ ହେବା ସୁନା ମୂଲ୍ୟ ବୃଦ୍ଧିରେ ସହାୟକ ହୋଇଛି।

ଚଳିତବର୍ଷ ଶେଷ ସୁଦ୍ଧା ଭାରତୀୟ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୨ ଲକ୍ଷ ଟଙ୍କା ଛୁଇଁବ ବୋଲି ନିକଟରେ ବଜାର ବିଶେଷଜ୍ଞମାନେ ଆକଳନ କରିଥିଲେ। ଭୁବନେଶ୍ୱରରେ ମଙ୍ଗଳବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୧୮,୩୧୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୧,୦୮,୪୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୫୧,୧୦୦ ଟଙ୍କା ଛୁଇଁଛି। ଅଖିଳ ଭାରତୀୟ ସରାଫା ସଂଘର ରିପୋର୍ଟ ମୁତାବକ ମଙ୍ଗଳବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ମୂଲ୍ୟ ୧,୧୭,୪୪୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ଅପରପକ୍ଷେ ରୁପା କିଲୋ ପିଛା ୧,୫୦,୦୦୦ ଟଙ୍କା ରହିଛି।

ବଜାରରେ ସୁନା ଦର ବଢ଼ିବାର ଅନେକ କାରଣ ରହିଛି। ଆମେରିକାର ଶୁଳ୍କ ଯୋଗୁଁ ଭୂରାଜନୈତିକ ଉତ୍ତେଜନା ଜାରି ରହିଛି। ଏହା ସୁନାକୁ ସମର୍ଥନ କରୁଛି ଏବଂ ଏହାର ଚାହିଦା ବୃଦ୍ଧି କରୁଛି। ଫଳସ୍ୱରୂପ, ଚଳିତ ବର୍ଷ ସୁନା ମୂଲ୍ୟ ୧୪ ବର୍ଷର ରେକର୍ଡ ଭାଙ୍ଗିଛି।

### ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଇନଫ୍ରା ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ

## ମୁମ୍ବାଇ- ଇନ୍ଦୋରର ୬ଟି ସ୍ଥାନରେ ରେଡ୍

ନୂଆଦିଲ୍ଲୀ,୩୦।୯ (ଏଜେନ୍ସି): ବିଦେଶକୁ ବେଆଇନ ପାଣ୍ଠି ସ୍ଥାନାନ୍ତର ଅଭିଯୋଗରେ ଅନିଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇନ୍‌ଫ୍ରା ଉପରେ ପୁଣି ଚଢ଼ଉ କରିଛି ଫେମା ଆଇନ ଅଧୀନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ତଦନ୍ତକାରୀ ଏଜେନ୍ସି ଇନ୍ଦୋର ଏବଂ ମୁମ୍ବାଇର ୬ଟି ସ୍ଥାନରେ ଏ ସମ୍ପର୍କରେ ଅନୁସନ୍ଧାନ ଜାରି ରଖିଛି। ଏହା ପୂର୍ବରୁ ଅଗଷ୍ଟ ମାସରେ ଇଡି ଅନିଲ ଅମ୍ବାନୀଙ୍କୁ ତାଙ୍କ ଗ୍ରୁପ୍ କମ୍ପାନୀଗୁଡ଼ିକ ବିରୁଦ୍ଧରେ କୋଟି କୋଟି ଟଙ୍କାର ବ୍ୟାଙ୍କ ଋଣ ଠକେଇ ସହିତ ଜଡ଼ିତ ମନି ଲଣ୍ଡରିଂ ମାମଲାରେ ୧୦ ଘଣ୍ଟା ଧରି ପଚରାଉଚରା କରିଥିଲା।



ମଙ୍ଗଳବାର ଅନିଲ ଦିଲ୍ଲୀସ୍ଥିତ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର କାର୍ଯ୍ୟାଳୟରେ ପହଞ୍ଚିଥିଲେ ଏବଂ ରାତି ପ୍ରାୟ ୯ଟାରେ ସେଠାରୁ ବାହାରିଥିଲେ। ଇଡି ପିଏମ୍‌ଏଲ୍‌ଏ ଆଇନ ଅଧୀନରେ ଅନିଲ ଅମ୍ବାନୀଙ୍କ ବୟାନ ରେକର୍ଡ କରିଥିଲା। ତେ ବେ ପଚରାଉଚରା ସମୟରେ ଅନିଲ କମ୍ପାନୀରେ କୌଣସି ଭୁଲ କାର୍ଯ୍ୟକୁ ଅସ୍ୱୀକାର କରିଥିଲେ। ସେ କହିଥିଲେ ତାଙ୍କ କମ୍ପାନୀଗୁଡ଼ିକ ନିୟାମକଙ୍କୁ ସେମାନଙ୍କର ଆର୍ଥିକ ସ୍ଥିତି ବିଷୟରେ ଠିକ୍ ସମୟରେ କହିଥିଲେ। ସେ ତଦନ୍ତକାରୀ ଅଧିକାରୀମାନଙ୍କୁ ଏହା ମଧ୍ୟ କହିଥିଲେ ଯେ କମ୍ପାନୀଗୁଡ଼ିକ ସହ ଜଡ଼ିତ ସମସ୍ତ ଆର୍ଥିକ ନିଷ୍ପତ୍ତି କମ୍ପାନୀଗୁଡ଼ିକର ସମ୍ପୃକ୍ତ ବରିଷ୍ଠ କାର୍ଯ୍ୟନିର୍ବାହୀମାନଙ୍କ ଦ୍ୱାରା ନିଆଯାଇଥିଲା। ଏକ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅନିଲ ଅମ୍ବାନୀ ଗ୍ରୁପ୍ କମ୍ପାନୀକୁ ୬୮ କୋଟି ଟଙ୍କାର ଜାଲ୍ ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିବା ଅଭିଯୋଗରେ ଓଡ଼ିଶା ସ୍ଥିତ ଏକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପାର୍ଥ ସାରଥୀ ବିଶ୍ୱାଲଙ୍କୁ ଗିରଫ କରିଛି।

## ଜିନ୍ଦଲ ଷ୍ଟିଲ-ଅନୁଗୋଳ ପ୍ଲାଣ୍ଟରେ ନୂଆ ବେସିକ୍ ଅକ୍ସିଜେନ ଫର୍ନେସର ଶୁଭାରମ୍ଭ

ଅନୁଗୋଳ, ୩୦।୯ (ଏଜେନ୍ସି): ବିଶିଷ୍ଟ ଶିଳ୍ପପତି ଶ୍ରୀ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ପରିଚାଳିତ ଜିନ୍ଦଲ ଷ୍ଟିଲର ଅନୁଗୁଳ ସମନ୍ୱିତ ଷ୍ଟିଲ ପ୍ଲାଣ୍ଟରେ ୨୫୦ ମେଟ୍ରିକ ଟନ କ୍ଷମତାବିଶିଷ୍ଟ ବେସିକ ଅକ୍ସିଜେନ ଫର୍ନେସ କନଭର୍ଟରର ଶୁଭାରମ୍ଭ ହୋଇଛି। ଏହାଦ୍ୱାରା କମ୍ପାନୀର ଷ୍ଟିଲ ଉତ୍ପାଦନ କ୍ଷମତା ବାର୍ଷିକ ୩ ମିଲିୟନ ଟନ୍ ବୃଦ୍ଧି ପାଇଛି। ବର୍ତ୍ତମାନ ଅନୁଗୁଳ ଷ୍ଟିଲ ପ୍ଲାଣ୍ଟର ଉତ୍ପାଦନ କ୍ଷମତା ବାର୍ଷିକ ୬ ମିଲିୟନ ଟନରୁ ୯ ମିଲିୟନ ଟନକୁ ବୃଦ୍ଧି ପାଇଛି। ଏହି ଉପଲବ୍ଧି ସହ ଚଳିତ ଆର୍ଥିକ ବର୍ଷରେ ବାର୍ଷିକ ଉତ୍ପାଦନ ଲକ୍ଷ୍ୟ ୧୨ ମିଲିୟନ ଟନର ଆହୁରି ନିକଟତର ହୋଇଛି। ବ୍ଲାଷ୍ଟ ଫର୍ନେସ- ୨ ଏବଂ ନୂଆ ବିଓଏଫ୍ କନଭର୍ଟରର ଏକତ୍ର ଶୁଭାରମ୍ଭ ହେବା ଇସ୍ପାତ କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ସମ୍ପ୍ରସାରଣ ଦ୍ୱାରା ଉପଭୋକ୍ତା ଇସ୍ପାତ ଉତ୍ପାଦ ପ୍ରସ୍ତୁତି



କରୁଥିବା ପ୍ଲାଣ୍ଟଗୁଡ଼ିକ ପାଇଁ ଅବାଧ ଇସ୍ପାତ ଉପଲବ୍ଧି ସୁନିଶ୍ଚିତ ହେବ। ଭିତ୍ତିଭୂମି ନିର୍ମାଣ, ଶକ୍ତି ଉତ୍ପାଦନ, ଅଟୋମୋବାଇଲ, ତୈଳ ଏବଂ ଗ୍ୟାସ ଓ ରିୟଲ ଇଷ୍ଟେଟ କ୍ଷେତ୍ର ପାଇଁ ଉଚ୍ଚମାନର ତଥା ସ୍ୱଦେଶୀ ଇସ୍ପାତ ଉପଲବ୍ଧ ହୋଇପାରିବ ବୋଲି ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି।

## ପହିଲାରୁ ଡାକ ବିଭାଗର ଓଟିପି ଆଧାରିତ ବିତରଣ ସେବା

ନୂଆଦିଲ୍ଲୀ,୩୦।୯ (ଏଜେନ୍ସି): ଭାରତୀୟ ଡାକ ବିଭାଗ ଅକ୍ଟୋବର ପହିଲାରୁ ନୂତନ ସଂଶୋଧନ ଶୁଳ୍କ ଲାଗୁ କରାଯିବ। ଏଥିରେ ୫୦ ଗ୍ରାମ ପର୍ଯ୍ୟନ୍ତ ଓଜନ ବା ଦୂରତା ପାଇଁ ସ୍ଥାନୀୟ ସ୍ପିଡ୍ ପୋଷ୍ଟର ଶୁଳ୍କ ୧୯ ଟଙ୍କା ହେବା ସହିତ, ଅଧିକ ୨୦୦ କିମି ପାଇଁ ୪୭ ଟଙ୍କା ଶୁଳ୍କ ରଖାଯାଇଛି। ସେହିପରି ୫୧ ରୁ ୨୫୦ ଗ୍ରାମ ପର୍ଯ୍ୟନ୍ତ ୨୪ ରୁ ୭୭ ଟଙ୍କା ଓ ୨୫୧ ରୁ ୫୦୦ ଗ୍ରାମ ପର୍ଯ୍ୟନ୍ତ ୨୮ ରୁ ୯୩ ଟଙ୍କା ଶୁଳ୍କ ଦେବାକୁ ହେବ। ଅପରପକ୍ଷେ ଡକ୍ୟୁମେଣ୍ଟ ଏବଂ ପାର୍ସଲ ପ୍ରେରଣରେ ପ୍ରେରକଙ୍କ ପଞ୍ଜୀକରଣ ସୁବିଧାକୁ ବାଧ୍ୟତାମୂଳକ କରାଯାଇଛି। ପଞ୍ଜୀକରଣର ମୂଲ୍ୟଯୁକ୍ତ ସେବା ପାଇଁ ପ୍ରତି ସ୍ପିଡ୍ ପୋଷ୍ଟ ଆଇଟମ୍ (ଡକ୍ୟୁମେଣ୍ଟ/ପାର୍ସଲ୍) ପାଇଁ ୫ ଟଙ୍କାର ଏକ ନାମମାତ୍ର ଶୁଳ୍କ ଏବଂ ପ୍ରଯୁଜ୍ୟ ଜିଏସ୍‌ଟି ଲାଗୁ ହେବ। ଯେଉଁଠାରେ ଚିଠି ବା ପାର୍ସଲ କେବଳ ଠିକଣାପ୍ରାପ୍ତ ବ୍ୟକ୍ତି କିମ୍ବା ଠିକଣାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ଉପଯୁକ୍ତ ଭାବରେ ପ୍ରାଧୀକୃତ ବ୍ୟକ୍ତିଙ୍କୁ ବିତରଣ କରାଯିବ। ସେହିପରି, ୱାନ-ଟାଇମ୍ ପାସୱାର୍ଡ (ଓଟିପି) ଆଧାରିତ ବିତରଣ




ସେବା ପାଇଁ ପ୍ରତି ସ୍ପିଡ୍ ପୋଷ୍ଟ ଆଇଟମ୍ ନିମନ୍ତେ ୫ ଟଙ୍କା ଶୁଳ୍କ ଏବଂ ପ୍ରଯୁଜ୍ୟ ଜିଏସ୍‌ଟି ଲାଗୁ ହେବ। ଏହି ବୈଶିଷ୍ଟ୍ୟ ଅଧୀନରେ, ଡେଲିଭରୀ କର୍ମଚାରୀଙ୍କ ସହିତ ସେୟାର କରାଯାଇଥିବା ଓଟିପିର ସଫଳ ନିଶ୍ଚିତକରଣ ପରେ ହିଁ ଚିଠି କିମ୍ବା ପାର୍ସଲ ଠିକଣାକାରୀଙ୍କୁ ହସ୍ତାନ୍ତର କରାଯିବ। ଛାତ୍ରଛାତ୍ରୀଙ୍କ ପାଇଁ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଆବେଦନ ପତ୍ର ପ୍ରେରଣରେ ୧୦% ରିଆତି ଘୋଷଣା କରାଯାଇଛି।

ଏହା ସହିତ, ନୂତନ ବଲ୍କ ଗ୍ରାହକଙ୍କ ପାଇଁ ୫ ପ୍ରତିଶତ ରିହାତିର ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଚଳନ କରାଯାଇଛି। ବର୍ଦ୍ଧିତ ପରିଚାଳନା ଖର୍ଚ୍ଚ ପୂରଣ, ନୂତନ ଉଦ୍ଭାବନରେ ନିବେଶ ଏବଂ ସ୍ଥାୟୀ ଗୁଣୋତ୍ତର ସୁନିଶ୍ଚିତ କରିବା ପାଇଁ ସ୍ପିଡ୍ ପୋଷ୍ଟର ଶୁଳ୍କ (ଡକ୍ୟୁମେଣ୍ଟ) ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ ଅନୁସାରେ ସଂଶୋଧନ କରାଯାଇଛି। ସଂଶୋଧିତ ଶୁଳ୍କ ଅକ୍ଟୋବର ପହିଲାରୁ କାର୍ଯ୍ୟକାରୀ ହେବ। ୧୩ ବର୍ଷ ପରେ, ବଢ଼ୁଥିବା ପରିଚାଳନା ଖର୍ଚ୍ଚ ଓ ସେବାର ଆଧୁନିକୀକରଣକୁ ଧ୍ୟାନରେ ରଖି, ନୂଆ ଶୁଳ୍କ ଘୋଷଣା କରାଯାଇଥିବା ଡାକ ବିଭାଗ କହିଛି।

## ରାଜଧାନୀରେ କିସ୍‌ନା ଡ଼ାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀର ୨ୟ ଶୋ'ରୁମ




ଭୁବନେଶ୍ୱର,୩୦।୯ (ସମିସ): କିସ୍‌ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀ ପକ୍ଷରୁ ଭୁବନେଶ୍ୱର ଷ୍ଟାଲ୍‌ୱାର୍ଟ ହାଇଟ୍‌ଠାରେ ଏହାର ୨ୟ ଏକ୍ସକ୍ଲୁସିଭ ଶୋ'ରୁମର ଶୁଭାରମ୍ଭ କରାଯାଇଛି। ଏଥିରେ ରେ ହରି କ୍ରିଷ୍ଣା ଗ୍ରୁପ୍‌ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ ଯୋଗଦେଇଥିଲେ। କିସ୍‌ନା ପକ୍ଷରୁ ହୀରା ଅଳଙ୍କାରର ମେକିଂ ଚାର୍ଜ ଉପରେ ୭୫% ପର୍ଯ୍ୟନ୍ତ ରିଆତି ଏବଂ ସୁନା ଅଳଙ୍କାରର ମେକିଂ ଚାର୍ଜ ଉପରେ ୨୫% ପର୍ଯ୍ୟନ୍ତ ରିଆତି ପ୍ରଦାନ କରିବା ସହ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ ଓ ଡେବିଟ କାର୍ଡ ଉପରେ ଅତିରିକ୍ତ ୫%ର ତତ୍କାଳ ରିହାତି ପ୍ରଦାନ କରୁଛି। କିସ୍‌ନା ପକ୍ଷରୁ ଏକ ସ୍ୱତନ୍ତ୍ର ସପ୍ ଆଣ୍ଡ ୱିନ କ୍ୟାମ୍ପେନ ମଧ୍ୟ ପରିଚାଳନା କରାଯାଉଛି ଯେଉଁଠାରେ ଗ୍ରାହକମାନେ ସୁନା ଓ ହୀରା ଅଳଙ୍କାରର କ୍ରୟ ଉପରେ ୧୦୦୦ରୁ ଅଧିକ ସ୍କୁଟର ଓ ୨୦୦ରୁ ଅଧିକ କାର୍ ଜିତିବାର ଏକ ସୁଯୋଗ ପାଇପାରିବେ।

## ପକ୍ଷରୁ ପାର୍ବଣ ଋତୁରେ ସାର୍ବଜନୀନ ସୁରକ୍ଷା ବ୍ୟବସ୍ଥା ତ୍ୱରାନ୍ୱିତ ଡିସକମ୍

ଭୁବନେଶ୍ୱର,୩୦।୯ (ସମିସ): ରାଜ୍ୟରେ ପାର୍ବଣ ଋତୁ ଆରମ୍ଭ ହୋଇଥିବାବେଳେ ଟାଟା ପାୱାରର ଓଡ଼ିଶା ବିଦ୍ୟୁତ ବିତରକ କମ୍ପାନି ଯଥା ଟିପିସିଓଡିଏଲ, ଟିପିଏନଓଡିଏଲ, ଟିପିଏସଓଡିଏଲ ଏବଂ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଜନ ସାଧାରଣ ଯେଭଳି ସୁରକ୍ଷିତ ଭାବେ ଉତ୍ସବ ପାଳନ କରିପାରିବେ ଏବଂ ଅବିରତ ବିଦ୍ୟୁତ ସରବରାହ ପାଇପାରିବେ, ସେଥିପାଇଁ ସୁରକ୍ଷା ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରାଯାଇଛି। ଉତ୍ସବ ସମୟରେ ଭରସାଯୋଗ୍ୟ ଓ ଉଚ୍ଚ ମାନର ବିଦ୍ୟୁତ ଯୋଗାଣ ପାଇଁ ଡିସକମ୍‌ଗୁଡ଼ିକ ପ୍ରତିଶ୍ରୁତି ଦେଇଥିବାବେଳେ ଦୁର୍ଘଟଣା ରୋକିବା ଏବଂ ସୁରୁଖୁରୁ ଉତ୍ସବ ପାଳନ ସୁନିଶ୍ଚିତ କରିବା ପାଇଁ ଅତ୍ୟାବଶ୍ୟକ ବିଦ୍ୟୁତ ସୁରକ୍ଷା ଅଭ୍ୟାସଗୁଡ଼ିକୁ ପାଳନ କରିବାକୁ ଗ୍ରାହକମାନଙ୍କୁ ଆହ୍ୱାନ ଦିଆଯାଇଛି। ଏଥିରେ ସାଜସଜା

ଜିନିଷଗୁଡିକକୁ ଉପରେ ଝୁଲୁଥିବା ତାର ନିକଟରେ ନ ରଖିବାକୁ କୁହାଯାଇଛି ଏବଂ ମୂର୍ତି ବିସର୍ଜନ ସମୟରେ ଲୋକମାନଙ୍କୁ ଖୁଣ୍ଟ, ଟ୍ରାନ୍ସଫର୍ମର ଏବଂ ବିଜୁଳି ପ୍ରବାହିତ ହେଉଥିବା ତାରଠାରୁ ସୁରକ୍ଷିତ ଦୂରତା ବଜାୟ ରଖିବାକୁ ଅନୁରୋଧ କରାଯାଇଛି। ଏହା ବ୍ୟତୀତ ଅଗ୍ନିକାଣ୍ଡ କିମ୍ବା ବିଦ୍ୟୁତ୍ ଆଘାତ ରୋକିବା ପାଇଁ ମୌଳିକ ବିଦ୍ୟୁତ ଢାଂଚା ନିକଟରେ ବାଣ ଫୁଟାଇବାକୁ କଡ଼ା ଭାବେ ନିଷେଧ କରାଯାଇଛି।

### ଅକ୍ଟୋବର ପହିଲାରୁ ଆର୍‌ବିଆଇର ନୂଆ ନିୟମ

## ଶସ୍ତା ହେବ ଋଣ, କମିବ ଇଏମ୍‌ଆଇ

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ପାର୍ବଣରେ ସାଧାରଣ ଜନତାଙ୍କୁ ଆଶ୍ୱସ୍ତି। ଋଣ ସହିତ ଜଡିତ ଅନେକ ବଡ଼ ପରିବର୍ତ୍ତନ ଘୋଷଣା କରିଛି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)। ଏଣିକି ଋଣ ନେବା ଗ୍ରାହକଙ୍କ ପାଇଁ ସହଜ ହେବା ସହ ବଡ଼ ଋଣ ସହିତ ଜଡିତ ନିୟମ କୋହଳ କରିବାକୁ ଆର୍‌ବିଆଇ ଅନେକ ନୂଆ ପରିବର୍ତ୍ତନ କରିଛି। ଏହି ପରିବର୍ତ୍ତନଗୁଡିକ ମଧ୍ୟରୁ ତିନୋଟି ଅକ୍ଟୋବର ପହିଲାରୁ କାର୍ଯ୍ୟକାରୀ ହେବ। ବାକି ଚାରୋଟି ଉପରେ ବର୍ତ୍ତମାନ ବିଚାର ବିମର୍ଶ ଚାଲିଛି।

**ପ୍ରତି ସପ୍ତାହରେ ଅପ୍‌ଡେଟ୍ ହେବ କ୍ରେଡିଟ୍ ରିପୋର୍ଟ**

ବର୍ତ୍ତମାନ ଯଦି ଯଦି ଆପଣଙ୍କର ଫ୍ଲୋଟିଂ ହାରରେ ଋଣ ଅଛି, ତେବେ ବ୍ୟାଙ୍କ ତିନି ବର୍ଷର ଲକ୍-ଇନ୍ ଅବଧି ପୂର୍ବରୁ ମଧ୍ୟ ଆପଣଙ୍କର ଇଏମ୍‌ଆଇ ହ୍ରାସ କରିପାରିବେ। ଏହା ଆପଣଙ୍କୁ ସିଧାସଳଖ ଲାଭ ଦେବ ଏବଂ ଆପଣଙ୍କର ଇଏମ୍‌ଆଇ ହ୍ରାସ କରିପାରେ। ଏହାସହିତ, ସ୍ଥିର ହାର ଋଣ ନେଉଥିବା ଲୋକଙ୍କୁ ଏବେ ଫ୍ଲୋଟିଂ ରେଟ୍‌କୁ ପରିବର୍ତ୍ତନ କରିବାର ବିକଳ୍ପ ଦିଆଯାଇପାରେ। ଯଦିଓ ଏହା ବାଧ୍ୟତାମୂଳକ ହେବ ନାହିଁ, ବ୍ୟାଙ୍କଗୁଡ଼ିକ ଚାହିଁଲେ ଏହି ବିକଳ୍ପ ପ୍ରଦାନ




କରିପାରିବେ। ଏହା ଋଣଗ୍ରହୀତାଙ୍କୁ ନମନୀୟତା ପ୍ରଦାନ କରିବ ଓ ସମୟସୀମା ଆଧାରରେ ସଠିକ୍ ସୁଧ ହାର ବାଛିବା ସହଜ କରିବ।

ଏଣିକି କେବଳ ଅଳଙ୍କାର ବ୍ୟବସାୟୀ ନୁହେଁ ବରଂ ସୁନାକୁ କଞ୍ଚାମାଲ ଭାବରେ ବ୍ୟବହାର କରୁଥିବା ଯେକୌଣସି ବ୍ୟକ୍ତି , ଯେପରିକି ଛୋଟ ବ୍ୟବସାୟ ଓ କାରିଗରମାନେ ମଧ୍ୟ ସୁନା ଋଣ ପାଇପାରିବେ। ଏହା ସେମାନଙ୍କୁ ଛୋଟ ବ୍ୟବସାୟ ପାଇଁ କାର୍ଯ୍ୟକ୍ଷମ ପୁଞ୍ଜି ସଂଗ୍ରହ କରିବା ସହଜ କରିବ। ଏହାବ୍ୟତୀତ, ଆର୍‌ବିଆଇ ସୁନା ଧାତୁ ଋଣ ପାଇଁ ପରିଶୋଧ ଅବଧିକୁ ୧୮୦ ରୁ ୨୭୦ ଦିନକୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛି। ଏହାବ୍ୟତୀତ, ଅଣ-ନିର୍ମାଣକାରୀ ଅଳଙ୍କାର ଖୁଚୁରା ବ୍ୟବସାୟୀମାନେ ଏବେ ଆଉଟସୋର୍ସିଂ ପାଇଁ ଜିଏମ୍‌ଏଲ୍ ବ୍ୟବହାର କରିପାରିବେ। ଏହି ସମସ୍ତ ପରିବର୍ତ୍ତନ ଏମ୍‌ଏସ୍‌ଏମ୍‌ଇ ଏବଂ ଅଳଙ୍କାର କ୍ଷେତ୍ର ପାଇଁ ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହୋଇପାରେ। ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ ଅଫସୋର ବଜାର ମାଧ୍ୟମରେ ପାଣ୍ଠି ସଂଗ୍ରହ କରିବାର ପଥକୁ ସରଳ କରିଛି। ଫଳରେ ବ୍ୟାଙ୍କଗୁଡ଼ିକ ବିଦେଶୀ ମୁଦ୍ରା କିମ୍ବା ଟଙ୍କାରେ ବଣ୍ଡ ଜାରି କରି ଅଧିକ ପାଣ୍ଠି ସଂଗ୍ରହ କରିପାରିବେ। ଏହା ସେମାନଙ୍କର ଆର୍ଥିକ ସ୍ଥିତିକୁ ମଜବୁତ କରିବ ଏବଂ ସେମାନଙ୍କୁ ଅଧିକ ଋଣ ଦେବାକୁ ସକ୍ଷମ କରିବ।

କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟ ସୁପାରିଶ କରିଛି ଯେ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ଏଣିକି ପ୍ରତି ଦୁଇ ସପ୍ତାହରେ ଥରେ କ୍ରେଡିଟ୍ ବ୍ୟୁରୋକୁ ତଥ୍ୟ ଦାଖଲ କରିବେ। ଏହା ଲୋକଙ୍କ କ୍ରେଡିଟ୍ ରିପୋର୍ଟରେ ତ୍ରୁଟି ହ୍ରାସ କରିବ ଏବଂ ସେଗୁଡ଼ିକୁ ସମୟ ମଧ୍ୟରେ ସଂଶୋଧନ କରାଯାଇପାରିବ।

## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଆରମ୍ଭ

# ଭାରତକୁ ଜିତାଇଲେ ଦୀପ୍ତି, ଅମନଜୋତ୍

**ଗୌହାଟୀ, ୩୦।୯ (ଏଜେନ୍ସି):** ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ମଙ୍ଗଳବାର ଏଠାରେ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ଭାରତ ଉଦ୍‌ଘାଟନୀ ମୁକାବିଲାରେ ଡିଏଲ୍ ପଦ୍ଧତିରେ ୫୯ ରନରେ ସହ-ଆୟୋଜକ ଶ୍ରୀଲଙ୍କାକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଦୁଇ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଓ ଅମନଜୋତ୍ କୌର ଦମ୍‌ଦାର ପ୍ରଦର୍ଶନ କରି ଭାରତକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ରବିବାର ପାକିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି।

ବର୍ଷା ବାଧାପ୍ରାପ୍ତ ୪୭ ଓଭର ବିଶିଷ୍ଟ ଏହି ମ୍ୟାଚରେ ୨୭୧ ରନର ଲକ୍ଷ୍ୟକୁ ପିଛା କରିଥିବା ଶ୍ରୀଲଙ୍କା ପାଇଁ କୌଣସି ବ୍ୟାଟର୍ ବଡ଼ ପାଳି ଖେଳି ପାରି ନ ଥିଲେ। ଅଧିନାୟିକା ଚାମାରି ଆଟ୍ଟାପାଟ୍ଟୁ (୪୩ ରନ), ନୀଲାକ୍ଷୀ ଡି ସିଲ୍‌ଭା (୩୫) ଓ ହର୍ଷିତା ସମରବିକ୍ରମା (୨୯ ରନ) ଭଲ ଆରମ୍ଭ କରିଥିଲେ ମଧ୍ୟ ଏହାକୁ ବଡ଼ ସ୍କୋରରେ ରୂପାନ୍ତରିତ କରିପାରି ନ ଥିଲେ। ଫଳରେ ଦଳ ୪୫.୪ ଓଭରରେ ୨୧୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ଦୀପ୍ତି ୩ଟି ଏବଂ ସ୍ନେହ ରାଣା ଓ ଶ୍ରୀଚରଣୀ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

ପୂର୍ବରୁ ଏହି ଉଦ୍‌ଘାଟନୀ ଲଢ଼େଇରେ ଟସ୍ ହାରି ଘରୋଇ ଭାରତ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ଏକଦା ୮୧ ରନରେ ଗୋଟିଏ ୱିକେଟ୍ ହରାଇଥିବା ଭାରତ ୨୭ ଓଭର ବେଳକୁ ୬ ୱିକେଟ୍ ହରାଇ ୧୨୪ ରନ କରି ସଙ୍କଟରେ ପଡ଼ିଥିଲା। ତେବେ ଏହି ସମୟରେ ଅଭିଜ୍ଞ ଦୀପ୍ତି ଶର୍ମା ଓ ଯୁବ ଅଲ୍‌ରାଉଣ୍ଡର ଅମନଜୋତ୍ କୌର ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକୀୟ ପାଳି ଖେଳି ଦଳୀୟ ସ୍କୋରକୁ ୨୦୦ ରନ ପାର୍ କରାଇବାରେ ସହାୟତା କରିଥିଲେ। ଦୀପ୍ତି ୫୩ ବଲରେ ୫୩ ରନ କରି ୧୬ତମ ଦିନିକିଆ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିଭଳି ଅମନଜୋତ୍ ୫ ଚୌକା ଓ ୧ ଛକା ବଳରେ ୫୬ ବଲରୁ ୫୭ ରନ କରିଥିଲେ। ସ୍ନେହ ରାଣା ଶେଷ ଭାଗରେ ୧୫ ବଲରେ ଅପରାଜିତ ୨୮ ରନ କରିବାରୁ ଦଳର ସ୍କୋର ୮ ୱିକେଟ୍‌ରେ ୨୬୯ ରନ ହୋଇଥିଲା। ଶ୍ରୀଲଙ୍କା ପାଇଁ ଇନୋକା ୪ଟି ଓ ପ୍ରବୋଧିନୀ ୨ଟି ୱିକେଟ୍ ପାଇଥିଲେ। ମ୍ୟାଚରେ ବର୍ଷା ବାଧାପ୍ରାପ୍ତ ହୋଇଥିବାରୁ ଡିଏଲ୍ ପଦ୍ଧତିରେ ଶ୍ରୀଲଙ୍କା ସାମ୍ନାରେ ପୁନଃଧାର୍ଯ୍ୟ ଅନୁଯାୟୀ ୨୭୧ ରନର ଟାର୍ଗେଟ୍ ଦିଆଯାଇଥିଲା। ଦଳର ସ୍କୋର ୮ ୱିକେଟ୍‌ରେ ୨୬୯ ରନ ହୋଇଥିଲା। ଶ୍ରୀଲଙ୍କା ପାଇଁ ଇନୋକା ୪ଟି ଓ ପ୍ରବୋଧିନୀ ୨ଟି ୱିକେଟ୍ ପାଇଥିଲେ।


ଅମନଜୋତ୍ କୌର

### ମ୍ୟାଚ୍ କାର୍ଯ୍ୟସୂଚୀ

| | |
|---|---|
| ବୁଧବାର: | ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ |
| ଗୁରୁବାର: | ବାଂଲାଦେଶ-ପାକିସ୍ତାନ |
| ଶୁକ୍ରବାର: | ଇଂଲଣ୍ଡ-ଦକ୍ଷିଣଆଫ୍ରିକା |
| ଶନିବାର: | ଶ୍ରୀଲଙ୍କା ଅଷ୍ଟ୍ରେଲିଆ |

### ସମସ୍ତ ଭାରତୀୟ ଅଧିନାୟିକା ସମ୍ବର୍ଦ୍ଧିତ




ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ମହିଳା ଦିନିକିଆ ବିଶ୍ୱକପ୍ ପୂର୍ବରୁ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ବିସିସିଆଇ ଏକ ନିଆରା ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରିଥିଲା। ଏଥିରେ ଭାରତୀୟ ମହିଳା କ୍ରିକେଟ୍ ଇତିହାସର ସମସ୍ତ ଅଧିନାୟିକାଙ୍କୁ ନିମନ୍ତ୍ରଣ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ୧୯୭୫ରୁ ଭାରତୀୟ ମହିଳା କ୍ରିକେଟ୍ ଦଳ ଖେଳି ଆସିଥିବା ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚରୁ ବର୍ତ୍ତମାନ ପର୍ଯ୍ୟନ୍ତ ନେତୃତ୍ୱ ନେଇଥିବା ସମସ୍ତ ଅଧିନାୟିକା ଏହି ଅବସରରେ ଉପସ୍ଥିତ ରହିଥିଲେ। ଯେଉଁମାନଙ୍କ ମଧ୍ୟରେ ଶନ୍ତା ରଙ୍ଗାସ୍ୱାମୀ, ଡାଏନା ଏଡୁଲଜୀ, ପ୍ରମିଳା ଭଟ୍ଟ, ସୌଭାଗିନୀ କୁଲକର୍ଣ୍ଣୀ, ସନ୍ଧ୍ୟା ଅଗରୱାଲ, ନୀତୁ ଡେଭିଡ୍ ଓ ମିତାଲି ରାଜ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିସିସିଆଇର ସଭାପତି ମିଥୁନ ମାନହାସ ଉପସ୍ଥିତ ଥିଲେ।

## ବିଶ୍ୱ ପାରା ଆଥ୍‌ଲେଟିକ୍ସ

# ଜାଭେଲିନରେ ସନ୍ଦୀପଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି):** ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଚାଲିଥିବା ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଭାରତୀୟ ଖେଳାଳିଙ୍କ ପଦକ ବିଜୟ ଧାରା ଜାରି ରହିଛି। ମଙ୍ଗଳବାର ଭାରତୀୟ ଆଥ୍‌ଲେଟ୍ ୩ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ରହିଛି। ପୁରୁଷ ଜାଭେଲିନ ଥ୍ରୋ ଏଫ୍-୪୪ ବର୍ଗରେ ଭାରତର ସନ୍ଦିପ ସଞ୍ଜୟ ସାଗର ଓ ସନ୍ଦୀପ ଚୌଧୁରୀ ଯଥାକ୍ରମେ ପୋଡିୟମର ପ୍ରଥମ ଦୁଇଟି ସ୍ଥାନରେ ରହି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ସାଗର ୬୨.୮୨ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ସନ୍ଦୀପ ୬୨.୬୭ ମିଟର ସହ ଦ୍ୱିତୀୟ ସ୍ଥାନ ଲାଭ କରିଥିଲେ। ଅପରପକ୍ଷରେ ପୁରୁଷ ଡିସକସ୍ ଥ୍ରୋ ଏଫ୍-୫୬ ବର୍ଗରେ ଯୋଗେଶ କାଥୁନିୟା ରୌପ୍ୟ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି।



# ହକି କିମ୍ବଦନ୍ତୀ ଶାହିଦଙ୍କ ଘର ଭାଙ୍ଗିଲା ପ୍ରଶାସନ

**ବାରଣାସୀ, ୩୦।୯ (ଏଜେନ୍ସି):** ଭାରତୀୟ ହକି ଦଳର ପୂର୍ବତନ କିମ୍ବଦନ୍ତୀ ଖେଳାଳି ତଥା ପଦ୍ମଶ୍ରୀ ମହମ୍ମଦ ଶାହିଦ୍‌ଙ୍କ ଘରକୁ ଉତ୍ତର ପ୍ରଦେଶ ସରକାର ଭାଙ୍ଗିଦେଇଛି। ରାସ୍ତା ପ୍ରଶସ୍ତିକରଣ ଲାଗି ବୁଲଡୋଜର ସହାୟତାରେ ଘରର କିଛି ଅଂଶକୁ ଭଙ୍ଗାଯାଇଛି। ଶାହିଦଙ୍କ ଘର ବାରଣାସୀର କଚେରୀରୁ ସନ୍ଧହାରା ରାସ୍ତାରେ ଅବସ୍ଥିତ। ଏହି ଘଟଣାରେ ଶାହିଦଙ୍କ ଭଉଣୀ ନାଜନୀନ ପ୍ରଶାସନ ଉପରେ କ୍ଷୋଭ ପ୍ରକାଶ କରିବା ସହ ତାଙ୍କୁ କ୍ଷତିପୂରଣ ମିଳି ନ ଥିବା ଏବଂ ତାଙ୍କର ଆଉ କୌଣସି ବିକଳ୍ପ ବାସସ୍ଥାନ ନ ଥିବା କହିଛନ୍ତି। ତେବେ ବାରଣାସୀ ଏଡିଏମ୍ ଆଲୋକ ବର୍ମା କହିଛନ୍ତି, 'ରାସ୍ତା ପ୍ରଶସ୍ତୀକରଣ ପ୍ରକଳ୍ପରେ କେବଳ ସେହି ସମ୍ପତ୍ତିଗୁଡ଼ିକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଯାହାର ପୂର୍ବରୁ କ୍ଷତିପୂରଣ ପ୍ରଦାନ ଦିଆଯାଇଛି। ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ କ୍ଷତିପୂରଣ ଲାଗି ଆଧାର ଓ ଆକାଉଣ୍ଟ ବିବରଣୀ ମଗାଯାଇଥିଲା। କିନ୍ତୁ ସେମାନେ ଡକ୍ୟୁମେଣ୍ଟ ପ୍ରଦାନ କରିବାରେ ବିଫଳ ହୋଇଥିଲେ।' ଅପରପକ୍ଷରେ ଉତ୍ତର ପ୍ରଦେଶ କଂଗ୍ରେସ ସଭାପତି ଅଜୟ ରାୟ ଜଣେ କିମ୍ବଦନ୍ତୀ ଖେଳାଳିଙ୍କ ଘର ଭାଙ୍ଗିବା ଘଟଣାକୁ ନିନ୍ଦା କରିଛନ୍ତି।

# ପୁରସ୍କାର ଉତ୍ସବରେ ମୁଁ କାର୍ଟୁନ୍ ପରି ଛିଡ଼ା ହୋଇଥିଲି: ନକଭୀ

**ଦୁବାଇ, ୩୦।୯ (ଏଜେନ୍ସି):** ଏସିଆ କପ୍ କ୍ରିକେଟ୍‌ରେ ପାକିସ୍ତାନକୁ ୫ ୱିକେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଥିବା ଭାରତୀୟ ଦଳକୁ ଟ୍ରଫି ଦିଆ ନ ଯିବାକୁ ନେଇ ବିବାଦ ଘନେଇବାରେ ଲାଗିଛି। ଏସିଆନ କ୍ରିକେଟ୍ ପରିଷଦ (ଏସିସି)ର ମୁଖ୍ୟ ଥିବା ପାକିସ୍ତାନର ମୋହସୀନ ନକଭୀଙ୍କ ହାତରୁ ଟ୍ରଫି ଗ୍ରହଣ କରିବାକୁ ଭାରତୀୟ ଖେଳାଳି ମନା କରିଦେଇଥିଲେ। ଫଳରେ ନକଭୀ ଶେଷରେ ଏସିଆ କପ୍ ଟ୍ରଫି ଓ ଭାରତୀୟ ଖେଳାଳିଙ୍କ ପଦକ ନେଇ ହୋଟେଲକୁ ଚାଲିଯାଇଥିଲେ। ଏହାକୁ ନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆପତ୍ତି ଉଠାଇଥିଲା। ଏନେଇ ମଙ୍ଗଳବାର ଦୁବାଇରେ ଏସିସି ବୈଠକ ବସିଥିବାବେଳେ ଏଥିରେ ବିସିସିଆଇର ଉପସଭାପତି ରାଜୀବ ଶୁକ୍ଲା ଜୋରଦାର ବିରୋଧ କରିଥିଲେ। ଏସିଆ କପ୍ ଟ୍ରଫି କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ଯେ ସାଙ୍ଗରେ ନେଇ ପଳାଇବ ବୋଲି ରାଜୀବ ରୋକଠୋକ ନକୀଭଙ୍କୁ ଶୁଣାଇଦେଇଥିଲେ। ରାଜୀବ କହିଥିଲେ, 'ଏହା ଏସିସି ଟ୍ରଫି, କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଟ୍ରଫିକୁ ବିଜେତା ଦଳକୁ ଆନୁଷ୍ଠାନିକ ଭାବେ ପ୍ରଦାନ କରାଯିବାର ଥିଲା।' ଏଥିରେ ନକଭୀ ସଫେଇ ଦେଇ କହିଥିଲେ, 'କୌଣସି କାରଣ ନ ଥାଇ ମୁଁ ଷ୍ଟେଜ ଉପରେ କାର୍ଟୁନ ପରି ଛିଡ଼ା ହୋଇରହିଥିଲି। ଭାରତୀୟ ଦଳ ମୋ ହାତରୁ ଟ୍ରଫି ଗ୍ରହଣ କରିବ ନାହିଁ ବୋଲି ଏସିସିକୁ ଲିଖିତ ଭାବେ କୌଣସି ସ୍ଥାନରେ ଜଣାଇ ନ ଥିଲା।' ଏହାପରେ ରାଜୀବଙ୍କ କଡ଼ା ପ୍ରଶ୍ନକୁ ସାମ୍ନା କରି ନ ପାରି ନକଭୀ ଏ ପ୍ରସଙ୍ଗରେ ଏବେ ନୁହେଁ ପରେ ଆଲୋଚନା କରିବା କହି ଏଡ଼ାଇ ଯାଇଥିଲେ। ଉଲ୍ଲେଖଯୋଗ୍ୟ, ଭାରତୀୟ ଖେଳାଳି ମଙ୍ଗଳବାର ୟୁଏଇରୁ ବିନା ଟ୍ରଫିରେ ସ୍ୱଦେଶ ଫେରିଛି।

## ହାସିନାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପଡ଼ିଲା ମହଙ୍ଗା

# ଆଉ ବାଂଲାଦେଶ ପାଇଁ ଖେଳିପାରିବେନି ଶାକିବ

**ଢାକା, ୩୦।୯ (ଏଜେନ୍ସି):** ଅଭିଜ୍ଞ ଅଲ୍‌ରାଉଣ୍ଡର ଶାକିବ ଅଲ୍ ହାସନ ଆଉ ବାଂଲାଦେଶ କ୍ରିକେଟ୍ ଦଳ ପାଇଁ ଖେଳିପାରିବେ ନାହିଁ। ବର୍ତ୍ତମାନ ବାଂଲାଦେଶ ଅନ୍ତରୀଣ ସରକାରରେ କ୍ରୀଡ଼ା ପରାମର୍ଶଦାତା ଆସିଫ୍ ମହମ୍ମଦ ମଙ୍ଗଳବାର ଏହି ଘୋଷଣା କରିଛନ୍ତି। ବାଂଲାଦେଶରୁ ପଳାୟନ କରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଆୱାମୀ ଲିଗ୍ ମୁଖ୍ୟ ଶେଖ୍ ହାସିନାଙ୍କୁ ଶାକିବ ନିକଟରେ ଫେସବୁକ୍ ଜରିଆରେ ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ। ଏହି ଶୁଭେଚ୍ଛା ହିଁ ୩୮ ବର୍ଷୀୟ ଶାକିବଙ୍କୁ ମହଙ୍ଗା ପଡ଼ିଛି। ହାସିନା ସରକାରରେ ଶାକିବ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ତେବେ ହାସିନା ସରକାର ଭାଙ୍ଗିବା ପରଠାରୁ ଶାକିବ ଗତ ୧୨ ମାସ ହେବ ଆଉ ବାଂଲାଦେଶ ଆସିନାହାନ୍ତି। ସେହିଭଳି ତାଙ୍କୁ ମଧ୍ୟ ଜାତୀୟ ଦଳ ପାଇଁ ଚୟନ କରାଯାଉ ନ ଥିଲା। ଶାକିବ ଏବେ ୟୁଏଇରେ ରହୁଥିବାବେଳେ ବିଭିନ୍ନ ଦେଶରେ ଅନୁଷ୍ଠିତ ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍ ଖେଳୁଛନ୍ତି। ହାସିନାଙ୍କୁ ଶାକିବ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପରେ ଢାକାର ଏକ ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ ବାଂଲାଦେଶ କ୍ରୀଡ଼ା ପରାମର୍ଶଦାତା ଆସିଫ୍ କହିଛନ୍ତି, 'ଆମେ ତାଙ୍କୁ ବାଂଲାଦେଶ ପତାକା ବହନ କରିବାକୁ ଦେଇପାରିବୁ ନାହିଁ। ତାଙ୍କୁ ବାଂଲାଦେଶ ଜର୍ସି ପିନ୍ଧିବାକୁ ଅନୁମତି ଦେବା ମୋ ପାଇଁ ସମ୍ଭବ ହେବ ନାହିଁ। ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)କୁ ମୁଁ ପୂର୍ବରୁ କିଛି କହି ନ ଥିଲି। କିନ୍ତୁ ଏବେ ବିସିବି ପାଇଁ ମୋର ସ୍ପଷ୍ଟ ନିର୍ଦ୍ଦେଶ ହେବ ଯେ ଶାକିବ ଆଉ କେବେ ବାଂଲାଦେଶ ପାଇଁ ଖେଳିପାରିବେ ନାହିଁ।' ଉଲ୍ଲେଖଯୋଗ୍ୟ, ବାମହାତୀ ସ୍ପିନ ଅଲ୍‌ରାଉଣ୍ଡର ବାଂଲାଦେଶ ପାଇଁ ୭୧ ଟେଷ୍ଟ, ୨୪୭ ଦିନିକିଆ ଓ ୧୨୯ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଏହି ୩ଟି ଯାକ ଫର୍ମାଟ୍‌ରେ ସେ ଯଥାକ୍ରମେ ୪୬୦୯, ୭୫୭୦ ଓ ୨୫୫୧ ରନ ସଂଗ୍ରହ କରିଛନ୍ତି। ସେହିଭଳି ଟେଷ୍ଟରେ ୨୪୬, ଦିନିକିଆରେ ୩୧୭ ଓ ଟି-୨୦ରେ ୧୪୯ ୱିକେଟ୍ ତାଙ୍କ ନାମରେ ଲିପିବଦ୍ଧ ରହିଛି।



# ନେପାଳର ଐତିହାସିକ ସିରିଜ୍ ବିଜୟ

**ଶାରଜା, ୩୦।୯ (ଏଜେନ୍ସି):** ନେପାଳ କ୍ରିକେଟ୍ ଦଳ ଐତିହାସିକ ସିରିଜ ବିଜୟ ହାସଲ କରିଛି। ସୋମବାର ଏଠାରେ ଖେଳାଯାଇଥିବା ୨ୟ ଟି-୨୦ ମ୍ୟାଚରେ ନେପାଳ ୯୦ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ସିରିଜର ପ୍ରଥମ ମ୍ୟାଚରେ ମଧ୍ୟ ନେପାଳ ୧୯ ରନରେ ଜିତିଥିଲା। ଏଥିସହ ନେପାଳ ୨-୦ରେ ଆଗୁଆ ସିରିଜ କବଜା କରିନେଇଛି। ଫଳରେ ନେପାଳ ଏହାର କ୍ରିକେଟ୍ ଇତିହାସରେ ପ୍ରଥମଥର ଲାଗି ଏକ ଟେଷ୍ଟ ମାନ୍ୟତା ପାଇଥିବା ଦେଶ ବିପକ୍ଷରେ କୌଣସି ସିରିଜ ଜିତିବାର ଐତିହାସିକ ସଫଳତା ପାଇଛି। ସିରିଜର ଶେଷ ମ୍ୟାଚ୍ ମଙ୍ଗଳବାର ଖେଳାଯାଉଛି। ସୋମବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ରେ ଟସ୍ ଜିତି ବ୍ୟାଟିଂ କରିଥିବା ନେପାଳ ୱିକେଟ୍‌କିପର ଆସିଫ୍ ସେଫ୍ (୬୮) ଓ ସନ୍ଦୀପ ଜୋରା (୬୩)ଙ୍କ ଅର୍ଦ୍ଧଶତକ ବଳରେ ୬ ୱିକେଟ୍‌ରେ ୧୭୩ ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ୱେଷ୍ଟଇଣ୍ଡିଜ ଅଧିନାୟକ ଅକିଲା ହୋସେନ ଓ କାଏଲ୍ ମାୟର୍ସ ୨ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ୧୭.୧ ଓଭରରେ ୮୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜାସନ ହୋଲ୍ଡର ସର୍ବାଧିକ ୨୧ ରନ କରିଥିଲେ। ବିଜୟୀ ନେପାଳ ଦଳର ମହମ୍ମଦ ଆଦିଲ ଆଲାମଙ୍କୁ ୪ ଓ କୁଶଳ ଭୁର୍ତେଲଙ୍କୁ ୩ଟି ୱିକେଟ ମିଳିଥିଲା।

# ଜାପାନ ଓପନରେ ବୋପନ୍ନା ରନର୍ସଅପ୍

**ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି):** ଭେଟେରାନ ଭାରତୀୟ ଟେନିସ ଖେଳାଳି ରୋହନ ବୋପନ୍ନା ଜାପାନ ଓପନରେ ରନର୍ସଅପ୍ ହୋଇଛନ୍ତି। ଜାପାନର ତାକେରୁ ୟୁଜୁକିଙ୍କୁ ସାଥୀ କରି ପୁରୁଷ ଡବଲ୍ସ ଖେଳିଥିବା ବୋପନ୍ନା ଫାଇନାଲରେ ୫-୭, ୫-୭ ସିଧାସଳଖ ସେଟ୍‌ରେ ମୋନାକୋ-ଫ୍ରାନ୍ସ ଯୋଡ଼ି ହୁଗୋ ନ୍ୟାସ ଓ ଏଡୁରାଡୋ ଭାସେଲିନଙ୍କ ନିକଟରୁ ପରାସ୍ତ ହୋଇଥିଲେ। ୪୫ ବର୍ଷୀୟ ବୋପନ୍ନା ଏଠାରେ ଫାଇନାଲରେ ପ୍ରବେଶ ସହ ଓପନ୍ ଏରାରେ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ କୌଣସି ଏଟିପି ମାଷ୍ଟର୍ସ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି।

# ଓଡ଼ିଶା ପେଙ୍କାକ ସିଲାଟ୍ ଦଳକୁ ୨୧ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୩୦।୯ (ସମିସ)**

ଜାତୀୟ ଜୁନିଅର ପେଙ୍କାକ୍ ସିଲାଟ୍ ଚାମ୍ପିଅନସିପ୍‌ର ତ୍ରୟୋଦଶ ସଂସ୍କରଣ କର୍ଣ୍ଣାଟକର କୋପ୍ପାଲ ଜିଲ୍ଲାସ୍ଥିତ ଖେଲୋ ଇଣ୍ଡିଆ ଏକ୍ସଲେନ୍ସି ସେଣ୍ଟରେ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୨୬ରୁ ଆରମ୍ଭ ହୋଇଥିବା ଏହି ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ଉଲ୍ଲେଖନୀୟ ସଫଳତା ହାସଲ କରି ମୋଟ୍ ୪୮ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୨୧ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୧୭ଟି କାଂସ୍ୟ ପଦକ ରହିଛି। ଓଡ଼ିଶାର ୬୦ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିବାବେଳେ ରାହୁଲ ସା ଓ ପ୍ରକାଶ ବେହେରା ଦଳର ପ୍ରଶିକ୍ଷଣ ଦାୟିତ୍ୱ ତୁଲାଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ପେଙ୍କାକ୍ ସିଲାଟ ସଂଘ ସଭାପତି ତାପସ କୁମାର ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପ୍ପା, ଉପଦେଷ୍ଟା ସୁମନ ମୋଦି ଓ ଖୋର୍ଦ୍ଧା ସଂଘ ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଜାତୀୟ ଓପନ୍ ଆଥଲେଟିକ୍ସରେ ଓଡ଼ିଶାକୁ ୪ ପଦକ

**କଟକ, ୩୦।୯ (ସମିସ):** ରାଞ୍ଚିରେ ଆୟୋଜିତ ୬୪ତମ ଓପନ୍ ଆଥଲେଟିକ ଚାମ୍ପିଅନସିପରେ ଓଡ଼ିଶା ମୋଟ୍ ୪ଟି ପଦକ ଜିତିଛି। ମଙ୍ଗଳବାର ଶେଷ ଦିନରେ ମହିଳା ହାମର ଥ୍ରୋରେ ଦିବ୍ୟା ସାନ୍ଦିଲ୍ୟା ରୌପ୍ୟ ପଦକ ଜିତିଥିଲେ। ପ୍ରକାଶଯୋଗ୍ୟ, ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ୧୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପୁରୁଷ ୪୦୦ମିଟର ରିଲେରେ ଓଡ଼ିଆ ପ୍ରତିଯୋଗୀ କାଂସ୍ୟ ଜିତିଥିଲେ। ହାଇଜମ୍ପରେ କାଂସ୍ୟ ପଦକ ଜିତିଥିଲେ ସ୍ୱାଧୀ କୁମାର ମାଝୀ। ପୁରୁଷ ଲଙ୍ଗଜମ୍ପରେ ସରୁଣ ପାୟାସିଂହ ରୌପ୍ୟ ବିଜୟୀ ହୋଇଥିଲେ।








PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS